A Daily Odia Newspaper
SEITHO ARAMBHA
RNI No : ORIORI/2006/21585, Vol. : 19, Issue : 152
Wednesday, 06 August 2025, Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର,୦୬ ଅଗଷ୍ଟ, ୨୦୨୫, ପୃଷ୍ଠା : ୮, ମୂଲ୍ୟ : ୨ଟଙ୍କା
Seitho Arambha Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା,
ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା
ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ
ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର
କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର,୦୫/୦୮(ଆ.ପ୍ର): ଆସନ୍ତା ୧୪ ତାରିଖରୁ ରାଜ୍ୟରେ ଲଘୁଚାପ ବର୍ଷା ହୋଇପାରେ । ୧୩ ତାରିଖରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ପରେ ଏହା ଲଘୁଚାପ ରୂପ ନେବ । ଏହାର ପ୍ରଭାବରେ ୧୭ ତାରିଖ ଯାଏ ପ୍ରବଳ ବର୍ଷା ଲାଗି ରହିବ । ବରିଷ୍ଠ ପାଣିପାଗ ବିଶେଷଜ୍ଞ ପ୍ରଫେସର ଡ. ସୁରେନ୍ଦ୍ରନାଥ ପଶୁପାଳକ ଏହି ପୂର୍ବାନୁମାନ କରିଛନ୍ତି । ରାଜ୍ୟରେ ଏବେ ମୌସୁମୀ ନିଷ୍କ୍ରିୟ ଅଛି । ଆସନ୍ତା ୧୩ ତାରିଖରେ ଓଡ଼ିଶା ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ବା ଏହାର ଦକ୍ଷିଣରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ । ପରବର୍ତ୍ତୀ ୨୪ରୁ ୪୮ ଘଣ୍ଟାରେ ଏହା ଲଘୁଚାପ ରୂପ ନେବ । ଏହା ବର୍ଷା କରାଇବ । କେନ୍ଦ୍ରୀୟ ଓଡ଼ିଶା ଓ ଦକ୍ଷିଣ ଉପକୂଳରେ ମଧ୍ୟମ ପରିମାଣର ବର୍ଷା ହୋଇପାରେ । ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହେବ । ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା ଅଛି । ବଙ୍ଗୋପସାଗରରେ ଲଘୁଚାପ ବା ମୌସୁମୀ ଟ୍ରଫ୍ ଠିକ୍ ସ୍ଥାନରେ ସ୍ଥିତ ହେଲେ ରାଜ୍ୟରେ ଭଲ ବର୍ଷା ହୋଇଥାଏ । କିନ୍ତୁ ବର୍ତ୍ତମାନ ମୌସୁମୀ ଟ୍ରଫ୍ ଉତ୍ତରାଭିମୁଖୀ ହୋଇଛି । ଏବେ ହିମାଳୟ ଅଂଚଳରେ ବର୍ଷା ହେଉଛି । ୧୪ ତାରିଖ ଭିତରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟିର ସମ୍ଭାବନା ନାହିଁ । ଆସନ୍ତା ୧୦ ଦିନ ଯାଏ କେବଳ ପରିବହନ ଜନିତ ସ୍ୱଳ୍ପ ବର୍ଷା ହୋଇପାରେ । ବିସ୍ତୃତ ଅଂଚଳରେ ଅଧିକ ବର୍ଷା ସମ୍ଭାବନା ନାହିଁ ବୋଲି ଡ. ପଶୁପାଳକ ପୂର୍ବାନୁମାନ କରିଛନ୍ତି । ରାଜ୍ୟର ସବୁ ସ୍ଥାନରେ ପର୍ଯ୍ୟାପ୍ତ ପରିମାଣର ବର୍ଷା ହେଉନଥିବାରୁ ଅନେକ ସ୍ଥାନରେ ତଳି ଶୁଖା ହୋଇପାରୁନି ।

ଦିଲ୍ଲୀ ଗଲେ ମୋହନ: ଥଇଥାନ ହେବେ ଦଳୀୟ ନେତା

ଭୁବନେଶ୍ୱର,୦୫/୦୮(ଆ.ପ୍ର):ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ଖୁବଶୀଘ୍ର ନିଜର ଦଳୀୟ କର୍ମୀ ଓ ନେତାମାନଙ୍କୁ ବିଭିନ୍ନ ସରକାରୀ ପଦପଦବୀରେ ଥଇଥାନ କରିବେ । ଦଳର କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ବିଚାରବିମର୍ଶ କରି ଏହି ଥଇଥାନ ତାଲିକାକୁ ଚୂଡ଼ାନ୍ତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠୁ ୩ଦିନିଆ ଦିଲ୍ଲୀ ଗସ୍ତ କରିଥିବା ଜଣାପଡ଼ିଛି । ରାଜ୍ୟରେ ସରକାର ଗଠନର ପ୍ରାୟ ୧୪ମାସ ପରେ ଦଳର ୧୨ଜଣ ମହିଳା ନେତ୍ରୀଙ୍କୁ ରାଜ୍ୟ ମହିଳା ଆୟୋଗ ଓ ଶିଶୁ ସୁରକ୍ଷା ଅଧିକାର ଆୟୋଗରେ ଥଇଥାନ କରି ମୋହନ ସରକାର ଏହି ଥଇଥାନ ପ୍ରକ୍ରିୟାର ଶ୍ରୀଗଣେଶ କରିଛନ୍ତି । ବିଜେପି ସୂତ୍ର ଅନୁସାରେ, ଦଳ ପ୍ରଥମଥର ପାଇଁ ରାଜ୍ୟରେ ଏକାକୀ ସଂଖ୍ୟାଗରିଷ୍ଠତା ଆଣି କ୍ଷମତାସୀନ ହୋଇଥିବାରୁ ସରକାରରେ ଥଇଥାନ ହେବା ନିମନ୍ତେ ଆଶାୟୀ ଦଳୀୟ କର୍ମୀ ଓ ନେତାଙ୍କ ସଂଖ୍ୟା ଲମ୍ବିବାରେ ଲାଗିଛି । ଦଳରେ ବିଭିନ୍ନ ଗୋଷ୍ଠୀର ନେତାମାନେ ନିଜ ନିଜର ଅନୁଗତଙ୍କୁ ଥଇଥାନ କରିବା ନିମନ୍ତେ ଲବି ଓ ଚାପ ଜୋରଦାର କରୁଥିବାରୁ ସମସ୍ତଙ୍କୁ ସନ୍ତୁଷ୍ଟ କରିବା ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଛି । ତେବେ ଇତିମଧ୍ୟରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଓ

ଅନ୍ୟ ବରିଷ୍ଠ ନେତାମାନଙ୍କ ସହ ବିଚାରବିମର୍ଶ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରସ୍ତୁତ କରିଥିବା ତାଲିକାକୁ କେନ୍ଦ୍ରୀୟ ନେତୃତ୍ୱଙ୍କ ମୋହର ଦେବା ପାଇଁ ଦିଲ୍ଲୀ ଗସ୍ତରେ ଯାଇଥିବା ଜଣାପଡ଼ିଛି । ରାତି ପ୍ରାୟ ୮ଟା ୧୫ମିନିଟରେ ଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କର ୭ତାରିଖରେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସରକାରରେ ରାଜନୀତିକ ନିଯୁକ୍ତି ବା ଥଇଥାନ ତାଲିକାକୁ ଚୂଡ଼ାନ୍ତ କରିବେ । ତେବେ ମନ୍ତ୍ରିମଣ୍ଡଳ ଅଦଳବଦଳ କିମ୍ବା ସମ୍ପ୍ରସାରଣ ପ୍ରକ୍ରିୟା ଏବେ ସାମୟିକ ପାଇଁ ସ୍ଥଗିତ ରହିଥିବା ଜଣାପଡ଼ିଛି । ୮୭ଟି ପଦପଦବୀରେ ଥଇଥାନ ହେବେ ବିଜେପି ନେତା-କର୍ମୀ ଆଜି ରାଜ୍ୟ ମହିଳା ଆୟୋଗରେ ୫ଜଣ ଓ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ୭ଜଣ ଦଳୀୟ ନେତ୍ରୀଙ୍କୁ ଥଇଥାନ କରିଥିବା ମୋହନ ସରକାର ଆସନ୍ତା ଅଗଷ୍ଟ ୧୫ (ସ୍ୱାଧୀନତା ଦିବସ) ତାରିଖ ସୁଦ୍ଧା ବାକି ସରକାରୀ ପଦପଦବୀରେ ଦଳୀୟ ନେତାଙ୍କୁ ଅବସ୍ଥାପିତ କରିବାର ଯୋଜନା ରହିଛି । ଏଥିପାଇଁ ବିଭାଗଗୁଡ଼ିକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି । ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ଥିବା ବୋର୍ଡ ଓ ନିଗମ ସମେତ ଅନ୍ୟାନ୍ୟ ରାଜନୀତିକ ନେତୃତ୍ୱଙ୍କ ପାଇଁ ଉଦ୍ଦିଷ୍ଟ ପୂରଣ କରାଯିବ । ଏଭଳି ପ୍ରାୟ ୮୭ଟି ପଦପଦବୀ ଚିହ୍ନଟ ହୋଇଥିବାବେଳେ ସେଥିରୁ ୧୨ଟି ପୂରଣ ହୋଇସାରିଛି । ବାକି ୭୫ଟି ପଦବୀରେ ଦଳର କେଉଁ ନେତାମାନଙ୍କୁ ସୁଯୋଗ ମିଳୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି । ଯଦିଓ ବିଜେପି ରାଜ୍ୟରେ ଏକବର୍ଷରୁ ଅଧିକ ସମୟ ଧରି କ୍ଷମତାରେ ରହିଛି କିନ୍ତୁ ବିଭିନ୍ନ ବୋର୍ଡ, ନିଗମ ଓ ପରିଷଦଗୁଡ଼ିକରେ ଦଳୀୟ ନେତାଙ୍କୁ ଥଇଥାନ କରିନାହିଁ । କେବଳ ଦଳର ବରିଷ୍ଠ ନେତା ପିତାମ୍ବର ଆଚାର୍ଯ୍ୟଙ୍କୁ ଆଡଭୋକେଟ୍ ଜେନେରାଲ ଓ ପ୍ରକାଶ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଭାବେ ସରକାରୀ ପଦପଦବୀରେ ଥଇଥାନ କରାଯାଇଛି । ଅବଶ୍ୟ ସରକାରରେ ଥଇଥାନ ଆଶାୟୀ କିଛି ଆଗଧାଡ଼ିର ଦଳୀୟ କର୍ମୀ ଏବେ ଦିଲ୍ଲୀରେ ଡେରା ପକାଇଥିବାର ସୂଚନା ମିଳିଛି । ଏହି ଆଶାୟୀମାନେ ଦିଲ୍ଲୀରେ ଦଳର ମନ୍ତ୍ରୀ ଓ ବରିଷ୍ଠ ନେତାଙ୍କୁ ଭେଟି ନିଜ ନିଜ ସ୍ତରରେ ଲବି ଜୋରଦାର କରିବାରେ ଲାଗିଥିବା ଚର୍ଚ୍ଚା ।

ଅପାରଗ ଅଧିକାରୀଙ୍କ ତଥ୍ୟ ମାଗିଲେ ସରକାର

ଭୁବନେଶ୍ୱର,୦୫/୦୮(ଆ.ପ୍ର):ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ତଥ୍ୟ ମାଗିଲେ ରାଜ୍ୟ ସରକାର । କେଉଁ ବିଭାଗରେ କେତେ ଅପାରଗ ଅଧିକାରୀ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ତାର ତଥ୍ୟ ମାଗିଲେ ମୁଖ୍ୟ ଶାସନ ସଚିବ । ଏ ନେଇ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରୁ ସମସ୍ତ ବିଭାଗକୁ ଚିଠି କରାଯାଇଛି । ଆସନ୍ତା ୭ ତାରିଖ ସୁଦ୍ଧା ସମସ୍ତ ତଥ୍ୟ ସରକାରଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଲେଖାଯାଇଛି ଯେ, ଅଧିକାରୀ ଏବଂ କର୍ମଚାରୀଙ୍କ କାର୍ଯ୍ୟଶୈଳୀର ଚିକିନିଖ ସମୀକ୍ଷା କରାଯିବ । ଯେଉଁମାନେ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ ସମ୍ପାଦନା କରୁନାହାନ୍ତି ତଥା ଅପାରଗ ବୋଲି ବିବେଚିତ ହେବେ ସେମାନଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବ । ସାଧାରଣ ପ୍ରଶାସନ ବିଭାଗର ୨୦୧୯ ସେପ୍ଟେମ୍ବର ୨୪ର ସର୍କୁଲାର ଅନୁଯାୟୀ, ସମ୍ପୃକ୍ତ ଅପାରଗ ଅଧିକାରୀଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବ ।

ନିର୍ମାଣ ହେବ ୮୩୫ ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର,୦୫/୦୮(ଆ.ପ୍ର):ରାଜ୍ୟରେ ନିର୍ମାଣ ହେବ ୮୩୫ ଆଦର୍ଶ ବିଦ୍ୟାଳୟ । ପ୍ରତ୍ୟେକ ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ ସର୍ବାଧିକ ୭ କୋଟି ଟଙ୍କା । ଗ୍ରାମ ପଂଚାୟତର ମୁଖ୍ୟାଳୟରେ ନିର୍ମାଣ କରାଯିବ ସ୍କୁଲ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି । ବୈଠକରୁ ଜଣାଯାଇଛି ଯେ, ପ୍ରଥମ ପର୍ଯ୍ୟାୟରେ ୮୩୫ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେବ । ଏହି ବିଦ୍ୟାଳୟ ଗୁଡିକ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଏକ ଫିଡର ସ୍କୁଲ ଭାବରେ କାର୍ଯ୍ୟ କରିବ । ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୭ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ ରଖାଯାଇଛି । ଯେଉଁ ସ୍କୁଲରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଥିବେ, ୨ ଏକରରୁ ଅଧିକ ଜମି ଉପଲବ୍ଧ ହେଉଥିବ, ଏବଂ ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା ହେଉଥିବ, ସେହି ସ୍କୁଲ ଗୁଡ଼ିକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ନିର୍ମାଣ କରାଯିବ । ବୈଠକରେ ମୁଖ୍ୟମନ୍ତ୍ରୀ, ପ୍ରତ୍ୟେକ ଗ୍ରାମ ପଂଚାୟତର ହେଡକ୍ୱାର୍ଟର୍ସରେ ଭୌଗୋଳିକ ଅବସ୍ଥିତିକୁ ଦୃଷ୍ଟିରେ ରଖି ଗୋଟିଏ ଲେଖାଏଁ ଆଦର୍ଶ ସ୍କୁଲ ନିର୍ମାଣ କରାଯିବ । ବିଶେଷ କରି ଦୁର୍ଗମ ଓ ଦୂର ଅଂଚଳରେ ରହୁଥିବା ପିଲାଙ୍କ ଯିବା ଆସିବା ପାଇଁ ମାଗଣାରେ ପରିବହନ ସୁବିଧା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ପର୍ଯ୍ୟାପ୍ତ ଜମି ଥିବା ସ୍କୁଲଗୁଡ଼ିକୁ ଚୟନ କରାଯାଇ, ଭବିଷ୍ୟତରେ ହାଇସ୍କୁଲ ସ୍ତରକୁ ଅପଗ୍ରେଡ୍ ପାଇଁ ଏହାକୁ ଉନ୍ନତିକରଣ କରାଯିବ ।

ବିତର୍କକୁ ଆସିବାକୁ ବିରୋଧୀଙ୍କୁ ଆଇନ ମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୦୫/୦୮(ଅପ୍ର):ଆଇନଶୃଙ୍ଖଳା ନେଇ ବିରୋଧୀଙ୍କ ଅଭିଯୋଗ ଉପରେ କଡ଼ା ଜବାବ ରଖିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ମନ୍ତ୍ରୀ କହିଛନ୍ତି, ରାଜନୀତି ରୁଟି ସେକିବା ହେଉଛି ବିରୋଧୀଙ୍କ କାମ । ବିରୋଧୀ ରାଜନୀତି କରିବା ପାଇଁ ଅଯଥାରେ ନିଜ ରାଜ୍ୟକୁ ବଦନାମ କରୁଛନ୍ତି । କଂଗ୍ରେସକୁ ଟାର୍ଗେଟ୍ କରି କହିଲେ, ରାହୁଲ ଗାନ୍ଧୀ ଦେଶକୁ ବଦନାମ କରୁଛନ୍ତି । ଭକ୍ତ ଦାସଙ୍କ ନେତୃତ୍ୱାଧୀନ କଂଗ୍ରେସ ରାଜ୍ୟକୁ ବଦନାମ କରିବାର ଚେଷ୍ଟା କରୁଛି । ଜଳ ବିନା ମାଛ ଯେମିତି ଛଟପଟ ହୁଏ, ବିରୋଧୀଙ୍କ ଅବସ୍ଥାର ସେୟା । କ୍ଷମତା ଯିବା ପରେ ଛଟପଟ ହୋଇ ନିଜ ରାଜ୍ୟକୁ ବଦନାମ କରିବା, ମିଛ ପ୍ରପୋଗଣ୍ଡା କରିବା ଆରମ୍ଭ କରିଛନ୍ତି ବିରୋଧୀ । ରାଜନୈତିକ ଲଢେଇ ଯଦି ଲଢ଼ିବାକୁ ଚାହୁଁଛନ୍ତି ସଠିକ୍ ଭାବେ ଲଢନ୍ତୁ । ଆମେ ଉତ୍ତର ଦେବାକୁ ପ୍ରସ୍ତୁତ ଅଛୁ । ବିତର୍କକୁ ଆସିବାକୁ ଆହ୍ୱାନ ଦେଲେ ଆଇନ ମନ୍ତ୍ରୀ ।

ଜମ୍ମୁକାଶ୍ମୀରକୁ ମିଳିବ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା

ନୂଆଦିଲ୍ଲୀ,୦୫/୦୮(ନ୍ୟୁ.ଏ):ଜମ୍ମୁକାଶ୍ମୀରକୁ ପୁଣି ଥରେ ରାଜ୍ୟ ପାହ୍ୟା ଫେରାଇବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ପ୍ରଥମେ ପ୍ରଧାନମନ୍ତ୍ରୀ ମୋଦୀ,ପରେ ଗୃହମନ୍ତ୍ରୀ ଅମିତ ଶାହ ରାଷ୍ଟ୍ରପତିଙ୍କୁ ସାକ୍ଷାତ ଏହି ଚର୍ଚ୍ଚାକୁ ବଢ଼ାଇଛି । ଏହା ପୂର୍ବରୁ ଅମିତ ଶାହ ଲଗାତାର କିଛି ଦିନ ଧରି ରାଜ୍ୟ ମାନ୍ୟତା ନେଇ ଆଲୋଚନା କରିଛନ୍ତି । ସେପଟେ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଏନ୍‌ଡିଏ ସାଂସଦଙ୍କ ବୈଠକ ଡାକିଛନ୍ତି । ଏଥିରେ ଜମ୍ମୁ-କାଶ୍ମୀର ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଚର୍ଚ୍ଚା ହେଉଛି । ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇ ଏହାକୁ ୨ଟି କେନ୍ଦ୍ର ଶାସିତ ଅଂଚଳ (ଜମ୍ମୁ-କାଶ୍ମୀର ଓ ଲଦାଖ) ଭାବେ ଘୋଷଣା କରାଯାଇଥିଲା । ଆଜି ଅର୍ଥାତ୍ ଅଗଷ୍ଟ ୫ରେ ଏହାକୁ ୬ ବର୍ଷ ପୂରିଛି । ତେଣୁ ଜମ୍ମୁ-କାଶ୍ମୀରକୁ ରାଜ୍ୟ ମାନ୍ୟତା ପ୍ରଦାନ କରିବା ଲାଗି କେନ୍ଦ୍ର ସରକାର ଏକ ବିଲ୍ ଆଣିପାରନ୍ତି । ଛଅ ବର୍ଷ ତଳେ ଜମ୍ମୁ-କାଶ୍ମୀରକୁ ଦୁଇଟି କେନ୍ଦ୍ର ଶାସିତ ଅଂଚଳ କରାଯିବା ପରଠାରୁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅନେକଥର କହିଛନ୍ତି କି ଏହାକୁ ପୁଣି ରାଜ୍ୟ ମାନ୍ୟତା ଦିଆଯିବ । ୨୦୨୩ ଡିସେମ୍ବରରେ ସୁପ୍ରିମକୋର୍ଟ ଜମ୍ମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦର ବୈଧତାକୁ କାଏମ ରଖିବା ସହ ଏହାକୁ ଯଥାଶୀଘ୍ର ରାଜ୍ୟ ମାନ୍ୟତା ଦେବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସରକାର କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ସମୟ ସୀମା ଦେଇନଥିଲେ । ୨୦୨୪ରେ ଜମ୍ମୁ-କାଶ୍ମୀରରେ ନିର୍ବାଚନ ହୋଇଥିଲା ଏବଂ ୧୦ ବର୍ଷର ପ୍ରତୀକ୍ଷା ପରେ ଓମାର ଅବଦୁଲ୍ଲା ମୁଖ୍ୟମନ୍ତ୍ରୀ ବନିଥିଲେ । ଏହା ପରେ ମୁଖ୍ୟମନ୍ତ୍ରୀ ଓ ତାଙ୍କର ସହଯୋଗୀ ଦଳ ସମେତ କଂଗ୍ରେସ ରାଜ୍ୟ ମାନ୍ୟତା ଦାବି କରିଥିଲା । ଯଦି ଜମ୍ମୁ କାଶ୍ମୀରକୁ ରାଜ୍ୟ ମାନ୍ୟତା ମିଳିବ ତେବେ ସେଠାରେ ସାନି ନିର୍ବାଚନ ହେବ । କାରଣ ପୂର୍ବରୁ ଏହା କେନ୍ଦ୍ରଶାସିତ ଅଂଚଳ ଥିବା ବେଳେ ନିର୍ବାଚନ ହୋଇଥିଲା । ଗତ ଜୁନ୍‌ରେ ଓମାର ଅବଦୁଲ୍ଲା କହିଥିଲେ କି ଯଦି ଜମ୍ମୁ କାଶ୍ମୀରକୁ ରାଜ୍ୟ ମାନତା ମିଳିବ ତେବେ ବିଧାନସଭା ଭଙ୍ଗ କରାଯାଇ ସାନି ନିର୍ବାଚନ ହେଲେ ତାଙ୍କର ଆପତ୍ତି ନାହିଁ ।

ଚିନ୍ତା ବଢ଼ାଇଲାଣି ମ୍ୟାଲେରିଆ ସଂକ୍ରମଣ

ଭୁବନେଶ୍ୱର,୦୫/୦୮(ଆ.ପ୍ର):ଦମନର ନାୟକଙ୍କ ପାଇଁ ଅନୁଗୁଳରେ ଚ୍ୟାଲେଞ୍ଜ । ଅନୁଗୁଳ ଜିଲ୍ଲା ବଣ୍ଟରପାଳ, ଆଠମଲ୍ଲିକ, ତାଳଚେର ଓ ପାଲଲହଡ଼ାରେ ମଶା ଉପଦ୍ରବରେ ଅଂଚଳବାସୀ ଅତିଷ୍ଠ । ବଣ୍ଟରପାଳରେ ୧୨ ଆକ୍ରାନ୍ତ । ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ମ୍ୟାଲେରିଆ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ନେଇ ଆଶଙ୍କା । ରାୟଗଡ଼ା, କୋରାପୁଟ, କନ୍ଧମାଳ ଓ ମାଲକାନଗିରି ପରେ ଆଭ୍ୟନ୍ତରୀଣ ଓଡ଼ିଶାରେ ମାଡ଼ିଲାଣି ମ୍ୟାଲେରିଆ । ମଶା କାମୁଡ଼ାରେ ଅତିଷ୍ଠ ହେଲେଣି ଅନୁଗୁଳ ଜିଲ୍ଲାବାସୀ । ଡ୍ରେନେଜ ସୁବିଧା ନଥିବାରୁ ଜମି ରହୁଛି ବର୍ଷା ପାଣି । ଏତେତେଣେ ଅଳିଆ ଆବର୍ଜନା ପକାଇବା ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ସହ ମଶା ବଂଶ ବୃଦ୍ଧି ପାଉଛି । ଯାହା ମ୍ୟାଲେରିଆ ଭଳି ରୋଗକୁ ଡାକି ଆଣୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଚଳିତ ବର୍ଷ ବଣ୍ଟରପାଳ ବ୍ଲକରେ ୧୨ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଛନ୍ତି । ସେହିଭଳି ଆଠମଲ୍ଲିକ, ପାଲଲହଡ଼ା ଓ ଖଣି ପ୍ରବଣ ତାଳଚେରରେ ମଧ୍ୟ ସ୍ଥିତି ସାଙ୍ଘାତିକ ।

ଆଗକୁ ରାଜ୍ୟର ସମସ୍ତ ଥାନା ଘେରାଉ ହେବ: ଭକ୍ତ

ଭୁବନେଶ୍ୱର,୦୫/୦୮(ଆ.ପ୍ର):ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା ବିରୁଦ୍ଧରେ ସପ୍ତାହବ୍ୟାପି ଚୂଡ଼ାନ୍ତ କାର୍ଯ୍ୟକ୍ରମ ଘୋଷଣା କରିଛି କଂଗ୍ରେସ । ଆସନ୍ତା ୮ ତାରିଖ ଶୁକ୍ରବାର ବଳଙ୍ଗା ନାବାଳିକା ପୋଡ଼ି ଘଟଣାର ୩ ଦୁର୍ବୃତ୍ତଙ୍କ ଗିରଫ ଦାବିରେ କଟକ ସ୍ଥିତ ପୋଲିସ୍ ଡିଜି କାର୍ଯ୍ୟାଳୟକୁ ସହସ୍ର ସଂଖ୍ୟାରେ କଂଗ୍ରେସ କର୍ମୀ ଘେରାଉ କରିବେ । ସେଦିନ ସକାଳ ୧୦ଟାରେ ଘେରାଉ କାର୍ଯ୍ୟକ୍ରମ ଆରମ୍ଭ ହେବ । ମହିଳାଙ୍କ ସୁରକ୍ଷା ଦିଗରେ ସଚେତନ ମହିଳା ଓ ବ୍ୟକ୍ତି ବିଶେଷ, ଅନୁଷ୍ଠାନ ଓ ସଂଗଠନ ବହୁ ସଂଖ୍ୟାରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି । ସୂଚନାଯୋଗ୍ୟ, ଗତ ୨ ତାରିଖ ଶନିବାର ସନ୍ଧ୍ୟାରେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ପରେ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ପିସିସି ପକ୍ଷରୁ ଶ୍ରୀ ଦାସ ସରକାରଙ୍କୁ ସାତ ଦିନର ମହଲତ ଦେଇଥିଲେ । ସେହିପରି ଆସନ୍ତା ଅଗଷ୍ଟ ୧୦ ରବିବାର ପୂର୍ବାହ୍ନ ୮ଟା ୩୦ରେ ଦିବଂଗତ ବଳଙ୍ଗା ନାବାଳିକାଙ୍କ ପାଇଁ 'ନାରୀ ନ୍ୟାୟ ପଦଯାତ୍ରା' ବାୟାବରରୁ ବାହାରି ନିମାପଡ଼ାରେ ପହଂଚିବ । ଏଥିରେ ଯୋଗ ଦେଇ ବଳଙ୍ଗା ପୀଡ଼ିତାଙ୍କ ପାଇଁ ନ୍ୟାୟ ନିମନ୍ତେ ଲଢେଇରେ ସାମିଲ ହେବାକୁ ଶ୍ରୀ ଦାସ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି । ଅନ୍ୟ ପକ୍ଷରେ, ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଆସନ୍ତା ୧୪ ତାରିଖରେ ବାଲେଶ୍ୱରରେ ହେବାକୁ ଥିବା ନାରୀ ନ୍ୟାୟ ପଦଯାତ୍ରାର କାର୍ଯ୍ୟସୂଚୀ ମଧ୍ୟ ଶ୍ରୀ ଦାସ ଘୋଷଣା କରିଛନ୍ତି । ୧୪ ତାରିଖ ଗୁରୁବାର ପୂର୍ବାହ୍ନ ୯ ଟାରେ ଫକୀରମୋହନ କଲେଜ ପାଖରୁ ନାରୀ ନ୍ୟାୟ ପଦଯାତ୍ରାରେ ରାଜ୍ୟର ବରିଷ୍ଠ ନେତୃବୃନ୍ଦଙ୍କ ସହ ଅନ୍ୟ ସମସ୍ତଙ୍କୁ ନେଇ ଦଳ ପକ୍ଷରୁ ନଗର ପରିକ୍ରମା କରାଯିବ । ଏହାର ବିସ୍ତୃତ କାର୍ଯ୍ୟସୂଚୀ ଶୀଘ୍ର ପ୍ରକାଶ ପାଇବ । ସୂଚନାଯୋଗ୍ୟ, ଯେଉଁମାନଙ୍କ ଚାପରେ ବାଲେଶ୍ୱର ପୀଡ଼ିତାଙ୍କ ପାଇଁ ଏଫ୍‌ଆଇଆର୍ (FIR) ସୁଦ୍ଧା ରୁଜୁ କରାଗଲା ନାହିଁ,ସେମାନଙ୍କୁ ମଧ୍ୟ ଅଭିଯୁକ୍ତ ଭାବେ ତଦନ୍ତ ପରିସର ଭୁକ୍ତ କରିବାକୁ ଶ୍ରୀ ଦାସ ଦାବି କରିଛନ୍ତି । ଉପରୋକ୍ତ ସମସ୍ତ ଦାବି ପୂରଣ ନ ହେଲେ ସପ୍ତାହବ୍ୟାପୀ ରାଜ୍ୟର ସମସ୍ତ ଥାନାର ଘେରାଉ କାର୍ଯ୍ୟକ୍ରମ କଂଗ୍ରେସ କରିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି । ଅନ୍ୟପଟେ ଆଇନଶୃଙ୍ଖଳା ନେଇ କ'ଣ ଏମିତି ଆବଶ୍ୟକତା ପଡ଼ିଲା ଯେ, ଓଡ଼ିଶା ସରକାର ୟୁପି ମଡେଲରେ ଆଇନ ଆଣିବାକୁ କହୁଛନ୍ତି ବୋଲି ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି । ଓଡ଼ିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି । ପ୍ରଚଳିତ ଆଇନ ବ୍ୟବସ୍ଥା ଯଥେଷ୍ଟ ନୁହେଁ କି ବୋଲି ଗଣେଶ୍ୱର ପ୍ରଶ୍ନ ଉଠାଇଛନ୍ତି । ଅପରାଧୀ ମାନଙ୍କୁ କଠୋର ଦଣ୍ଡ ଦେବାକୁ ସରକାର ଚାହୁଁଛନ୍ତି । ଏହି ନିଷ୍ପତ୍ତିକୁ ସ୍ୱାଗତ କରୁଛୁ । ୨୦୨୨ରେ ବିଜେଡି ସରକାର ଏଭଳି ଯୋଜନା କରିଥିଲେ । ହେଲେ ଆଇନ ଯୋଜନାରେ ରହିଥିଲା ଆଇନରେ ପରିଣତ ହୋଇନଥିଲା ।

ଆମେରିକା ତାରିଫର ମୁକାବିଲା ପାଇଁ ଭାରତର ବଡ଼ ଯୋଜନା

ନୂଆଦିଲ୍ଲୀ,୦୫/୦୮(ନ୍ୟୁ.ଏ):ଆମେରିକା ଟାରିଫର ମୁକାବିଲା ପାଇଁ ଭାରତର ବଡ଼ ଯୋଜନା । ୨୦ ହଜାର କୋଟି ଟଙ୍କାର ମିଶନ ପାଇଁ ପ୍ରସ୍ତୁତି । ବିଶ୍ୱ ବାଣିଜ୍ୟ ଶୁଳ୍କ ମାଡ଼ର ଅନିଶ୍ଚିତତାରୁ ରପ୍ତାନିକାରୀଙ୍କୁ ଦେବ ସୁରକ୍ଷା । ଯୋଗାଇ ଦିଆଯିବ ଶସ୍ତା ଏବଂ ସହଜ ଋଣ । ବିଶ୍ୱର ପ୍ରମୁଖ ଦେଶରେ ଅଧିକ ବିକ୍ରି ହେବ ଇଣ୍ଡିଆନ୍ ବ୍ରାଣ୍ଡେଡ୍ ପ୍ରଡକ୍ଟ । ଆମେରିକାର ଶୁଳ୍କର ପ୍ରଭାବକୁ ହ୍ରାସ କରିବା ପାଇଁ ବଡ ପଦକ୍ଷେପ ନେଇଛି ଭାରତ । ରଣ୍ଟର ଏକ ରିପୋର୍ଟ ଅନୁଯାୟୀ, ଭାରତ ସରକାର ସେପ୍ଟେମ୍ବର ସୁଦ୍ଧା ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରୁଛନ୍ତି, ଯାହା ଅଧୀନରେ ରପ୍ତାନିକାରୀଙ୍କୁ ୨୦,୦୦୦ କୋଟି ଟଙ୍କାର ରପ୍ତାନି ପ୍ରୋତ୍ସାହନ ମିଶନ ଦ୍ୱାରା ସମର୍ଥନ କରାଯିବ । ଏହାର ଉଦ୍ଦେଶ୍ୟ ହେଉଛି ବିଶ୍ୱ ବାଣିଜ୍ୟ ଏବଂ ଶୁଳ୍କ ଆଘାତର ଅନିଶ୍ଚିତତାରୁ ଭାରତର ରପ୍ତାନିକାରୀଙ୍କୁ ସୁରକ୍ଷା ଦେବା । ଅଗଷ୍ଟ ୭ ତାରିଖରୁ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୨୫% ଟାରିଫ ଲାଗୁ କରିବ । ଏବେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ଶୁଳ୍କ ବୃଦ୍ଧି କରିବାକୁ କହିଛନ୍ତି । ଭାରତ ଋଷଠାରୁ ବିପୁଳ ପରିମାଣର ତେଲ କିଣୁଛି ଏବଂ ଋଷ ଏହି ଟଙ୍କାକୁ

ୟୁକ୍ରେନ ବିରୁଦ୍ଧରେ ବ୍ୟବହାର କରୁଛି ବୋଲି ଅଭିଯୋଗ କରିଛନ୍ତି ଟ୍ରମ୍ପ । ଟ୍ରମ୍ପ କହିଛନ୍ତି ଯେ ଯଦି ପରିସ୍ଥିତି ସମାନ ରହେ, ତେବେ ଆମେରିକା ଭାରତ ଉପରେ ଅଧିକ ଶୁଳ୍କ ଲଗାଇବ । କିନ୍ତୁ ଏପଟେ ଭାରତ ଟ୍ରମ୍ପ ଶୁଳ୍କ ମୁକାବିଲା କରିବା ପାଇଁ ଅନେକ ଉପାୟ ଅବଲମ୍ବନ କରୁଛି । ଭାରତ ବିଶ୍ୱ ବାଣିଜ୍ୟର ଅନିଶ୍ଚିତତା ଏବଂ ଉଠାନ-ପତନରୁ ଏହାର ରପ୍ତାନିକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ସେପ୍ଟେମ୍ବର ସୁଦ୍ଧା ଏକ ଦୀର୍ଘକାଳୀନ ଯୋଜନା ଉପସ୍ଥାପନ କରିବାକୁ ଯୋଜନା କରୁଛି । ରିପୋର୍ଟରେ କୁହାଯାଇଛି ଯେ ସରକାର ଏକ ନୂତନ ରପ୍ତାନି ପ୍ରୋତ୍ସାହନ ମିଶନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହା ଅଧୀନରେ ରପ୍ତାନିକାରୀମାନଙ୍କୁ ଶସ୍ତା ଏବଂ ସହଜ ଋଣ ଉପଲବ୍ଧ କରାଯିବ । ଏହା ଦ୍ୱାରା ସେମାନେ ସେମାନଙ୍କର ବ୍ୟବସାୟ ବୃଦ୍ଧି କରିପାରିବେ । ଏହା ବ୍ୟତୀତ, ବିଦେଶୀ ବଜାରରେ ଅଣ-ଶୁଳ୍କ ପ୍ରତିବନ୍ଧକଗୁଡ଼ିକର ମୁକାବିଲା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ । ଏହି ଯୋଜନା ଜାପାନ, କୋରିଆ ଏବଂ ସ୍ୱିଜରଲ୍ୟାଣ୍ଡ ଭଳି ଦେଶଗୁଡ଼ିକର ନୀତି ପରି ବିଶ୍ୱ ସ୍ତରରେ ଭାରତର ବ୍ରାଣ୍ଡକୁ ମାନ୍ୟତା ଦେବା ପାଇଁ ଚେଷ୍ଟା କରିବ । ଏହା ଅଧୀନରେ, ଇ-କମର୍ସ ହବ୍ ସୃଷ୍ଟି କରାଯିବ ଏବଂ ବିଭିନ୍ନ କେନ୍ଦ୍ରକୁ ରପ୍ତାନି କେନ୍ଦ୍ରରେ ପରିଣତ କରାଯିବ । ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ରପ୍ତାନିକାରୀମାନଙ୍କୁ ଘରୋଇ ବ୍ରାଣ୍ଡ ସୃଷ୍ଟି ଏବଂ ପ୍ରୋତ୍ସାହନ ପାଇଁ ଅନୁରୋଧ କରୁଛି । ଏହା ବିଦେଶୀ ବଜାରରେ ଭାରତୀୟ ଉତ୍ପାଦଗୁଡ଼ିକର ସ୍ୱୀକୃତି ବୃଦ୍ଧି କରିବ ଏବଂ ଆମେରିକା ଭଳି ସ୍ଥାନରେ ଲାଗୁ ହୋଇଥିବା ଶୁଳ୍କର ପ୍ରଭାବକୁ ହ୍ରାସ କରିବ । ଏହି ମିଶନ ବାଣିଜ୍ୟ, ଗଂଗର ଏବଂ ଅର୍ଥ ମନ୍ତ୍ରଣାଳୟ ସହିତ ମିଳିତ ଭାବରେ ପରିଚାଳିତ ହେବ । ଅଧିକାରୀମାନେ କହିଛନ୍ତି ଯେ ଯୋଜନାଟି ଅଗଷ୍ଟ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବ ଯାହା ଦ୍ୱାରା ଏହାକୁ ସେପ୍ଟେମ୍ବରରୁ କାର୍ଯ୍ୟକାରୀ କରାଯାଇପାରିବ ।

ADMISSION OPEN- 2025
MODERN
I.T.I
TRADE:
FITTER &
ELECTRICIAN
Affiliated to NCVT, Govt. of India, New Delhi
STIPEND FACILITY FOR SC/ST/OBC STUDENTS
Special Concession for very poor & girl students
Sundari, P.O.- Sunhat, Balasore
9437485676, 8249839157, 9438214434

ଦୁଇଟି ପ୍ରକଳ୍ପର ଶୁଭ ଉଦଘାଟନ ଓ ଭିତିପ୍ରସ୍ତର ସ୍ଥାପନା କଲେ ବିଧାୟକ

ପାତ୍ରପୁର, ୫/୦୮ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକରେ ମଙ୍ଗଳବାର ଦିନ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଗ୍ରାମ୍ୟ ପାଇପ୍ ଜଳଯୋଗ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ଓ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଶୁଭ ଉଦଘାଟନ କଲେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା । ମଙ୍ଗଳବାର ଦିନ ପାତ୍ରପୁର ବ୍ଲକ ପରିସରରେ ବିଧାୟକ ପଚିଁଶ ଦୁଇ କୋଟିରୁ ଉର୍ଦ୍ଧ୍ୱ ଅନୁଦାନରେ ନୂତନ ଭାବେ ଗ୍ରାମ୍ୟ ପାଇପ୍ ଜଳଯୋଗ ପ୍ରକଳ୍ପ ଉନ୍ନତିକରଣ ପାଇଁ ଭିତି ପ୍ରସ୍ତର ସ୍ଥାପନ କରିଥିଲେ । ଏଥି ସହିତ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନୂତନ ଭାବେ ନିର୍ମାଣ ହୋଇଥିବା ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନୂତନ କୋଠାକୁ ମଧ୍ୟ ଶୁଭ ଉଦଘାଟନ କରିଛନ୍ତି ।ଉଦଘାଟନ ସମୟରେ ବ୍ଲକ ଅଧ୍ୟକ୍ଷ ଓ୍ୱାଇ ସଞ୍ଜୁକ୍ତା ରେଡି, ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ,ନାରୀନେତ୍ରୀ ମୀନା ଦ୍ୟାନ ସାମନ୍ତରା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରବର୍ଟ ପ୍ରଧାନ, ଦିଗପହଣ୍ଡି ସହକାରୀ ଯନ୍ତ୍ରୀ ଏସ୍ ଭୀମାରାଓ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ, ପାତ୍ରପୁର ସରପଂଚ ସଦାନନ୍ଦ ନାୟକ, ସାମନ୍ତିଆପଲ୍ଲୀ ସରପଂଚ ଏନ୍ ତିରୁପତିଙ୍କ ସହିତ ବହୁ ନେତା ଓ ଜନସାଧାରଣ ଉପସ୍ଥିତ ଥିଲେ । ଅନ୍ୟ ପକ୍ଷରେ ପାତ୍ରପୁର ବ୍ଲକ ସଦରମହକୁମା ପାତ୍ରପୁର ଗ୍ରାମରେ ବହୁ ଦିନ ଧରି ପିଇବା ପାଣି ସମସ୍ୟା ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଯୋଗୁଁ ତାହାର ଖସଡ଼ା ପ୍ରସ୍ତୁତ କରିବା ପାଇଁ ଗ୍ରାମବାସୀ, ବଜାର କମିଟି, ସଚେତନ ନାଗରିକ ମଂଚ ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ପାତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ବିଧାୟକଙ୍କ ତତ୍ତ୍ୱାବଧାନରେ ଓ୍ୱାଇ ସଞ୍ଜୁକ୍ତା ରେଡିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ମୀନା ଦ୍ୟାନ ସାମନ୍ତରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ ମଂଚାସୀନ ଥିଲେ । ଆଗାମୀ ଦିନରେ ପାତ୍ରପୁର ଗ୍ରାମରେ ଥିବା ସମସ୍ତ ସାହି ଓ ବଜାର ମାନଙ୍କରେ ଥିବା ପରିମଳ ବ୍ୟବସ୍ଥା ଓ ପ୍ରତ୍ୟେକ ସାହିକୁ କିପରି ପିଇବା ପାଣି ସମସ୍ୟାର ସମାଧାନ ହୋଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବା ସହିତ ବ୍ଲକ ସ୍ତରୀୟ, ପଂଚାୟତ ସ୍ତରୀୟ ଓ ଗ୍ରାମ ସ୍ତରୀୟ କମିଟି ଗଠନ କରି ଉକ୍ତ କମିଟି ଜରିଆରେ ପିଇବା ପାଣି ଓ ପରିମଳ ବ୍ୟବସ୍ଥା ପରିଚାଳନା କରାଯିବା ନେଇ ସହକାରୀ ଯନ୍ତ୍ରୀ ଏସ୍ ଭୀମାରାଓ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

୧୨ଜାଲି ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସୁରକ୍ଷା ଯୋଗାଇ ହରଡଗଣାରେ ବିଇଓ

ଟାଙ୍ଗୀ ଚୌଦ୍ୱାର, ୫/୦୮ (ଆ.ପ୍ର) : ଜାଲ ପ୍ରମାଣପତ୍ରରେ ହତେଇଥିବା ୧୨ଜଣ ଶିକ୍ଷୟତ୍ରୀଶିକ୍ଷକଙ୍କୁ ଦଣ୍ଡ ଦେବାକୁ କାହିଁକି କୁଣ୍ଠକୁଣ୍ଠ ଶିକ୍ଷାବିଭାଗ । ସେମାନଙ୍କୁ ଘଂଟ ଘୋଡାଉଛନ୍ତି କି ବ୍ଲକ ଶିକ୍ଷା ଅଧିକାରୀ । ଏଭଳି ପ୍ରଶ୍ନ ଏଥିପାଇଁ ଉଠୁଛି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶିକ୍ଷା ବିଭାଗରୁ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା କିଛି ସେଭଳି ଦିଗ ଆଡକୁ ଇଙ୍ଗିତ କରୁଛି । କିରାଣୀ ପ୍ରିୟଦର୍ଶୀ ନାୟକ କହିବା ମୁତାବକ,ଗତ ଆଠ ଦିନ ସେମାନଙ୍କ ବିରୁଦ୍ଧରେ କାରଣ ଦର୍ଶାଅ ନୋଟିସ୍ ପ୍ରସ୍ତୁତ କରି ଫାଇଲକୁ ସ୍ୱାକ୍ଷର ପାଇଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକଙ୍କ ଟେବୁଲ୍ କୁ ପଠାଇଦେଇଛି । କିନ୍ତୁ ବିଇଓ କୌଣସି ବାହାନା ଦେଖାଇ ଦିନ ପରେ ଦିନ ଗଡ଼ାଇ ଚାଲିବା ସହ ନୋଟିସରେ ସ୍ୱାକ୍ଷର ଦେଉନାହାନ୍ତି । ଯାହା ଫଳରେ ଉକ୍ତ ୧୨ଜଣ ଶିକ୍ଷୟତ୍ରୀଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାରେ ବିଳମ୍ବ ହେଉଛି ବୋଲି ସେ କହିଥିଲେ । ଏଥିରୁ ଯାହା ଦର୍ଶାଉଛି ଜାଲିଆ ଶିକ୍ଷୟତ୍ରୀଶିକ୍ଷକଙ୍କୁ ଜାଣିଶୁଣି ବିଇଓ ପ୍ରଶୟ ଦେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ପ୍ରକାଶ ଥାଉକି, ଜାଲ ଜାତିଗତ, ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଦେଇ ଟାଙ୍ଗୀ- ଚୌଦ୍ୱାର ବ୍ଲକ୍ ଅଧିନ ବିଭିନ୍ନ ବିଦ୍ୟାଳୟରେ ୧୨ଜଣ ଶିକ୍ଷୟତ୍ରୀଶିକ୍ଷକ ପଦବୀ ହାତେଇଛନ୍ତି ବୋଲି କଟକ ଏମ୍ ପିଙ୍କ ପ୍ରତିନିଧି ଚିତ ରଞ୍ଜନ ମଲିକ ଅଭିଯୋଗ ଆଣିଥିଲେ । ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକଙ୍କୁ ଭେଟି ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ କରିଥିଲେ । କିନ୍ତୁ ଏବେ ଯାହା ଜଣା ପଡୁଛି ବିଇଓ ଉକ୍ତ ଅଭିଯୋଗକୁ ଗୁରୁତ୍ୱ ଦେଉନାହାନ୍ତି । ଫଳରେ ଶିକ୍ଷାଗତ ଯୋଗ୍ୟତା ନ ଥାଇ ବି ବର୍ଷ ବର୍ଷ ଧରି ଶିକ୍ଷୟତ୍ରୀଶିକ୍ଷକ ପଦବୀ ହାତେଇ ବିଭିନ୍ନ ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢାଉଥିବା ଦ୍ୱାରା ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ଫଳରେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଧୀରେ ଧୀରେ ଅନ୍ଧାରକୁ ଠେଲି ହୋଇ ଯାଉଛି । ଆଗାମୀ ଦିନରେ ବିଇଓଙ୍କ ଏହି ମନମୁଖୀ କାର୍ଯ୍ୟରୁ ନିବୃତ ରୁହନ୍ତି ନଚେତ ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ଓ କଲେକ୍ଟରଙ୍କୁ ଅବଗତ କରାଇବେ ବୋଲି ଏମ୍ ପିଙ୍କ ପ୍ରତିନିଧି ମଲିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ଏ ନେଇ ବିଇଓ ବାରମ୍ବାର ଫୋନ୍ ଓ ବ୍ୟକ୍ତିଗତ ଭେଟି ଥିଲେ ମଧ୍ୟ ସେ କୌଣସି ସନ୍ତୋଷ ଜନକ ଉତର ନ ଦେଇ ପ୍ରସଙ୍ଗକୁ ଏଡାଇ ଚାଲିଯାଇଥିଲେ । ଫଳରେ ବିଇଓଙ୍କ ଭୂମିକା ସନ୍ଦେହ ଘେରକୁ ଟାଣି ଆଣୁଛି ।

ଚାଷୀଙ୍କ ପାଇଁ ବରଦାନ ସାଜିଛି ମନରେଗା କେନାଲ

ଭବାନୀପାଟଣା, ୫/୦୮ (ଆ.ପ୍ର) : (ଅ.ପ୍ର) : ସାଧାରଣତଃ କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ଚାଷ ଜମିକୁ ପାଣି ଯୋଗାଣ ପାଇଁ କେନାଲ ଖନନ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ପକ୍ଷରୁ ଯେଉଁ ଜାଗାକୁ କ୍ଷୁଦ୍ର ଜଳ ସେଚନ ବିଭାଗ କେନାଲ ପହଂଚାଇ ପାରି ନାହିଁ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ଦୂର ଦୃଷ୍ଟି ଫଳରେ ବ୍ଲକରେ ପ୍ରଥମ ଥର ପାଇଁ ମନରେଗା ଯୋଜନାରେ କଂକ୍ରିଟ କେନାଲ କାମ ହୋଇ ପାରିଛି । ବର୍ତ୍ତମାନ ଚାଷୀ ଏହି କେନାଲ ଯୋଗେ ନିଜ ଜମିକୁ ପାଣି ମଡାଇ ପାରୁଛି ଯାହାକି ଫଳରେ ଏହି ମନରେଗା କେନାଲ ଚାଷୀଙ୍କ ପାଇଁ ବରଦାନ ସାଜିଛି । କେଗାଁ ଅଂଚଳକୁ ବ୍ଲକ ଅଧ୍ୟକ୍ଷ ଆସିଥିବା ବେଳେ ଚାଷୀ ମାନେ ଅଧ୍ୟକ୍ଷଙ୍କ ଗାଡିକୁ ଅଟକାଇ ଚାଷ ଜମିର ପାଣି ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ । ପାଖରେ କ୍ଷୁଦ୍ର ଜଳସେଚନର ମୁଖ୍ୟ କେନାଲ ଥିଲେ ମଧ୍ୟ ଚାଷୀ ମୁଖ୍ୟ କେନାଲରୁ ନିଜ ଚାଷ ଜମିକୁ ପାଣି ମଡାଇବାକୁ ଅସମର୍ଥ ହେଉଥିବା କହିଥିଲେ । ଚାଷୀ ନିଜେ ନାଳ କରି ନିଜ ଜମିକୁ ପାଣି ମଡାଉଥିଲେ ସୁଦ୍ଧା ତାହା ସମୁଦ୍ରକୁ ଶଙ୍ଖେ ପାଣି ହେଉଥିବା ଅଭିଯୋଗ କରିଥିଲେ । ବ୍ଲକ ଅଧ୍ୟକ୍ଷ ଏହି ବିଷୟରେ ବିଡ଼ିଓ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପାଳ, ମାନ୍ୟବର ପଂଚାୟତ ରାଜ ମନ୍ତ୍ରୀଙ୍କ ସହିତ ଆଲୋଚନା କରିବି ଓ ନିଶ୍ଚୟ କେନାଲର ବ୍ୟବସ୍ଥା କରାଯିବ ବୋଲି ଅଟକାଇ ଥିବା ଚାଷୀ ମାନଙ୍କୁ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେବାରୁ ଚାଷୀ ମାନେ ଅଧ୍ୟକ୍ଷଙ୍କ ଗାଡିକୁ ଛାଡି ଦେଇଥିଲେ । ତତ୍କାଳୀନ ବିଡ଼ିଓ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି ମନରେଗା ଯୋଜନା ମାଧ୍ୟମରେ କେନାଲର ବ୍ୟବସ୍ଥା କରିଥିଲେ । ଚଳିତ ବର୍ଷ ଆର୍ଥିକ ବର୍ଷରେ ଗ୍ରୀଷ୍ମ କାଳରେ ଏହି କେନାଲ କାମ ସଂପୂର୍ଣ୍ଣ ହୋଇଥିବା ବେଳେ ବର୍ତ୍ତମାନ ଚାଷୀ କ୍ଷୁଦ୍ର ଜଳସେଚନ ବିଭାଗର ମୁଖ୍ୟ କେନାଲରୁ ନିଜ ଚାଷ ଜମିକୁ ଜଳସେଚିତ କରିପାରୁଛି । ନିଜ ଚାଷ ଜମିରେ ଜଳସେଚନ ହୋଇପାରିଥିବାରୁ ଚାଷୀ ମୁହଁରେ ହସ ଫୁଟିଛି । ଏଥିପାଇଁ କେଗାଁର ଚାଷୀ ଧର୍ଯ୍ୟ ନାଏକ, ପୁନି ଚଣ୍ଡି, ଦଶରଥ ମାଝୀ, ଜନାକୃଷ୍ଣ ଧଙ୍ଗଡାମାଝୀ, ଦୁଃଖୁ ପୁଜାରୀ, ଦୁଲ ଚଣ୍ଡି, ନିଳମଣି ପୁଟେଲ, ପଙ୍କଜ ପୁଟେଲ, ମଧୁସୂଦନ ଧଙ୍ଗଡାମାଝୀ, ଦିନବନ୍ଧୁ ଧଙ୍ଗଡାମାଝୀ, ଟୁନା ଧଙ୍ଗଡାମାଝୀ, ରାମ ଧଙ୍ଗଡାମାଝୀ, ପିତାମ୍ବର ନାଏକ, ମୁଦିଆ ପୁଟେଲ, ଦୁର୍ବଳ ପୁଟେଲ, ଲୋକେଶ୍ୱର ପୁଟେଲଙ୍କ ସମେତ ଶତାଧିକ ଚାଷୀ ବ୍ଲକ ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ ଏହି କେନାଲ ଦ୍ୱାରା କେଗାଁ ଗ୍ରାମପଂଚାୟତର ଚାଷୀ ମାନେ ଉପକୃତ ହେବା ସହିତ ସିନାପାଲି ଗ୍ରାମ ପଂଚାୟତର ଚାଷୀ ମଧ୍ୟ ନିଜ ଜମିରେ ଜଳସେଚିତ କରି ଉପକୃତ ହୋଇ ପାରିଛନ୍ତି ।

ଶିକ୍ଷକଙ୍କ ବଦଳି ବାତିଲ ନେଇ ସ୍କୁଲରେ ତାଲା ମାରିଲେ ଅଭିଭାବକ, ଛାତ୍ରୀଛାତ୍ର

ନୂଆପଡ଼ା, ୫/୦୮ (ଆ.ପ୍ର) : ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବାଦୀ ପଂଚାୟତର କୁନାନୀ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରେ ଥିବା ଶିକ୍ଷକଙ୍କ ବଦଳି ବାତିଲ ନେଇ ସ୍କୁଲରେ ତାଲା ମାରିଲେ ଅଭିଭାବକ । ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୧୪୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଛଅ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ବିଦ୍ୟାଳୟରେ ଥିବା ଛଅ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମଧ୍ୟରୁ ଦୁଇଜଣ ଶିକ୍ଷୟତ୍ରୀ ସଂଯୁକ୍ତା ପଣ୍ଡା ଓ ସୌଭାଗ୍ୟ ମଞ୍ଜରୀ ପୁରୋହିତଙ୍କ ଅନ୍ୟତ୍ର ବଦଳି ହୋଇ ଯାଇଛି । ଅଭିଭାବକମାନଙ୍କ ଅଭିଯୋଗ ଅନୁଯାୟୀ ସ୍କୁଲରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଠିକ ଭାବରେ ସ୍କୁଲକୁ ଆସି ଠିକ ଭାବରେ ଶିକ୍ଷାଦାନ କରୁଛନ୍ତି । ତେଣୁ ଏହି ସ୍କୁଲରୁ ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷୟିତ୍ରୀମାନଙ୍କୁ କୁନାନୀ ସ୍କୁଲରେ ପୁନଃ ରଖାଯାଉ ବୋଲି ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା ଓ ଗ୍ରାମବାସୀ, ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଗେଟରେ ତାଲା ମାରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସ୍କୁଲ ପରିଚାଳନା କମିଟିର ସଭାପତି ଲିଙ୍ଗରାଜ ପଟେଲ, ଅଭିଭାବକ ମୁକୁନ୍ଦ ନାଗ, ଶଙ୍କର ପଟେଲ, ମହାବୀର କୈବର୍ତ୍ତ, ହରିଶ୍ଚନ୍ଦ୍ର ସିଂ ଦେଓ, ମୁକୁନ୍ଦ ପ୍ରଧାନୀ, ରଞ୍ଜୁ ବାରିକ, ଜମା ବାଗ, ମାୟା ସିଂ, ଭାନୁମତି ବାରିକ ସମେତ ବହୁ ଗ୍ରାମବାସୀ ସାମିଲ ହୋଇଥିଲେ । ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ପଟ୍ଟନାୟକଙ୍କୁ ପଚାରିବାରୁ ବିଦ୍ୟାଳୟ ବନ୍ଦ ବାବଦରେ ଆମେ ଜାଣିନଥିଲୁ । ଆମେ ବିଦ୍ୟାଳୟରେ ପହଂଚିବା ପରେ ଦେଖିଲୁ ଗେଟରେ ତାଲା ପକାଇ ଛାତ୍ରୀଛାତ୍ର ଓ ଅଭିଭାବକ ବସିଛନ୍ତି । ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଛୁ ବୋଲି ପ୍ରକାଶ କରିଥିଲେ । ଅନ୍ୟ ପକ୍ଷରେ ବଦଳି ବାତିଲ ନହେଲେ ଆନ୍ଦୋଳନ ଜାରି ରହିବ ବୋଲି ଅଭିଭାବକ ଓ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କଲେ ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ଆସୋସିଏସନ୍

ଖଣ୍ଡପଡ଼ା, ୫/୦୮ (ଆ.ପ୍ର) : ଅଗଷ୍ଟ ଚାରି ତାରିଖ ହେଉଛି ଓଡିଆ ସାମ୍ବାଦିକ ଦିବସ, ୧୮୬୬ ମସିହା ଆଜିର ଦିନରେ ପ୍ରଥମେ ପ୍ରକାଶ ପାଇଥିଲା ଓଡ଼ିଶାର ପ୍ରଥମ ଖବରକାଗଜ 'ଉତ୍କଳ ଦୀପିକା' । ସେହି ଦିବସକୁ ଓଡ଼ିଆ ସାମ୍ବାଦିକତା ଦିବସ ଭାବେ ସାରା ଓଡିଶାରେ ପାଳନ କରାଯାଉଛି । ଓଡିଶାର ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟରେ ଲୋକଙ୍କ ସମସ୍ୟା, ଅଭିଯୋଗକୁ ଅନବରତ କିଦିନ କିରାତି ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରି ସମାଧାନ ଦିଗରେ ଏକ ସ୍ତମ୍ଭର ଭୂମିକା ନିଭାଉଛନ୍ତି । ଓଡ଼ିଆ ଜାତିର ଭାଷା, ସ୍ୱାଭିମାନ, ସାହିତ୍ୟ, ପରମ୍ପରା, ସ୍ୱାଭିମାନ ଓ ଚଳଣିକୁ ବିଶ୍ୱର କୋଣ ଅନୁକୋଣରେ ପହଂଚାଇବାରେ ଆଜି ପ୍ରମୁଖ ଭୂମିକା ତୁଲାଉଛନ୍ତି । ଓଡିଶା ସାମ୍ବାଦିକତା ଦିବସକୁ ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ପକ୍ଷରୁ ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆଇନଜୀବି ବିକ୍ରମ କେଶରୀ ଦେଓ କେକ୍ କାଟି ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗ୍ରାମାଂଚଳରେ ଲୋକଙ୍କ ଶାଣିତ ସ୍ୱର ହୋଇ ସୁଖଦୁଃଖ ଓ ସମସ୍ୟା ସହ ଜଡିତ ହୋଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସଂଘର ସଭାପତି ଚିତ ରଞ୍ଜନ ମିଶ୍ର, ସଂପାଦକ ସରୋଜ ଚୌଧୁରୀ, ସଂଗ୍ରାମ କେଶରୀ ଦେଓ, ଜନ୍ମେଜୟ ଦଳେଇ, ତପନ ଦାଶ, ଶିବ ନାରାୟଣ ଦାସ, ପ୍ରଭାତ ପଣ୍ଡାୟତ ପ୍ରମୁଖ ସାମ୍ବାଦିକ ଉପସ୍ଥିତ ଥିଲେ ।

ସ୍ୱାଧୀନତା ଦିବସ କପ ଫୁଟବଲ ଚମ୍ପିୟାନସିପ : ସିଏସ କ୍ଲବ ଟିମ ବିଜୟୀ

ବାଲିଗୁଡା, ୫/୦୮ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଉପଖଣ୍ଡ କ୍ରୀଡା ସଂସଦ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମ ପରିସର ମଧ୍ୟରେ ୭୯ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ଫୁଟବଲ ଚମ୍ପିୟାନସିପ ଆରମ୍ଭ ହୋଇଛି । ଚତୁର୍ଥ ଦିନର ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ବରିଷ୍ଠ କ୍ରୀଡ଼ାବିତ କାଳିନ୍ଦୀ ଚରଣ ପଣ୍ଡା ଓ ସୁଧୀର କୁମାର ଦୀପ ଅତିଥି ଭାବେ ଯୋଗ ଦେଇ ଦୀପ ଧୂପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଦୁଇ ଦଳର ଖେଳାଳି ମାନଙ୍କ ସହ ପରିଚିତ ହୋଇଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସଂସଦର ସମ୍ପାଦକ ଡ଼. ସୁଶାନ୍ତ କୁମାର ଦାସ, ଦେବବ୍ରତ ସିଂ ଦେଓ, ଏଲିଆସ ଦିଗାଳ ପ୍ରମୁଖ ଉପସ୍ଥିତ ଥିଲେ । ଚତୁର୍ଥ ଦିନର ଖେଳରେ ସିଏସ କ୍ଲବ ସହ ମା ଦୁର୍ଗା କ୍ଲବ ଦଳର ବହୁ ସଙ୍ଘର୍ଷ ମୟ ଖେଳରେ ୨-୦ ଗୋଲରେ ସି ଏସ କ୍ଲବ ବିଜୟୀ ହୋଇଥିଲେ । ଏହି ଖେଳରେ ବାବୁ ଭାଇ, ତ୍ରିନାଥ ମଲିକ, ଦେବୀ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ୧୨ଟି ଦଳ ଅଂଶ ଗ୍ରହଣ କରୁଥିବା ବେଳେ ଏହାର ଫାଇନାଲ ଖେଳ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଦିନ ହୋଇ ବିଜେତାଙ୍କୁ ପ୍ୟାରେଡ ଉତ୍ସବ ରେ ପୁରସ୍କୃତ କରାଯିବ ବୋଲି ସଂସଦ ପକ୍ଷରୁ କୁହାଯାଇଛି ।

ଗୋ ଚାଲାଣ ରୋକିଲା ବଜରଙ୍ଗ ଦଳ, ଆରଏସଏସ୍ ଓ ବିଶ୍ୱହିନ୍ଦୁ ପରିଷଦ

ସିନାପାଲି, ୫/୦୮ (ଆ.ପ୍ର) : ଗତକାଲି ସୋମବାର ଦିନ ଗୋର୍ଲା ଅଂଚଳରେ, ଗୋ ଚାଲାଣ ବିରୋଧରେ ଏକ ମିଶନ କରି ବଡ଼ ଧରଣର ସଫଳତା ପାଇଛି । ମିଶନ ରେ ବଜରଙ୍ଗ ଦଳ ସିନାପାଲି ସମେତ ଆରଏସଏସ୍ ଓ ବିଶ୍ୱହିନ୍ଦୁ ପରିଷଦର ସଦସ୍ୟ ମାନେ ଆକ୍ରମ ମୋଡରେ ଏହି ମହାଦୁର୍ନୀତିକୁ ରୋକିଥିଲେ । ସକାଳ ୯.୩୦ ମି ସମୟରେ ଏକ ଗୁପ୍ତ ସୂଚନା ମିଳିଥିଲା ଯେ ଗୋର୍ଲା ମାର୍ଗ ଦ୍ୱାରା ଗୋ ଚାଲାନ କରାଯାଉଛି । ଏହି ସୂଚନା ହିସାବରେ ସମସ୍ତ ସଦସ୍ୟ ତୁରନ୍ତ ସିନାପାଲିରୁ ବାହାରି ଗୋର୍ଲା ଅଂଚଳର ପ୍ରତିଟି ରାସ୍ତାଦେଇ ତଦନ୍ତ କରିଥିଲେ ଓ ଗୋ ଚାଲାଣ ରୋକିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ । ଅତି କମ୍ ସମୟ ମଧ୍ୟରେ ସଦସ୍ୟମାନେ ଗୋ ଚାଲାଣ ହେଉଥିବା ଜାଗା ଓ ବ୍ୟକ୍ତିଙ୍କୁ ଖୋଜି ପାଇଥିଲେ ଓ ତତ୍କ୍ଷଣାତ ନୂଆପଡ଼ା ଏସ.ପି ଓ ସିନାପାଲି ଆଇଆଇସିଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇ ନୂଆପଡ଼ା ଏସ.ପିଙ୍କ ନିର୍ଦ୍ଦେଶରେ ସିନାପାଲି ଆଇଆଇସି ତଥା ପୋଲିସ ଟିମ୍ ଘଟଣାସ୍ଥଳକୁ ପହଂଚି ଯାଂଚ ପରେ ଗୋ ଚାଲାଣ କରୁଥିବା ଦୁର୍ବୃତକୁ ଆୟତରେ କରିଥିଲେ ଓ ସମସ୍ତ ଗାଈଗୋରୁକୁ ଉଦ୍ଧାର କରିଥିଲେ । ସମସ୍ତେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗୋର୍ଲାରେ ଉପସ୍ଥିତ ରହି ଏହି ସାହସିକ ଉଦ୍ୟମ ଦ୍ୱାରା ଗୋ ଚାଲାନର ଏକ ଦୃଶ୍ୟମାନ ଉଦାହରଣ ରୋକି ପାରିଥିଲେ । ଏହିପରି ଅନୈତିକ କାର୍ଯ୍ୟ ବିରୋଧରେ ସଦସ୍ୟ ମାନେ ସଦା ଜାଗ୍ରତ ଓ ପ୍ରସ୍ତୁତ ଅଛନ୍ତି ବୋଲି ଜଣାଇଛନ୍ତି ଏବଂ ଏହାର ବିରୋଧରେ ଏକ ଉତର ମଧ୍ୟ ସିନାପାଲି ଥାନାରେ ଦେଇଛନ୍ତି । ସ୍ଥାନୀୟ ଲୋକମାନେ ମଧ୍ୟ ଆଗକୁ ଏହିଭଳି ଅନିତି ହେଉଥିବାର ଦେଖିଲେ, ତୁରନ୍ତ ସୂଚନା ଦେବେ ବୋଲି ବ୍ୟକ୍ତ କରିଛନ୍ତି ।

ଜନଜାତି ସେବା ଜଗତ ପାଖରେ ଓରମାସ ରାଖି ଦୋକାନ ଉଦଘାଟିତ

ରାୟଗଡ଼ , ୫/୦୮ (ଆ.ପ୍ର) : ରକ୍ଷା ବନ୍ଧନର ପବିତ୍ର ଅବସରରେ, ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ), ରାୟଗଡ ତରଫରୁ ଜିଲ୍ଲାପରିଷଦ ରାୟଗଡ଼ ସହଯୋଗରେ ଟ୍ରାଇବାଲ୍ ଓ୍ୱାର୍ଲ୍ଡ, ଆଇ ଟି ଡିଏ, ରାୟଗଡା ସମ୍ମୁଖରେ ୫ରୁ ୯ ଅଗଷ୍ଟ ୨୦୨୫ପର୍ଯ୍ୟନ୍ତ ଏକ 'ରାଖୀ ମହୋତ୍ସବ' ଆୟୋଜନ କରୁଛି । ଏହି ମହୋତ୍ସବ ଗ୍ରାମୀଣ କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ ସ୍ୱୟଂ ସହାୟକ ଗୋଷ୍ଠୀଏବଂ ଉତ୍ପାଦକ ଗୋଷ୍ଠୀ ମାନଙ୍କ ହସ୍ତନିର୍ମିତ ରାଖୀ, ପରିବେଶ ଅନୁକୂଳ ଉତ୍ପାଦ, ପାରମ୍ପରିକ ହସ୍ତଶିଳ୍ପ ଏବଂ ସ୍ୱଦେଶୀ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ ଏବଂ ବିକ୍ରୟ କରିବା ପାଇଁ ଏକ ସକ୍ରିୟ ପ୍ଲାଟଫର୍ମ ପ୍ରଦାନ କରିବା ପାଇଁ ଏକ ପ୍ରୟାସ । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା, ମହିଳା କାରିଗରମାନଙ୍କୁ ସଶକ୍ତ କରିବା ଏବଂ ଗ୍ରାହକମାନଙ୍କ ସହିତ ସିଧାସଳଖ ଯୋଡ଼ି ସ୍ଥାୟୀ ଜୀବିକାକୁ ସମର୍ଥନ କରିବା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ଼ା, ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ଉଦଘାଟନ କରିଥିଲେ ଯ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ରାୟଗଡ଼ ଶ୍ରୀ ରମେଶ କୁମାର ଜେନା, ରାୟଗଡ଼ାର ପ୍ରକଳ୍ପ ପ୍ରଶାସକ, ଓଞ୍ଜଳଇ, ଶ୍ରୀ ଚନ୍ଦ୍ର କାନ୍ତ ମାଝୀ, ତାସିଲିଦାର, ଶ୍ରୀମତୀ ପ୍ରିୟଦର୍ଶିନୀ ସ୍ୱାଇଁ, ରାୟଗଡ଼ାର ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ଏବଂ ଜିଲ୍ଲା ପ୍ରକଳ୍ପ ପରିଚାଳକ,ଓଡିଶା ଜୀବିକା ମିଶନ, ରାୟଗଡ଼ା ଏବଂ ସିନିୟର ଲେଖାପାଳ ଓରମାସ, ରାୟଗଡ଼ା ଏବଂ ରତନଙ୍କ ର ଓରମାସ ଟିମ୍ ଏବଂ ସିଇଓଙ୍କ ଉପସ୍ଥିତ ଥିଲେ ଯ ଜିଲ୍ଲା ସାରା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପିଜି ଦ୍ୱାରା ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ବାଉଁଶ ରାଖୀ, ଜୈବିକ ଉତ୍ପାଦ, ବାଜରା ଆଧାରିତ ଖାଦ୍ୟ, ଔଷଧୀୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ପାରମ୍ପରିକ ହସ୍ତଶିଳ୍ପ ପ୍ରଦର୍ଶନ ଏବଂ ବିକ୍ରୟ କରାଯାଉଛି । ଏହି ଉତ୍ସବ କେବଳ ରକ୍ଷା ବନ୍ଧନର ସାଂସ୍କୃତିକ ମହତ୍ତ୍ୱକୁ ପାଳନ କରେ ନାହିଁ ବରଂ ପରିବେଶ ଅନୁକୂଳ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରେ ଏବଂ ସ୍ଥାନୀୟ କାରିଗରମାନଙ୍କୁ ସମର୍ଥନ କରିବାକୁ ଜନସାଧାରଣଙ୍କୁ ଉତ୍ସାହିତ କରେ । ଓରମାସ ଏବଂ ଜିଲ୍ଲା ପ୍ରଶାସନ ରାୟଗଡ଼ାର ନାଗରିକମାନଙ୍କୁ ମହୋତ୍ସବ ପରିଦର୍ଶନ କରିବାକୁ ଏବଂ ଗ୍ରାମୀଣ ଉତ୍ପାଦକମାନଙ୍କ ଉତ୍ପାଦ କ୍ରୟ କରି ସେମାନଙ୍କ ସଶକ୍ତିକରଣରେ ଯୋଗଦାନ ଦେବାକୁ ଅନୁରୋଧ କରୁଛନ୍ତି

ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ହେଉନି ଶନିବାର ସକାଳୁଆ ସ୍କୁଲ

ଦଶପଲ୍ଲା, ୫/୦୮ (ଆ.ପ୍ର) : ଦଶପଲ୍ଲା ସହରରେ ଯେଉଁ ଆଡ଼େ ଆଖି ବୁଲାଇଲେ ଦୃଷ୍ଟି ଗୋଚର ହେଉଛି ଇଂରାଜୀ ମାଧ୍ୟମ ବିଦ୍ୟାଳୟ । ଅଭିଭାବକ ମାନେ ମାସ କୁ ମାସ ନିର୍ଦ୍ଧାରିତ ଦେୟ ପୈଠ କରି ପିଲାମାନଙ୍କୁ ଏସବୁ ବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି । ଅନ୍ୟପକ୍ଷରେ, ସ୍କୁଲ ଓ ଗଣଶିକ୍ଷା ବିଭାଗର ସ୍ୱୀକୃତି ମଧ୍ୟ ପ୍ରଦାନ କରାଯାଇଛି ହେଲେ ବିଡ଼ମ୍ବନାର ବିଷୟ ହେଲା ଅନେକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ସରକାରୀ ନିର୍ଦ୍ଦେଶକୁ ଅବମାନନା କରୁଥିବାର ଅଭିଯୋଗ ହେଉଛି । ବଡ଼ କଥା ହେଲା, ଶନିବାର ଦିନ ସକାଳୁଆ ସ୍କୁଲ ହେବାର ବ୍ୟବସ୍ଥା ଥିବା ବେଳେ ଅନେକ ବିଦ୍ୟାଳୟ ଏହାକୁ ଅବମାନନା କରି ୧୦ ଟା ବେଳକୁ ସ୍କୁଲ ଆରମ୍ଭ କରୁଛନ୍ତି । ଖାଲି ସେତିକି ନୁହେଁ, କୁନି କୁନି ପିଲା ମାନଙ୍କ ପାଇଁ ଉଦ୍ଦିଷ୍ଟ ଭିତି ଭୂମିର କେତେକ ବିଦ୍ୟାଳୟରେ ଅଭାବ ପରିଲକ୍ଷିତ ହେଉଥିବାର ଶୁଣିବାକୁ ମିଳୁଛି । ବିଭାଗୀୟ କର୍ତ୍ତୃପକ୍ଷ ଏସବୁ ବିଦ୍ୟାଳୟ ଗୁଡିକୁ ରୀତିମତ ତଦାରଖ କରିବାର ବ୍ୟବସ୍ଥା ଥିବାବେଳେ ଏସବୁ ଅଭିଯୋଗର ବାସ୍ତବତା ନେଇ କି' ତଥ୍ୟ ଆହରଣ କରୁଛନ୍ତି ଅଥବା ପଦକ୍ଷେପ ଗ୍ରହଣ କରୁଛନ୍ତି, ତାକୁ ନେଇ ପ୍ରଶ୍ନ ଉଠିଲାଣି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ନିମନ୍ତେ ଦାବି ହେଉଛି ।

ମୁକ୍ତମଂଚ ନାଟକ ପ୍ରତିଯୋଗିତାରେ ମା' ଭୈରବୀ କ୍ଲବ, ପଟିଆଗଡ଼ ଭୁବନେଶ୍ୱର ଚମ୍ପିୟାନ

ଏରସମା , ୫/୦୮ (ଆ.ପ୍ର) : ପ୍ରତିବର୍ଷ ଭଳି ଚଳିତ ବର୍ଷ ରାଜସ୍ୱ ଗ୍ରାମ୍ୟ ମାନ୍ୟତା ପୂର୍ତ୍ତି ଅବସରରେ ଏରସମା ତହସିଲ ଅଧିନ ଢ଼ିଙ୍କିଆ ପଂଚାୟତ ମାହାଳ ଗ୍ରାମ୍ୟ କମିଟି ପକ୍ଷରୁ ଚତୁର୍ଥ ବାର୍ଷିକ ମୁକ୍ତମଂଚ ନାଟକ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ନାଟକ ଉତ୍ସବ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଶୁଭ ଉଦ୍ଘାଟନ କରିବା ସହିତ କଳା, ସଂସ୍କୃତି,ପରମ୍ପରା ଗ୍ରାମାଂଚଳରେ ବଂଚି ରହିଥିବାରୁ ଆୟୋଜକ ମାନଙ୍କୁ ଧନ୍ୟବାଦ୍ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଢ଼ିଙ୍କିଆ ପଂଚାୟତ ପୂର୍ବତନ ସରପଂଚ କିଶୋର କୁମାର ପରିଡ଼ା, ଡ଼ ତମିଲ ପ୍ରଧାନ, ସମାଜସେବୀ ଅଦିତ୍ୟ ଭୂୟାଁ ଯୋଗ ଦେଇଥିଲେ । ଚାରିଦିନ ବ୍ୟାପି ଆୟୋଜିତ ମୁକ୍ତମଂଚ ନାଟକର ପ୍ରଥମ ରାତ୍ରୀରେ ଆରୀୟନ ଭୁବନେଶ୍ୱର ନାଟକ ସ୍ୱାମୀ ପାଇଁ ପଛେ ନର୍କକୁ ଜିବି ନାଟକ ପରିବେଷଣ କରିଥିଲା । ଦ୍ୱିତୀୟ ସଂଧ୍ୟାରେ ମା' ଭୈରବୀ କ୍ଲବ ପଟିଆଗଡ ଭୁବନେଶ୍ୱର ପ୍ରଥମ ପ୍ରେମ ସେ ଏମିତି କିଆଁ ନାଟକ ପରିବେଷଣ କରିଥିବା ବେଳେ ତୃତୀୟ ସଂଧ୍ୟାରେ ଆୟୋଜକ ଦଳ ହା କୃଷ୍ଣ ବୋଲି ଯାଉ ଯିବ ନାଟକ ପରିବେଷଣ କରିଥିବା ବେଳେ ଶେଷ ସଂଧ୍ୟାରେ ନୂଆଗାଁ ବଡ଼ ମହାକାଳୀ ନାଟ୍ୟ ପରିଷଦ ନୂଆଗାଁ ନାଟକ ସବୁକିଣା ଏଠି ଲୁହ ମାଗଣା ପରିବେଷଣ କରିଥିଲା ।ବିଚାରକ ଭାବେ ହେମନ୍ତ ସ୍ୱାଇଁ,ଦୁର୍ଲ୍ଲଭ ରାଉତ ଉପସ୍ଥିତ ଥିଲେ ।ଆଖ ପାଖ ଅଂଚଳରୁ ହଜାର ହଜାର ସଂଖ୍ୟାରେ ଦର୍ଶକ ମନଭରି ଏହି ମୁକ୍ତ ମଂଚ ନାଟକକୁ ଉପଭୋଗ କରିଥିଲେ । ମାହାଳ ଗ୍ରାମ୍ୟ କମିଟିର ସଭାପତି ଅନିରୁଦ୍ଧ ପରିଡ଼ା ସଭାପତିତ୍ୱ କରିଥିଲାବେଳେ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଭମର ସେଠି,କୈଳାଶ ନାୟକ,ବିଷ୍ଣୁ ନାୟକ,କୁଳମଣି ସାମଲ, ବସନ୍ତ ଜେନା,ମାନସ ବଳାଇ,ପ୍ରେମାନନ୍ଦ ପରିଡା,ରଞ୍ଜନ ନାୟକ,ଧନୁ ଦଳାଇ,ରଞ୍ଜନ ବର୍ଦ୍ଧନ,ପ୍ରଭାତ ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

ଝରିଗାଁ ବ୍ଲକର ବିଧାୟକଙ୍କ ଦ୍ୱାରା ଟ୍ରାନ୍ସର ଉଦ୍ଘାଟନ

ଝରୀଗାଁ , ୫/୦୮ (ଆ.ପ୍ର) : ଝରିଗାଁ ନିର୍ବାଚନ ମଣ୍ଡଳୀର ଉପାନ୍ତ ଅଂଚଳ ଭାବେ ପରିଚିତ କଟନାପାଣି, ଦଶରୀକଟା, ଢେପୁ ଭଟ୍ଟା, ବନ୍ଧୁଗୁଡ଼ା, ଟିପାପାଣି ଓ ଜାମପାଣି ଗ୍ରାମରେ ଆଜି ବିଧାୟକଙ୍କ ଉପସ୍ଥିତିରେ ନୂତନ ଭାବେ ଟ୍ରାନ୍ସଫର ଲାଗିଛି । ପ୍ରକାଶ ଥାଉ କି, ଦୀର୍ଘ ବର୍ଷ ହେବ ଉପରୋକ୍ତ ଗ୍ରାମ ଗୁଡିକର ଗ୍ରାମବାସୀ ବିଜୁଳି ଆଲୁଅରୁ ବଂଚିତ ରହି ନାନା ଦୁର୍ଦ୍ଦଶା ଭୋଗ କରୁଥିଲେ । ବିଧାୟକ ନରସିଂ ଭତରା ଏହି ଗ୍ରାମ ଗୁଡିକରେ ବସବାସ କରୁଥିବା ଜନସାଧାରଣ ମାନଙ୍କ ଦୁଃଖକୁ ହୃଦୟଙ୍ଗମ କରି ଆଜି ଟ୍ରାନ୍ସଫର ବ୍ୟବସ୍ଥା କରିଦେବା ପରେ ସମସ୍ତ ଗ୍ରାମବାସୀ ବେଶ ଖୁସି ହେବା ସହିତ ବିଧାୟକଙ୍କୁ ଧନ୍ୟବାଦ ଜାଣେଇଛନ୍ତି । ସମସ୍ତେ ବାଜା ବଜେଇ ନାଚିଗାଇ ବିଧାୟକଙ୍କୁ ସ୍ୱାଗତ କରିଥିବା ଦେଖିବାକୁ ମିଳିଛି ।ଏହି ଉଦ୍ଘାଟନ ସମୟରେ ଅନ୍ୟ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ସମାଜସେବୀ ପ୍ରଫୁଲ୍ଲ ପ୍ରଧାନୀ,ପୂର୍ବତନ ମଣ୍ଡଳ ସଭାପତି ଗଣପତି ସାହୁ,ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଜିତ କୁମାର ପୃଷ୍ଟି ଓ ବିଦ୍ୟୁତ ବିଭାଗର ସମସ୍ତ କର୍ମଚାରୀ, ବିଜେପିର ବରିଷ୍ଠ ଓ କନିଷ୍ଠ କର୍ମକର୍ତ୍ତା, ଗ୍ରାମର ଜନସାଧାରଣ ଉପସ୍ଥିତ ରହିଥିଲେ ।

ସମାଜସେବୀ ୰ ଘନଶ୍ୟାମ ବେଜଙ୍କ ୬ଷ୍ଠବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୦୫/୦୮ (ଆ.ପ୍ର) : ସହଦେବଖୁଣ୍ଟା ଗ୍ରାମର ଜଣେ ସମାଜସେବୀ ସ୍ୱର୍ଗତ ଘନଶ୍ୟାମ ବେଜଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଦିନ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । କବି ପ୍ରଶାନ୍ତ ଦାସ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ବେଜଙ୍କ ସହିତ ବହୁ ସ୍ମରଣୀୟ ଘଟଣାର ଅବତାରଣା କରିଥିଲେ । କଂଗ୍ରେସ୍ ଦଳର ଉତ୍‌ଥାନ ଓ ପତନ ସମୟରେ ବି ସ୍ୱର୍ଗତ ବେଜ ନିଜର ନୀତି, ଆଦର୍ଶ ଓ ସମାଜସେବା କାର୍ଯ୍ୟରୁ କେବେବି ବିରତ ହୋଇ ନଥିଲେ ବୋଲି କବି ଶ୍ରୀ ଦାସ କହିଥିଲେ । ଅତିଥି ଓ ବକ୍ତାଭାବେ ନାରୀନେତ୍ରୀ ସରସ୍ୱତୀ ପଣ୍ଡା, କାଉନସିଲର ଦେବାଶିଷ ସିଂହ ଓ ପ୍ରବକ୍ତା ସୁଶାନ୍ତ ପଣ୍ଡା ପ୍ରମୁଖ ସ୍ୱର୍ଗତ ବେଜଙ୍କୁ ଜଣେ ନିଃସ୍ୱାର୍ଥପର ସମାଜସେବୀ ଓ ସାଧାରଣ ଜନତାର ବନ୍ଧୁ ଥିଲେ ବୋଲି କହିଥିଲେ । ଆଇନଜୀବୀ ନିରଞ୍ଜନ ପରିଡ଼ା, ସୁମତି ନାୟକ, ଯୁବନେତା ଭଗବାନ ମହନ୍ତୀ, ରଜତ ପରିଡ଼ା, ସଂଜୟ ଚୌଧୁରୀ, ପ୍ରତିମା ପରିଡ଼ା, ସ୍ୱର୍ଗତ ବେଜଙ୍କ ଦୁଇ ପୁତ୍ର ପ୍ରଶାନ୍ତ, ସୁଶାନ୍ତ ଓ ପୁତ୍ରବଧୂମାନେ ଏବଂ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ସଭାକାର୍ଯ୍ୟ ଶେଷରେ ବିଭିନ୍ନ ଔଷଧୀୟ ବୃକ୍ଷର ଚାରା ଉପସ୍ଥିତମାନଙ୍କୁ ବଣ୍ଟନ କରାଯାଇଥିଲା । ସ୍ୱର୍ଗତ ବେଜଙ୍କ ଜାମାତା ଇଂ. କୁମାର କାର୍ତ୍ତିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲିଆପାଳ, ୦୫/୦୮ (ଆ.ପ୍ର) : ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନଏସଏସ କୋ-ୟୁନିଟ ଓ ଦେଭୋଗ ଗ୍ରାମପଂଚାୟତ ମିଳିତ ଉଦ୍ୟମରେ ଏକ ଗ୍ରୀନ ଇନିସିଏଟିଭ୍ ଭାବରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ କଲେଜ ମୁଖ୍ୟ ରାସ୍ତା ସମୀପରେ ଥିବା ଅମୃତଶର ପୋଖରୀ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରାଙ୍ଗ ରାଉତ ଏହାକୁ ଉଦଘାଟନ କରିଥିଲେ । ଏଥିରେ ଦେଭୋଗ ଗ୍ରାମପଂଚାୟତର ସରପଂଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ସଦସ୍ୟଙ୍କ ପ୍ରତିନିଧି ଧନଞ୍ଜୟ ଗିରି, ୱାର୍ଡ ମେମ୍ବର ତିଳୋତମା ଦଳାଇ ଓ ଅନ୍ୟ ଗ୍ରାମପ୍ରତିନିଧିମାନେ ଯୋଗ ଦେଇ ଥିଲେ । ଏନଏସଏସ ପ୍ରୋଗ୍ରାମ ଅଫିସର ପ୍ରେମାନନ୍ଦ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ସାହୁ, ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ, ବରିଷ୍ଠ ଅଧ୍ୟାପକ ରଞ୍ଜନ କୁମାର ପାତ୍ରୀ (ରାଜନୀତି ବିଜ୍ଞାନ), ମନୋଜ କୁମାର ମହାପାତ୍ର (ପଦାର୍ଥ ବିଜ୍ଞାନ),ଡିଇଓ ତଥା କନିଷ୍ଠ କିରାଣୀ ବିଜୟ କୁମାର ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀନିବାସ ପାଠୀ,ଅବସରପ୍ରାପ୍ତ ଇଂଜିନିୟର ଗଦାଧର ଗିରିମହେଶ ଚନ୍ଦ୍ର ପଣ୍ଡା, ପବନ କୁମାର ନାୟକ, ଗୋପାଳ ଚନ୍ଦ୍ର ଗିରି, ଲୟୋଦର ଗିରି, ସୁମି ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ ଓ କଲେଜର ଏନଏସଏସ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ ଓ କାର୍ଯ୍ୟକ୍ରମରେ ସମସ୍ତ ସହଯୋଗୀ, ଅତିଥିମାନଙ୍କୁ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇ, ଏହି ଗ୍ରୀନ ଉଦ୍ୟମକୁ ଆଗକୁ ବଢ଼ାଇବା ଅଧ୍ୟକ୍ଷ ଶ୍ରୀ ଗୌରାଙ୍ଗ ରାଉତ ଆହ୍ୱାନ ଜଣାଇଥିଲେ ।

ଖଡ଼୍‌ଗପୁର ଡିଭିଜନରେ କ୍ଷୁଦ୍ର ୟୁନିଟ୍ ଚୁକ୍ତିନାମା ପାଇଁ ଇ-ନିଲାମ ନୋଟିସ୍

ଇ-ନିଲାମ ନୋଟିସ୍ ନମ୍ବର: KGP/Catg/2025 ତାରିଖ ୦୪.୦୮.୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ବରିଷ୍ଠ ଡିଭିଜନାଲ୍ ବାଣିଜ୍ୟିକ ପରିଚାଳକ,ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳବାଇ, ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆମନ୍ତ୍ରଣ କରୁଛନ୍ତି, ଯାହା https://www.ireps.gov.in/websiteରେ ସୂଚିତ କରାଯାଇଛି । ସୀତାଇପୁର ବଙ୍ଗଳା (୧ ନଂ)ରେ କ୍ୟାଟରିଂ ୟୁନିଟ୍ ଯୋଗାଣ ପାଇଁ ଇ-ନିଲାମ କାଟାଲଗ୍, ଝାଡ଼ଗ୍ରାମ (୧ ନଂ), ହେନଗିଆ (୧ ନଂ), କଣ୍ଟି (୧ ନଂ),ଚାକୁଲିଆ (୧ ନଂ), ମାର୍କୋନା (୨ନଂ), ବାଦକପୁର (୧ ନଂ), ଜାମସୋଲ୍ (୧ ନଂ), ଦୁଇାମରା (୧ ନଂ), କୁଚାଇ (୧ ନଂ), ରାଜଲୁକା (୧ ନଂ), କନିମାହୁଲି (୧ ନଂ), ଆଶାପୁର ଦେବୀ (୧ ନଂ), ଖକୁରା (୧ ନଂ), ଚିକ୍ରା (୧ ନଂ), ସୁଜନପୁର (୧ ନଂ), ଲାଇନ୍ ସତ୍ୟାଗ୍ରହ ସ୍ମାରକ (୧ ନଂ), ଭୋସଲ୍ (୧ ନଂ), ନାଚିଣ୍ଡା (୧ ନଂ), ଠାକୁରୋଟା (୧ ନଂ), ଜମୁପୁରା (୧ ନଂ), ରୂପସା (୨ ନଂ), ହାଲଡିପଡ଼ା (୧ ନଂ), ରାନିତାଲ (୨ ନଂ), ଖଣ୍ଡପାରା (୨ ନଂ), ବାର୍ଲିପୋସି (୧ ନଂ), ଭଞ୍ଜପୁର (୧ ନଂ), ବେଟନୋଟି (୧ ନଂ), କୋକପାରା (୧ ନଂ), ଦେଶପ୍ରାନ୍ (୨ ନଂ), ଇଷ୍ଟାଇବ୍ରୁମତଡ (୧ ନଂ), ବାହାନାଗା ବଜାର (୨ ନଂ), ଭିଦ୍ରି (୧ ନଂ), ରାମନଗର ବଙ୍ଗଳା (୧ ନଂ), ଗାଲୁଡିହ (୧ ନଂ), ନନ୍ଦକୁମାର (୨ ନଂ), ଘାଟିଲା (୨ନଂ), ରାଧା ମାଇନ୍ସ (୧ ନଂ), ବସ୍ତା (୧ ନଂ), ଅମରଦା ରୋଡ୍ (୧ ନଂ), କେକୁର୍ସେନି (୧ ନମ୍ବର), ଦନ୍ତାନ (୧ ନମ୍ବର), ବଦର (୧ ନମ୍ବର), ସତୀଶ ସାମନ୍ତ (୧ ନମ୍ବର), ଭୁଆନ (୧ ନମ୍ବର), ନୂଆଗାଁ ମୟୂରଭଞ୍ଜ ରୋଡ୍ (୧ ନମ୍ବର), ବାରିପଦା (୧ ନମ୍ବର), ସୋରୋ (୧ ନମ୍ବର) ଏବଂ କୃଷ୍ଣଚନ୍ଦ୍ରପୁର (୧ ନମ୍ବର) ଖଡ଼ଗପୁର ଡିଭିଜନ ଉପରେ ରେଳ ଷ୍ଟେସନ ୦୫ (ପାଂଚ) ବର୍ଷ ପାଇଁ କ୍ୟାଟାଲଗ୍ ନମ୍ବର: କ୍ୟାଟଗ-କେଜିପି-୨୫-୧୧, ନିଲାମ ତାରିଖ: ୨୧.୦୮.୨୦୨୫, ନିଲାମ ଆରମ୍ଭ ସମୟ ୧୦:୦୦ ଘଣ୍ଟା ଏବଂ ନିଲାମ ବନ୍ଦ ତାରିଖ: ୨୨.୦୮.୨୦୨୫, ସମୟ ୧୨:୩୦ ଘଣ୍ଟା ।

(PR-482) ବରିଷ୍ଠ ବିଭାଗୀୟ ବାଣିଜ୍ୟ ପରିଚାଳକ, ଖଡ଼ଗପୁର

ଦ.ପୂ. ରେଳବାଇ
ଆମେ ହସିହସି ସେବାକରୁ

ଭକ୍ତ ଜନ୍ମଜନ୍ମାନ୍ତର ଧରି ଶ୍ରୀକୃଷ୍ଣ ସେବା ଚାହେଁ: ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ

ନୀଳଗିରି, ୦୫/୦୮ (ଆ.ପ୍ର) : ଭକ୍ତିଯୋଗ ସୂର୍ଯ୍ୟ ଆଲୋକ ସହ ତୁଳନୀୟ । ଭୌତିକ ସ୍ଥିତିକୁ ବଢ଼ାଇବା ଜୀବନର ଲକ୍ଷ୍ୟ ନୁହେଁ । ପ୍ରେମଭକ୍ତି ଶ୍ରେଷ୍ଠ ଭକ୍ତି ଅଟେ । ଭକ୍ତିଯୋଗ ମାଧ୍ୟମରେ ପରମକୁ ପ୍ରାପ୍ତ ହୁଏ । ପରଂବ୍ରହ୍ମ ପ୍ରକୃତି ଓ ପୁରୁଷ ଉପରେ ଅବସ୍ଥାନ କରନ୍ତି । କ୍ରୋଧୀ, ଭେଦବର୍ଣ୍ଣୀ ପୁରୁଷ, ହିଂସା, ଦମ୍ଭ, ତାମସ ଭକ୍ତର ପରିଚୟ । ବିଷୟ,ଯଶ ଓ ଐଶ୍ୱର୍ଯ୍ୟ ରାଜସ ଭକ୍ତର ଲକ୍ଷଣ ଅଟେ । ସତ୍ତ୍ୱ - ରଜ - ତମ ସ୍ତରରେ ତ୍ରିବିଧ ଶ୍ରବଣ ଅଛି । ଭକ୍ତିଯୋଗ ମୂଳକ ସେବା ୮୧ ଭାଗରେ ବିଭକ୍ତ ହୋଇଛି । ଭଗବତପ୍ରେମ ଶୁଦ୍ଧ ଭକ୍ତିଯୋଗର ମୌଳିକ ସୂତ୍ର ଅଟେ । ଶୁଦ୍ଧଭକ୍ତ ସାଲୋକ୍ୟ, ସାର୍ଷ୍ଟି, ସାମୀପ୍ୟ , ସାରୂପ୍ୟରେ ମୁକ୍ତି ଚାହେଁନାହିଁ । ଭକ୍ତ ଜନ୍ମଜନ୍ମାନ୍ତରଧରି ଶ୍ରୀକୃଷ୍ଣଙ୍କ ସେବା ଚାହେଁ । ଧୈର୍ଯ୍ୟର ସହ ଭକ୍ତିଯୋଗ ପାଳନ କରାଯାଏ । କଡ଼ା ଶାସନବିଧି ଓ ଇନ୍ଦ୍ରିୟ ସଂଯମଦ୍ୱାରା ବ୍ୟକ୍ତି ପାରମାର୍ଥିକ ଜୀବନର ବାସ୍ତବତା ଅନୁଭବ କରିପାରେ । ସରଳତା ଭକ୍ତର ଲକ୍ଷଣ ଅଟେ । ଭକ୍ତିଯୋଗରେ ଥିବା ବ୍ୟକ୍ତି ପରମାତ୍ମାଙ୍କୁ ଧରିପାରେ । ପ୍ରେମ ଓ ଭକ୍ତି ଈଶ୍ୱରଙ୍କ ଦ୍ୱାରା ଗୃହୀତ । ସ୍ୱର୍ଣ୍ଣଭେଦୀ ଠାରୁ ରସଭେଦୀ, ରସଭେଦୀଠାରୁ ଗନ୍ଧଭେଦୀ, ଗନ୍ଧଭେଦୀଠାରୁ ଶବ୍ଦଭେଦୀ ପ୍ରାଣ ଉତ୍କୃଷ୍ଟ ଅଟେ । ଭାଗବତ ତାରଭଇନଙ୍କ ବିବର୍ତ୍ତନବାଦ ସହ ସମନ୍ୱୟ ରକ୍ଷାକରେ । ସ୍ଥୂଳରୁ ସୂକ୍ଷ୍ମକୁ ଯିବାପାଇଁ ସ୍ଥିରତା - ନିରନ୍ତରତା - ସରଳତା - ସହୃଦୟତା - ସହଭାଗିତାକୁ ପାଥେୟକରି ବ୍ୟକ୍ତି ସଫଳତା ଓ ସାର୍ଥକତା ଲାଭକରିପାରେ । ସର୍ବୋପରି ମନାନ୍ତର ନୁହେଁ ମତାନ୍ତରରୁ ବ୍ୟକ୍ତି ଜିଜ୍ଞାସା ବୃଦ୍ଧିକରିପାରେ ବୋଲି ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାରଦ୍ୱାରା ଆୟୋଜିତ ୫୯ତମ ଆଭାସୀ ଆଲୋଚନାଚକ୍ରରେ ଆଲୋଚକ ଯାଜପୁରର ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ ଓ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର ପ୍ରକାଶ କରିଥିଲେ । ପ୍ରାରମ୍ଭରେ ପରିବାରର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ଜୟଶ୍ରୀ ପଣ୍ଡା ଓଁକାର ଧ୍ୱନି ପାଠ କରିଥିବାବେଳେ କୁମାରୀ ଭାର୍ଗବୀ ରାଉତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶେଷରେ ପରିବାରର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ରତିନାରାୟଣ ରାଉତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ ସହ ଶାନ୍ତିପାଠ କରିଥିଲେ । ଏଥିରେ ଶତାଧିକ ଶ୍ରୋତା ଯୋଗଦାନ କରିଥିଲେ ।

ପଂଚଲିଙ୍ଗେଶ୍ୱର ପୀଠରେ ପାର୍କିଂ ଷ୍ଟାଣ୍ଡ କର୍ତ୍ତୃପକ୍ଷଙ୍କ ଆତଙ୍କରାଜ

ନୀଳଗିରି, ୦୫/୦୮ (ଆ.ପ୍ର) : ଶ୍ରାବଣ ମାସର ଚତୁର୍ଥ ସୋମବାର ପାଇଁ ଉତର ଓଡିଶାର ପ୍ରସିଦ୍ଧ ବାବା ପଂଚଲିଙ୍ଗେଶ୍ୱରଙ୍କ ଶୈବ ପୀଠରେ ହଜାର ହଜାର କାଉଡିଆ ଭକ୍ତମାନଙ୍କର ସମାଗମ ହୋଇଥିଲା । ଭକ୍ତ କାଉଡିଆ ଭକ୍ତ ମାନଙ୍କୁ ସେବା ଯୋଗାଇବା ପାଇଁ ବିଭିନ୍ନ ସେବା ସଙ୍ଗଠନ ପକ୍ଷରୁ ଖାଦ୍ୟ, ପାନୀୟ ଓ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଥିଲା । ରେମୁଣା ଅଂଚଳର ମହାବୀର ଜିମ୍ ସେବା ସଙ୍ଗଠନ ପକ୍ଷରୁ ଭକ୍ତମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଉଥିଲା । ସେମାନେ ଖାଦ୍ୟ ପ୍ରଦାନ ସାରିବା ପରେ ନିଜର ଗାଡିକୁ ବନ୍ଧୁଙ୍କ ଦୋକାନ ସାମ୍ନାରେ ରଖିଥିଲେ । ହେଲେ ପାର୍କିଂ ଷ୍ଟାଣ୍ଡର ସଦସ୍ୟ କାହିଁକି ଏଠାରେ ଗାଡି ରଖିଲ ତମ ଟିକଟ କାହିଁ କହିବା ସହ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ମହାବୀର ଜିମ୍ ସେବା ସଙ୍ଗଠନର ସଦସ୍ୟଙ୍କୁ ମାଡ ମାରିବା ସହ ଛେପ ପକାଇ ନାକ ଘସିବା ପାଇଁ ବାଧ କରିଥିଲେ । ଉକ୍ତ ସଙ୍ଗଠନ ପକ୍ଷରୁ ନୀଳଗିରି ଥାନାର ଦ୍ୱାରସ୍ଥ ହେବା ସହ ଅଭିଯୋଗ ହୋଇଛି । ପାର୍କିଂ ଷ୍ଟାଣ୍ଡରେ ଏଭଳି ଅମାନବୀୟ ବର୍ବର କାଣ୍ଡ ବାରମ୍ବାର ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୁନ ହୋଇ ଥିବାରୁ ସ୍ଥାନୀୟ ଲୋକ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଛନ୍ତି । ଅପରପକ୍ଷରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହି ଥିବା ଜଣାଯାଇଛି ।

ଡାଳିମ୍ବପାଳ ହାଇସ୍କୁଲ ଅନ୍ତେବାସୀ ଏବେ ଭଗବାନଙ୍କ ଭରସାରେ ବର୍ଷାରାତିରେ ବାରଣ୍ଡାରେ କାଟୁଛନ୍ତି ରାତି

ନୀଳଗିରି, ୦୫/୦୮ (ଆ.ପ୍ର) : ନୀଳଗିରି ବ୍ଲକ୍ ନରଣପୁର ପଂଚାୟତ ଡାଳିମ୍ବପାଳ ବୀଣାପାଣି ହାଇସ୍କୁଲ ହଷ୍ଟେଲ ଅନ୍ତେବାସୀ ପିଲାମାନେ ଏକ ଅନିଶ୍ଚିତତା ମଧ୍ୟରେ ରାତି କାଟୁଛନ୍ତି । ବର୍ଷା ଓ ଅନ୍ଧାରରାତିରେ ସ୍କୁଲବାରଣ୍ଡାରେ ଶୋଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ପାଖାପାଖି ଶହେରୁ ଊର୍ଦ୍ଧ୍ୱପିଲା ଏହି ହଷ୍ଟେଲରେ ରହୁଥିବା ବେଳେ, ଅଧିକାଂଶ ପିଲା ରାତିରେ ବାହାରେ ଶୋଇରହିଥିବାର ଦେଖାଯାଇଛି । ବିଦ୍ୟାଳୟରେ ଅଧିକାଂଶ ସମୟରେ କୌଣସି ଶିକ୍ଷକ ରହୁନଥିବାର କିଛି ଗ୍ରାମବାସୀ ନାମ ଗୋପନରଖି ଅଭିଯୋଗ କରିଛନ୍ତି । କେବଳ ଜଣେ ରାତ୍ରୀ ଜଗୁଆଳ ରହୁଥିବା ବେଳେ, ଅନ୍ତେବାସୀ ପିଲାଙ୍କର ଜୀବନ ଓ ଭବିଷ୍ୟତ ପ୍ରତି ପ୍ରଧାନଶିକ୍ଷକଙ୍କ ବେପରବାହ ମନୋଭାବ ପାଇଁ କେତେବେଳେ ଯେ ଅଘଟଣ ନଘଟିବ କିଏ କହିପାରିବ । ଏଥିସହିତ ବିଦ୍ୟାଳୟରେ ଅଧିକାଂଶ ଜାତି ଓ ଜନଜାତି ପିଲାଙ୍କର ଷ୍ଟାଇପେଣ୍ଡ ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ସହ ଅଭିଭାବକଙ୍କୁ ନ ଜଣାଇ ବିଦ୍ୟାଳୟରେ ଏସଏମସି ଗଠନ କରାଯାଇଥିବା ଅଭିଯୋଗ ମଧ୍ୟ ଉଠିଛି । ତେଣୁ ପିଲାଙ୍କ ଜୀବନ ପ୍ରତି ବିପଦ ଥିବାରୁ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବା ସହିତ ବିଦ୍ୟାଳୟରେ ବିଭିନ୍ନ ଅନିୟମିତତାର ତଦନ୍ତ ପୂର୍ବକ ଦୃଢ଼କାର୍ଯ୍ୟାନୁଷ୍ଠାନ ନେବାକୁ ଅଂଚଳବାସୀ ଦାବୀ କରିଛନ୍ତି ।

ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

ଲଙ୍ଗଳେଶ୍ୱର, ୦୫/୦୮ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ସିଂଲା ଥାନା ସାର୍ଥା ଓଡିଶାଳ ଛକ ଅନତି ଦୂରରେ ବିଲ ମଧ୍ୟରୁ ସିଂଲା ପୋଲିସ ଦ୍ୱାରା ଏକ ଅଜଣା ମୃତଦେହ ଉଦ୍ଧାର କରାଯାଇଛି । ସୂଚନାରୁ ପ୍ରକାଶ ଯେ ସିଂଲା ଥାନା ସାର୍ଥା ଓଡିଶାଳ ଛକ ଅନତି ଦୂରରେ ଏକ ବିଲରେ ବ୍ୟକ୍ତି ପଡିଥିବାର ଦେଖି ସ୍ଥାନୀୟ ଲୋକେ ସିଂଲା ଥାନାକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଂଚି ଥିଲେ ହେଁ ଶବଟି ଚିହ୍ନଟ ହୋଇପାରିନଥିଲା । ସ୍ଥାନୀୟ ପଂଚୁପଡା ସରପଂଚ ପ୍ରତିନିଧି ବିନାୟକ ଦାସ ପହଂଚି ଉକ୍ତ ଶବଟି ପଶ୍ଚିମବଙ୍ଗ ମାରିଶଦା ଥାନା ଲାଉଦା ଗ୍ରାମର ଗୌତମ ବୋଲି କହିଥିଲେ । ଗୌତମ ଦୀର୍ଘଦିନ ଧରି ପଂଚୁପଡା ଗ୍ରାମର ମିଥୁନ ଦାସ ଘରେ ରହି ରାଜ ମିସ୍ତ୍ରୀ ଭାବରେ କାର୍ଯ୍ୟ କରୁଥିଲା । ୪ ରୁ ୫ ମାସ ପୂର୍ବେ କୌଣସି ଏକ ଘଟଣା କାରଣରୁ ସରପଂଚ ପ୍ରତିନିଧି ତଥା ସ୍ଥାନୀୟ ଲୋକେ ତାଙ୍କୁ ନିଜ ଘରକୁ ପଠାଇ ଦେଇଥିଲେ ମାତ୍ର ହଠାତ୍ ତାଙ୍କ ମୃତଦେହ ଦେଖି ସାଧାରଣରେ ହତ୍ୟା ସନ୍ଦେହ ସୃଷ୍ଟି କରିଛି । ଉକ୍ତ ଘଟଣା ସ୍ଥଳରେ ସାଇଂଟିଫିକ ଟିମ ଓ ସିଂଲା ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ବେହେରା, ଏଏସ ଆଇ ଗୋପାଳ ହେମ୍ବ୍ରମ ଉପସ୍ଥିତ ହୋଇ ଶବ ଜବତ କରିବାସହ ୟୁଡି କେଶ ନଂ-୨୪/୨୫ ମୂଳେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣା ପଡ଼ିଛି । ତେବେ ଖବର ଲେଖା ପର୍ଯ୍ୟନ୍ତ ମୃତକଙ୍କ ପରିବାର ତରଫରୁ କେହି ଆସି ନଥିଲେ ।

ଏମ୍‌ସିଏମ୍ ବୈଠକରେ ଯୋଗଦେଲେ ଶିକ୍ଷକ- ପିଲାଙ୍କ ପାଠପଢାକୁ ନେଇ ଉଠିଲା ପ୍ରଶ୍ନବାଚୀ

ମାହାଙ୍ଗା, ୦୫/୦୮ (ଆ.ପ୍ର) : ମାହାଙ୍ଗା ବ୍ଲକରେ ଥିବା ବିଭିନ୍ନ ଆଂଚଳିକ ସାଧନ କେନ୍ଦ୍ରରେ ଗତ ୧ ତାରିଖ ଶନିବାର ଦିନ ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶିକ୍ଷକମାନେ ଯୋଗଦେବା ପାଇଁ ଦିନ ୧୦ଟାରେ ବିଦ୍ୟାଳୟ ଛୁଟି କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ପ୍ରତ୍ୟେକ ଶନିବାର ଦିନ ଶିକ୍ଷକମାନେ ସକାଳ ୬.୩୦ ମିନିଟ୍‌ରେ ବିଦ୍ୟାଳୟକୁ ଆସି ଦିନ ୧୨.୩୦ ମିନିଟ୍‌ରେ ବିଦ୍ୟାଳୟ ଛାଡନ୍ତି । ଦିନ ୧୦ଟା ସମୟରେ ଏମ୍‌ସିଏମ୍ ବୈଠକ ଅନୁଷ୍ଠିତ ହେଉଥିବାରୁ ପିଲାମାନଙ୍କୁ ୯.୩୦ ମିନିଟ୍‌ରେ ଖାଇବାକୁ ଦେଇ ୧୦ ଟାରେ ବିଦ୍ୟାଳୟ ଛୁଟି କରିବା ଦ୍ୱାରା ପିଲାମାନଙ୍କ ପାଠ ପଢାରେ ସମସ୍ୟା ସୃଷ୍ଟି ହୋଇଛି । ଯେଉଁ ବିଦ୍ୟାଳୟରେ ଦୁଇ ଜଣ ଶିକ୍ଷକ କିମ୍ବା ଜଣେ ଶିକ୍ଷକ ରହିଛନ୍ତି ସେ ବିଦ୍ୟାଳୟ ଗୁଡିକ ଏମ୍‌ସିଏମ୍ ବୈଠକ ପାଇଁ ଦିନ ୧୦ଟାରେ ଛୁଟି ହୋଇଯାଉଛି । ଏମ୍‌ସିଏମ୍ ବୈଠକ ନାମରେ ପିଲାମାନଙ୍କ ପାଠ ପଢାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଯାହାଫଳରେ ଅଭିଭାବକ ମହଲରେ ଅସନ୍ତୋଷ ବଢିବାରେ ଲାଗିଛି । ରାଜ୍ୟ ସରକାର ସରକାରୀ ବିଦ୍ୟାଳୟ ଗୁଡିକରେ ପାଠ ପଢା ଉପରେ ଅଧିକ ଗୁରୁତ୍ୱ ନଦେଇ ଶିକ୍ଷକମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରୁଥିବା ଏପରିକି ଟ୍ରେନିଂ ଓ ବୈଠକରେ ଯୋଗଦେବାକୁ ବାଧ୍ୟ କରୁଥିବା ଚର୍ଚ୍ଚା ହେଉଛି । ଏପରିକି ମାହାଙ୍ଗା ବ୍ଲକ ଶିକ୍ଷାଅଧିକାରିଣୀ ବିଭିନ୍ନ ସିଆରସିସି ମାନଙ୍କୁ ଏମ୍‌ସିଏମ୍ ବୈଠକରେ ୧୦୦ ପ୍ରତିଶତ ଶିକ୍ଷକଙ୍କ ଉପସ୍ଥାପନ ଉପରେ ଗୁରୁତ୍ୱଦେବା ସହ ଯେଉଁ ଶିକ୍ଷକମାନେ ବିଇଓଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିବେ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ମେସେଜ୍ କରାଯାଇଥିବା ଏବେ ଚର୍ଚ୍ଚା ହେଉଛି । ଏଣୁ ରାଜ୍ୟ ସରକାର ପିଲାଙ୍କ ଶିକ୍ଷାପ୍ରତି ଗୁରୁତ୍ୱ ଦେଇ ଏସ୍‌ଏମ୍‌ସି ବୈଠକରେ ପ୍ରତ୍ୟେକ ବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷକ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେବାକୁ ଅଭିଭାବକ ମହଲରେ ଦୃଷ୍ଟି ଆକର୍ଷଣ କରାଯାଇଛି ।

ସମ୍ପତି ଲୋଭରେ ଦିବ୍ୟାଙ୍ଗ ପୁଅକୁ ପିଟି ଲହୁଲୁହାଣ କଲେ ସାବତ ମା' ଓ ବାପା



ନୀଳଗିରି, ୦୫/୦୮ (ଆ.ପ୍ର) : ସମ୍ପତି ଲୋଭରେ ଦିବ୍ୟାଙ୍ଗ ପୁଅକୁ ନିଜର ଜନ୍ମକଲା ବାପା ଓ ସାବତ ମା ପଥରରେ ମୁଣ୍ଡକୁ ଛେଚିବା ସହ ଠେଙ୍ଗାରେ ନିଷ୍ଠୁର ମାଡମାରି ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଏନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି ଦିବ୍ୟାଙ୍ଗ ପୁଅ ଦୟାନିଧି । ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା ଅଧିନ ଶ୍ୟାମସୁନ୍ଦରପୁର ଗ୍ରାମର ମହାଲିକ ସାହିରେ । ଉକ୍ତ ଗ୍ରାମର ଦିବ୍ୟାଙ୍ଗ ଦୟାନିଧି ମହାଲିକଙ୍କୁ ସାବତ ମା ରୀନାମଣି ମହାଲିକ ଓ ବାପା ଗୋବିନ୍ଦ ମହାଲିକ ସମ୍ପତି ଲୋଭରେ ୨୨ ବର୍ଷ ହେବ ଅତ୍ୟାଚାର କରି ଆସୁଛନ୍ତି । ଆଜି ତାଙ୍କୁ ଜୀବନରୁ ମାରିଦେବା ପାଇଁ ନିସ୍ଠୁର ମାଡ ମାରିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ । ପରେ ଡାକ୍ତରୀ ପରୀକ୍ଷା କରିବାସହ ନ୍ୟାୟ ଆଶାରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଦିବ୍ୟାଙ୍ଗ ଦୟାନିଧି ।

ଭୋଲା ବାବା ପାର୍ କରେଗା ଧ୍ୱନିରେ ପ୍ରକମ୍ପିତ ହେଲା ଉତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ବାବା ପଂଚଲିଙ୍ଗେଶର

ନୀଳଗିରି, ୦୫/୦୮ (ଆ.ପ୍ର) : ପବିତ୍ର ଶ୍ରାବଣ ମାସର ଚତୁର୍ଥ ସୋମବାରରେ ରାଜ୍ୟର ସବୁ ଶୈବ ପୀଠରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ଓ ଉତ୍ସବମୁଖର ହୋଇଥିବା ବେଳେ ଉତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ,ବାବା ପଂଚଲିଙ୍ଗେଶ୍ୱର କାଉଡିଆଙ୍କ ବୋଲ ବମ୍ ହର୍ ହର୍ ବମ୍, ଭୋଲା ବାବା ପାର୍ କରେଗା...ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା । ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର କାଉଡ଼ିଆମାନେ ବଡ଼ ଉତ୍ସାହର ସହ ବିଭିନ୍ନ ନଦୀ ତଥା ବାଲେଶ୍ୱରସ୍ଥିତ ବାଲିଘାଟ, ନୀଳଗିରିର କାଠପାଳ, ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ସୋନ ନଦୀରୁ ରିତି ନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରି ଜଳ ଆଣି ଚାଲି ଚାଲି ଆସିବା ସହ ୨୬୩ଟି ପାହାଚ ଚଢ଼ି ଲାଇନରେ ଆସି ରବିବାର ରାତ୍ରୀ ୧୨ଟା ପରଠାରୁ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି । ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ନୀଳଗିରି ନିକଟ ଦେବଗିରି ପର୍ବତମାଳାର ଅଂଶବିଶେଷର ଏକ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ପାଂଚଟି ଲିଙ୍ଗଙ୍କୁ ବାବା ପଂଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ମାନେ ପୂଜାର୍ଚ୍ଚନା କରିଆସୁଛନ୍ତି । ନୂଆକରି ଆସିଥିବା କିଛି କାଉଡିଆ ଏଠାକାର ରମଣୀୟ ପ୍ରାକୃତିକ ପରିବେଶ ସହ ଚିରସ୍ରୋତା ଝରଣାର କୁଳୁକୁଳୁ ନାଦ ଓ ଝରଣା ଶଯ୍ୟାରେ ବିଜେ ମହାଦେବଙ୍କୁ ସ୍ପର୍ଶ କରି ବିଭୋର ହୋଇଥିଲେ । ଏଠାରେ ଝରଣା ଶଯ୍ୟାରେ ବିଜେ ପାଂଚ ଲିଙ୍ଗଙ୍କୁ ସ୍ପର୍ଶ କରି ସାନିଧ୍ୟ ଲାଭ କରିବାର ସୁଯୋଗ ମିଳିଥାଏ । ପାଂଚ ଲିଙ୍ଗଙ୍କୁ ସ୍ପର୍ଶ କରିବାର ସୁଯୋଗ ଥିବାରୁ, ବିଶ୍ୱାସ ଅଛି ପାଂଚଟି ଶୈବପୀଠରେ ପୂଜା କଲେ ଯେଉଁ ପୁଣ୍ୟ ମିଳିଥାଏ । ଏ ପଂଚଲିଙ୍ଗେଶ୍ୱରରେ ସମାନ ପୁଣ୍ୟ ମିଳିଥାଏ ଏହା ସହ ପଂଚଲୀଙ୍ଗେଶ୍ୱରକୁ ସଂଯୋଗ କରୁଥିବା ରାସ୍ତା ଶେରଗଡ଼ ରୁ ନୀଳଗିରି, ଝରଣଘାଟି ରୁ ନୀଳଗିରି ଓ ମିତ୍ରପୁର, ସନ୍ତରାଗଡ଼ିଆ ରାସ୍ତାରେ କାଉଡିଆଙ୍କ ଲମ୍ବା ଧାଡ଼ି ସହ ବହୁ ସ୍ଥାନରେ ରାସ୍ତା ପାର୍ଶ୍ୱରେ କାଉଡିଆଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଷ୍ଟଲ କରି ପାଣି, ଗଜାବୁଟ, ମୁଗ, ଚା', ପ୍ରସାଦ, ସରବତ ଦେଉଥିବାର ଦେଖିବାକୁ ମିଳିଛି । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ହଜାର ହଜାର ଭକ୍ତଙ୍କ ସମାଗମକୁ ଆଖିଆଗରେ ରଖି ପଂଚଲିଙ୍ଗେଶ୍ୱର ଟ୍ରଷ୍ଟବୋର୍ଡ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାଗ୍ରହଣ କରାଯାଇଥିବା ବେଳେ, ପୋଲିସ ପ୍ରଶାସନ ତରଫରୁ ଭିନ୍ନଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଆମ ଭାଷା ଓ ସାହିତ୍ୟ

ଏବେର ପୃଥିବୀ ହେଉଛି ଜଗତ କରଣର । ଏହି ଜଗତକରଣ କେବଳ ଉଦାରବାଦୀ ମୁକ୍ତ ଅର୍ଥନୀତି ଉପରେ ପର୍ଯ୍ୟବେଶିତ ବୋଲି ଭାବି ବସିଲେ ଭୁଲ ହେବ । ବରଂ ଭାଷା ସାହିତ୍ୟ,ଜ୍ଞାନ,ପ୍ରଯୁକ୍ତିବିଦ୍ୟା ସଂସ୍କୃତି ପରି ଏକାଧିକ କ୍ଷେତ୍ର ଭୌଗଳିକ ନିର୍ବିଶେଷରେ ସମ୍ବନ୍ଧିତ ହେବା ମଧ୍ୟ ଏହାର ଏକ ପ୍ରମୁଖ ଅଂଶ ବିଶେଷ , ଏବଂ ଯାହାର ଆଧାର ହେଉଛି ଉତ୍କର୍ଷତା । ଅର୍ଥାତ ଏହି ଦ୍ରୁତ ପ୍ରଗତିଶୀଳ ବିଶ୍ୱରେ ଯେଉଁ ସବୁ ବିଭବ ଗୁଡିକ ନିଜକୁ ଯୁଗପଯୋଗି ଓ ଉତ୍କୃଷ୍ଟ ବୋଲି ପ୍ରତି ପାଦିତ କରି ପାରିବେ କେବଳ ସେହି ବିଭବ ଗୁଡିକ ହିଁ ତିଷ୍ଠି ରହି ପାରିବେ । ଅନ୍ୟଥା ସମୟର ପ୍ରବାହମାନ ସ୍ରୋତରେ ବିଲୀନ ହୋଇ ଯିବାର ସମ୍ଭାବନାକୁ ଏଡ଼ାଇ ଦିଆ ଯାଇ ନ ପାରେ । ଆମେ ଯଦି ଓଡ଼ିଆ ଭାଷା କ୍ଷେତ୍ର ରେ ଏକବିଂଶ ଶତାବ୍ଦୀର ଏହି ଆହ୍ୱାନକୁ ପରଖି ବସିବା ତେବେ ଭଣା ଅଧିକ ଆମକୁ ହତୋତ୍ସାହିତ ହେବାକୁ ପଡ଼ିବ । ଚାରି କୋଟିରୁ ଉର୍ଦ୍ଧ୍ୱ ଓଡ଼ିଆ ଭାଷା ଭାଷୀଙ୍କ ଭାଷା ହୋଇ ମଧ୍ୟ ଯେଉଁ ପ୍ରଶସ୍ତତା ଓ ପ୍ରୟୋଗଶୀଳତାର ଅଧିକାରୀ ହେବା କଥା ଅଦ୍ୟାବଧି ତାହା ସମ୍ଭବ ହୋଇ ପାରି ନାହିଁ । ଏପରି ଦେଖିବାକୁ ଗଲେ ପୃଥିବୀର ବିଭିନ୍ନ ଭାଷା ବ୍ୟବହାରକାରୀ ମାନଙ୍କ ସଂଖ୍ୟା ଦୃଷ୍ଟିରୁ ଓଡ଼ିଆ ଭାଷାର ସ୍ଥାନ ଯଥେଷ୍ଟ ଉଚ୍ଚରେ । ଭାରତ ବର୍ଷର ହିନ୍ଦୀ, ଦକ୍ଷିଣ ଭାରତୀୟ ଭାଷା ସମୂହ ଓ ବଙ୍ଗଳା ଭାଷା ପରେ ଓଡ଼ିଆ ଭାଷାର ସ୍ଥାନ । ପୁଣି ଆମର ଏହି ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଲା ପରେ ନିଜର ପ୍ରାଚୀନତା ଓ ବିପୁଳତାକୁ ସର୍ବ ଭାରତୀୟ ସ୍ତରରେ ପ୍ରମାଣିତ ଏବଂ ପ୍ରତିଷ୍ଠିତ କରିପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ନିଃ-ସନ୍ଦେହରେ ଏହାଦ୍ୱାରା ଓଡ଼ିଆ ଭାଷାର ଆତ୍ମ ପ୍ରତିଷ୍ଠା ଓ ଆତ୍ମ ମର୍ଯ୍ୟାଦା ବୃଦ୍ଧି ପାଇଛି । ମାତ୍ର ବିଡ଼ମ୍ବନାର ବିଷୟ ଏହି ଭାଷା ଶାସ୍ତ୍ରୀୟ ମାନ୍ୟତା ହାସଲ କରିବାର ଉତ୍କର୍ଷତା ସତ୍ତ୍ୱେ ବାସ୍ତବ କ୍ଷେତ୍ରରେ ଅବହେଳିତ ଓ ଅନାଦୃତ ଓ ଏକ ସମୃଦ୍ଧଶାଳୀ ଐତିହ ସମ୍ପନ୍ନ ଭାଷା ରୂପରେ ଏହା ଯେପରି ପରିପୁଷ୍ଟ ହେବାକଥା , ଯେପରି ଆଧୁନିକ ସମ୍ପନ୍ନ ହୋଇ ବହୁ-ପ୍ରସୁ ହେବାକଥା ସେପରି ଆଶାନୁରୂପକ ହୋଇ ପାରି ନାହିଁ । ଆମେ ଯଦି ବିଶ୍ୱ ସ୍ତରର ଅନ୍ୟାନ୍ୟ ସମୃଦ୍ଧ ଭାଷା ଗୁଡ଼ିକ ସହ ଆମ ଓଡ଼ିଆ ଭାଷାକୁ ତୁଳନା କରିବସିବା ତେବେ ଏହି ନିର୍ଣ୍ଣୟରେ ପହଂଚିବାରେ କୌଣସି ଅସୁବିଧା ହେବନାହିଁ । ଏହା ପ୍ରମାଣିତ ଯେ ଯେଉଁ ଭାଷା ଶିକ୍ଷା , ଶାସନ, ସଂଚାର ଓ ପ୍ରଯୁକ୍ତି ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ଚଳନକ୍ଷମ ଓ ବ୍ୟବହାର ଉପଯୋଗୀ ସେହି ଭାଷା ସେତିକି ଜୀବନକ୍ଷମ ଓ ଆଧୁନିକ । ଉପରୋକ୍ତ ପ୍ରୟୋଗଶୀଳତା ଦୃଷ୍ଟିରୁ ଯଦି ଓଡ଼ିଆ ଭାଷାର ପ୍ରାଣ ପ୍ରବାହ ଓ ଅସ୍ତିତ୍ୱକୁ ଆମେ ଖୋଜି ବସିବା ତେବେ ଏସବୁ କ୍ଷେତ୍ରରେ ଓଡ଼ିଆ ଭାଷାର ନୈରାଶ୍ୟ ଜନକ ସ୍ଥିତିକୁ ହିଁ କେବଳ ଚାକ୍ଷୁଷ କରି ପାରିବା । କେବଳ ସରକାରୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷା ଦାନର ଭାଷା ହେବାର ସୌଭାଗ୍ୟ ପ୍ରାପ୍ତି ବ୍ୟତିତ ଆମର ଏହି ଭାଷା କଥିତ ଭାଷାର ବାହକ ହେବାଛଡ଼ା ଅଧିକ ଦୂର ଅଗ୍ରସର ହୋଇ ପାରି ନାହିଁ । ସୌଭାଗ୍ୟକୁ ଏହି ଭାଷା କମ୍ପ୍ୟୁଟରକ୍ଷମ ହୋଇ ପାରିଛି ମାତ୍ର ପ୍ରୋସେସିଂ ଓ ପ୍ରୋଗ୍ରାମିଂ ପରି କ୍ଷେତ୍ରରେ ଏହାର ବ୍ୟବହାର ଖୁବ ସୀମିତ । କେବଳ ଡି .ଟି.ପି. ପରି ବ୍ୟବହୃତ ହେବା ଛଡ଼ା ଅଧିକ ପ୍ରାୟୋଗିକତାର ଅବକାଶ ଅବା ଉଦଯୋଗ ଏ ପର୍ଯ୍ୟନ୍ତ ସୁ ବ୍ୟବସ୍ଥିତ ଭାବେ ଆରମ୍ଭ ହୋଇନାହିଁ । ସୁଖର କଥା, ଓଡ଼ିଆ ଭାଷାର ଉଭୟ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ ବ୍ୟାପକ ପରିପ୍ରସାର ହେତୁ ଏହି ଭାଷା ଜନମାନସର ଭାଷା ହେବାରେ ଏକ ପ୍ରକାର ସଫଳ ହୋଇ ପାରିଛି । ପ୍ରକାରନ୍ତରେ କହିଲେ ଏକବିଂଶ ଶତାବ୍ଦୀର ଦ୍ରୁତ ବିବର୍ତ୍ତିତ ପୃଷ୍ଠପଟରେ ଓଡ଼ିଆ ଗଣମାଧ୍ୟମ ହିଁ ଓଡ଼ିଆ ଭାଷାକୁ ଏକ ପ୍ରକାର ଜନାଦୃତ କରାଇବାରେ ଆଶା ସଂଚାର କରିପାରିଛି । ଅନ୍ୟଥା ଶିକ୍ଷା-ଶାସନ-ସଂଚାର ଓ ପ୍ରଯୁକ୍ତି ପରି କ୍ଷେତ୍ରରେ ଏହି ଭାଷାର ଗୌଣସ୍ଥିତି ଘୋର ନିରାଶା ସୃଷ୍ଟି କରିଥାଏ । ଓଡ଼ିଆ ଭାଷା ଅଧିନିୟମ ପ୍ରଣୟନ ସତ୍ତ୍ୱେ ଏହି ଭାଷା ସମ୍ପୂର୍ଣ୍ଣ ଭାବରେ ପ୍ରଶାସନର ମାଧ୍ୟମ ହୋଇ ପାରି ନାହିଁ । ଏବେ ମଧ୍ୟ ତୃଣମୂଳ ସ୍ତରରେ ବ୍ଲକ ଓ ତହସିଲ ପ୍ରଭୃତି ଅଫିସ ମାନଙ୍କରେ ଇଂରାଜୀ ଭାଷାରେ ଫାଇଲପତ୍ର ଓ ଅନ୍ୟାନ୍ୟ କାର୍ଯ୍ୟ ଚାଲୁଅଛି । ଓଡ଼ିଆ ଭାଷା ଅଧିନିୟମରେ ସରକାରୀ କାର୍ଯ୍ୟଧାରା ଚାଲିଥିବା ବ୍ୟବସ୍ଥା ସତ୍ତ୍ୱେ ଉକ୍ତ ନିୟମକୁ କଡ଼ାକଡ଼ି କରା ଯାଉନଥିବାରୁ ବା ନିୟମ ଉଲଂଘନକାରୀଙ୍କ ପ୍ରତି ଦଣ୍ଡ ବିଧାନର ପ୍ରାବଧାନ ନ ଥିବାରୁ ଏହି ଆଇନକୁ ଖୋଲାଖୋଲି ଅବମାନନା କରାଯାଉଛି । ସଚେତନ ଭାଷା ଆନ୍ଦୋଳନକାରୀ ମାନେ ଦଣ୍ଡ ବିଧାନ ବ୍ୟବସ୍ଥା ପ୍ରଣୟନ କରିବା ନିମନ୍ତେ ଅଦ୍ୟାବଧି ହାତରେ କଳା ପତକା ଧରି ପ୍ରତିବାଦ କରିଚାଲିଥିବା ସତ୍ତ୍ୱେ ସରକାରଙ୍କ ତରଫରୁ ଏଥିପ୍ରତି କୌଣସି କର୍ଣ୍ଣପାତ ସୁଦ୍ଧା କରାଯାଉନାହିଁ ।

ଅଙ୍ଗଦାନ କ'ଣ

।। ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ।।

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି । କେଉଁ କେଉଁ ଅଙ୍ଗ ଦାନ କରାଯାଏ : ଆମ ଦେଶରେ ଯକୃତ, ବୃକକ୍, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ୍ୟ ଦାନ କରାଯାଏ । କେତେ ପ୍ରକାରର ଅଙ୍ଗଦାନ : ଅଙ୍ଗଦାନ ଦୁଇ ପ୍ରକାରର ଯଥା - ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତନଳୀ, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ । କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ୍ୟ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍ । କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ଚଂଚ୍ଚପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ । ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ କିଛି ମଧ୍ୟ ଜୀବିତ ବ୍ୟକ୍ତି ଦାନ କରିପାରେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ । ସାଧାରଣ ମୃତ୍ୟୁ ଏବଂ ବ୍ରେନ୍ ଡେଥ୍ ମଧ୍ୟରେ କ'ଣ ଫରକ : ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଂଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡେଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ । କିଏ ଦେଇପାରିବେ ଅଙ୍ଗ : ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ । କେମିତି ହୁଏ ଅଙ୍ଗଦାନ : ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡେଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ୱାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ପ୍ରତିବନ୍ଧକ କେଉଁଠି : ଅର୍ଗାନ୍ ଡୋନେସନ୍, ଆକ୍ଟ୍ ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଂଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି । କ'ଣ କରାଯାଏ ? : ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ଚକ୍ଷୁଦାନ : ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ୍ୟ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । କାହାକୁ ଯୋଗାଯୋଗ କରିବେ : ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଚକ୍ଷୁଦାନ ପାଇଁ କେନ୍ଦ୍ରୀୟ ନମ୍ବର ୧୯୧୯କୁ ଆପଣ ଡାଏଲ୍ କରିପାରନ୍ତି । ସେମିତି ୧୯୯୦୧୬୦୧୬୦ ନମ୍ବରରେ ମଧ୍ୟ ଆପଣ ଯୋଗାଯୋଗ କରିପାରିବେ । କ'ଣ କରିବେ ଆପଣ : ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନର କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଂଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତତି, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ୍ୟ ବେଆଇନ ।

ଅବସରପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ;୯୪୩୭୦୫୧୯୫୭

ନିଜକୁ ଚିହ୍ନନ୍ତୁ

।। ଲୋପାମୁଦ୍ରା ସାମଲ ।।

ନାରୀ ଭଗବାନଙ୍କ ସୃଷ୍ଟିର ଏକ ଅନୁପମ ସର୍ଜନା । ଜଣେ ବଳିଷ୍ଠବାନ ମହିଳା ମାନସିକ ଓ ଶାରୀରିକ ଭାବେ ଶକ୍ତିଶାଳୀ ହେବା ନିହାତି ଆବଶ୍ୟକ । ଆପଣ କେବେ ଏମିତି ଚିନ୍ତା କରିଛନ୍ତି କି । ଆସନ୍ତୁ ଜାଣିବା ଜଣେ ଶକ୍ତିଶାଳୀ ମହିଳା ହେବାପାଇଁ କ'ଣ ଜରୁରୀ ।

ଆତ୍ମବିଶ୍ୱାସ ହେଉଛି ନାରୀ ଜୀବନର ପ୍ରମୁଖ ଅଂଶ । ଆତ୍ମବିଶ୍ୱାସୀ ହେବା ଆତ୍ମ ପ୍ରେମର ଏକ ଉଦାହରଣ ଏବଂ ଏହା ଆମକୁ ତୁଳନାତ୍ମକ ବିଚାରଧାରାରୁ ଦୂରେଇ ରଖିବାରେ ସାହାଯ୍ୟ କରେ । ଅଧିକ ସର୍ଜନଶୀଳ ହେବା ଆପଣଙ୍କୁ ସଫଳ ଅନୁଭବ କରାଏ । ଉପଯୁକ୍ତ କାରଣ ସହିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକରେ ସମୟ ବିତାଇବା ଜରୁରୀ । ଏହାଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଭଲ ରହେ । ମାନସିକ ଭାବେ ସଶକ୍ତ ମହିଳାମାନେ 'ମୁଁ ଆଉ କ'ଣ ନୂଆ କରିପାରିବି' ପ୍ରଶ୍ନକୁ ବାରମ୍ବାର ନିଜକୁ ପଚାରିବା ଦରକାର । କିନ୍ତୁ ସବୁ ପରେ ବି ଅତ୍ୟଧିକ ପରିଶ୍ରମରୁ ବିରତି ନେଇ ନିଜକୁ ସମୟ ଦେବା ଉଚିତ ।

ଆଶାବାଦୀ ଓ ସକାରାତ୍ମକ ହେବା ଉଭୟ ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ଗୁରୁତ୍ୱପୂର୍ଣ୍ଣ । ସବୁବେଳେ ଆଶାବାଦ ଓ ସକାରାତ୍ମକତା ପ୍ରଦର୍ଶନ କରିବା ସମ୍ଭବ ନହୋଇପାରେ, କିନ୍ତୁ ଯଥା ସମ୍ଭବ ନିଜର ମାନସିକ ସୁସ୍ଥତା ବଜାୟ ରଖିବା ପାଇଁ ପ୍ରଚେଷ୍ଟା କରିବା ଦରକାର । ଏହା ନିଜର ତଥା ଅନ୍ୟମାନଙ୍କ ମନୋଭାବକୁ ମଧ୍ୟ ପ୍ରଭାବିତ କରିଥାଏ । ଗୋ - ଗେଟର ହେବା ଆଜିକାଲିର ମହିଳାମାନଙ୍କ ପାଇଁ ନିହାତି ଦରକାର । ଏହା ଆପଣଙ୍କ ସ୍ୱପ୍ନକୁ କାର୍ଯ୍ୟରେ ପରିଣତ କରେ । ଯେତେବେଳେ ଜଣେ ନାରୀ ସକାରାତ୍ମକ ଫଳାଫଳ କଳ୍ପନା କରେ, ସେହିଦୃଷ୍ଟିକୋଣ ଗୁଡ଼ିକୁ ହାସଲ କରିବାର ସମ୍ଭାବନା ଅଧିକ ଥାଏ । ଏହା ନାରୀର ମନକୁ ସୃଜନଶୀଳ ଚିନ୍ତାଧାରାରେ ସକ୍ରିୟ କରାଏ । ନିଜ ସ୍ୱପ୍ନକୁ ପୂରଣ କରିବା ଏବଂ ନିଜର ଚିନ୍ତାଧାରାକୁ ଏକ ସୁନ୍ଦର ବାସ୍ତବତାରେ ପରିଣତ କରିବା ପାଇଁ କାମ କରିବା ହେଉଛି ଗୋ-ଗେଟର ହେବାର ପରିଭାଷା ।

ମାନସିକ ଭାବେ ସଶକ୍ତ ମହିଳମାନେ ସେମାନଙ୍କର ଭୟ, ଅସୁବିଧା ଓ ସମସ୍ୟା ଗୁଡ଼ିକୁ ନିଜେ ହିଁ ସାମ୍ନାସାମ୍ନି ମୁକାବିଲା କରନ୍ତି । ବିଭିନ୍ନ ସମୟରେ ଅନେକେ ଭୟ କରିଥାଆନ୍ତି । ହେଲେ ଜଣେ ଶକ୍ତିଶାଳୀ ମହିଳା ଏହାକୁ କିପରି ମୁକାବିଲା କରିବେ ତାହା ନିଜର ମାନସିକ ସ୍ଥିତି ଉପରେ ନିର୍ଭର କରେ । ନିଜ ପ୍ରତି ସଚ୍ଚୋଟ ରହିବା ମଧ୍ୟ ଜଣେ ଶକ୍ତିଶାଳୀ ମହିଳାର ଉତ୍ତମ ଲକ୍ଷଣ । କୌଣସି ପ୍ରତିକୂଳ ପରିସ୍ଥିତିରେ ହାର ମାନିବା ଏବଂ ଅନ୍ୟର ଖୁସି ପାଇଁ ନିଜକୁ ପରିବର୍ତ୍ତନ ଅଧିକାଂଶ ସମୟରେ ଜରୁରୀ ନୁହେଁ । ମାନସିକ ଭାବେ ଦୃଢ଼ ଥିଲେ ଜଣେ ମହିଳା ଯେ କୌଣସି ପରିସ୍ଥିତିରେ ସଠିକ୍ ମୁକାବିଲା କରିବା ସହିତ ନିଜ ଭଳି ବଂଚ୍ଚା ନିହାତି ଆବଶ୍ୟକ ।

ଲେନ-୩, ଚନ୍ଦନୀ ନଗର, କଟକ,
ଦୂରଭାଷ : ୯୪୩୭୨୨୬୬୪୭

ଶେଷ ଶଙ୍ଖ ଧ୍ୱନି

।। କିଶୋର ଚନ୍ଦ୍ର ବେହେରା ।।

ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ ଭାରତ ଚଳିତବର୍ଷ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି । ଆନ୍ଦୋଳନ, ସଂଘର୍ଷ ମାଧ୍ୟମରେ ପରାଧୀନତାରୁ ମୁକ୍ତ ହୋଇଥିବା ବିଶ୍ୱର ଅସଂଖ୍ୟ ଦେଶ ମଧ୍ୟରେ ଭାରତର ଭିନ୍ନ ଏକ ପରିଚୟ ରହିଛି । କାରଣ ବିଭିନ୍ନ ସମ୍ପ୍ରଦାୟ, ଭାଷା, ସଂସ୍କୃତି, ଚଳଣିରେ ବ୍ୟାପକ ଭିନ୍ନତା ଥିବା ସତ୍ତ୍ୱେ ମଧ୍ୟ ଶକ୍ତିଶାଳୀ ଇଂରେଜ ସରକାର ବିରୋଧରେ ଭାରତୀୟ ସମାଜର ଅହିଂସା ଆଧାରିତ ମିଳିତ ଲଢେଇ ଏକ ବିଶ୍ୱକୁ ଏକ ଭିନ୍ନ ବାର୍ତ୍ତା ଦେଉଛି । ଏହି ଆନ୍ଦୋଳନରେ ପୂର୍ବ-ଭାରତୀୟ ରାଜ୍ୟ ଓଡିଶାର ମଧ୍ୟ ବଡ ଭୂମିକା ରହିଥିଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମର ସର୍ବଶେଷ ପର୍ଯ୍ୟାୟ ଆନ୍ଦୋଳନ ଥିଲା 'ଭାରତଛଡା ଆନ୍ଦୋଳନ' । ରାଷ୍ଟ୍ରର ସ୍ୱତନ୍ତ୍ରତା ଓ ସାର୍ବଭୌମତ୍ୱକୁ ଫେରାଇ ଆଣିବାକୁ ଯାଇ ୧୮୫୭ ମସିହାର ସିପାହୀ ବିଦ୍ରୋହକୁ ରାଜନୀତି ବିଜ୍ଞାନି ମାନଙ୍କ କ୍ଷେତ୍ରରେ ଏହା ହେଉଛି ପ୍ରଥମ ସ୍ୱାଧୀନତା ସଂଗ୍ରାମ । ଏହାର ୮୬ ବର୍ଷ ପରେ ଅର୍ଥାତ୍ ୧୯୪୨ ଅଗଷ୍ଟ ୯ ତାରିଖଠାରୁ ଆରମ୍ଭ ହୋଇଥିଲା ଶେଷ ସ୍ୱାଧୀନତା ସଂଗ୍ରାମ । ଏହି ଆନ୍ଦୋଳନର ବ୍ୟାପକତା ଓ ଗମ୍ଭିରତାକୁ ଦୃଷ୍ଟିପାତ କଲେ ଜଣାଯାଏ ଯେ, ଭାରତୀୟମାନଙ୍କ ଠାରେ ଏହି ସମୟରେ ଅଭୂତପୂର୍ବ ଉନ୍ମାଦନା ସୃଷ୍ଟି ହୋଇଥିଲା । ଏହି ଆନ୍ଦୋଳନ ଥିଲା ମହାତ୍ମାଗାନ୍ଧୀଙ୍କର ଶେଷ ଆୟୁଧ, ଯାହା ମାଧ୍ୟମରେ ସେ ଇଂରେଜ ସରକାରଙ୍କୁ ଭାରତ ଛାଡିବା ନିମନ୍ତେ ବ୍ୟସ୍ତ ବିବ୍ରତ କରିଦେଇଥିଲେ । ତେଣୁ ୮ ଅଗଷ୍ଟ ୧୯୪୨ରେ ଭାରତୀୟ ଜାତୀୟ କଂଗ୍ରେସର ବମ୍ବେ ଅଧିବେଶନରେ ଗୃହୀତ ହୋଇଥିଲା 'ଭାରତଛଡ଼ା ପ୍ରସ୍ତାବ' । ଏହି ଆନ୍ଦୋଳନର ବ୍ୟାପକତା ଏତେ ମାତ୍ରାରେ ଥିଲା ଯେ, ଏହା 'ଅଗଷ୍ଟ ବିପ୍ଳବ' ନାମରେ ପରିଚିତ ହୋଇଥିଲା । ଏହି ଦିନଟି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଚିରସ୍ମରଣୀୟ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତର ସହାୟତା ବଦଳରେ ଇଂରେଜ ମାନେ ଭାରତକୁ ମୁକ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ନିଜ କଥାରୁ ଓହରି ଯାଇଥିଲେ । ଯାହା ଫଳରେ ଇଂରେଜଙ୍କ ଠାରୁ ସ୍ୱାଧିନତା ଛଡ଼ାଇ ଆଣିବା ଲାଗି ସେତେବେଳେ ଗାନ୍ଧିଜୀ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲେ । ଏହାପରେ ଇଂରେଜମାନେ ଗାନ୍ଧିଜୀଙ୍କୁ ପୁନେର ଆଗା ଖାଁ ପ୍ୟାଲେସର ବନ୍ଦୀ କରି ରଖିଥିଲେ । ଅବଶ୍ୟ ଗାନ୍ଧିଜୀ ଅହିଂସା ଭାବେ ଏହି ଆନ୍ଦୋଳନର ଡାକରା ଦେଇଥିଲେ । ମାତ୍ର ଆନ୍ଦୋଳନ ସମୟରେ ଅନେକ ସ୍ଥାନରେ ହିଂସା, ଦଙ୍ଗା ଆଦି ଦେଖିବାକୁ ମିଳିଥିଲା । ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଯାଇ ସମସ୍ତ ନେତା, ଅନ୍ୟ କ୍ରାନ୍ତିକାରୀ ଏବଂ ସଂଗ୍ରାମୀମାନଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ସେହି ସମୟରେ ଇଂରେଜଙ୍କ କବଳରୁ ବର୍ତ୍ତି ଯାଇଥିବା ଜଣେ କ୍ରାନ୍ତିକାରୀ ଯୁବା ନେତ୍ରୀ ଅରୁଣା ଆସିଫ ଅଲ୍ଲୀ ୧୯୪୨ ଅଗଷ୍ଟ ୯ ତାରିଖରେ ମୁମ୍ବାଇର ଗ୍ୱାଲିଆ ଟ୍ୟାଙ୍କ ମଇଦାନରେ (ବର୍ତ୍ତମାନ କ୍ରାନ୍ତି ମଇଦାନ) ତ୍ରିରଙ୍ଗା ଉଡ଼ାଇ ଭାରତ ଛାଡ଼ ଆନ୍ଦୋଳନର ଶୁଭାରମ୍ଭ କରିଥିଲେ । ଅପରପକ୍ଷରେ ବନ୍ଦୀ ହେବାର କିଛି ଦିନ ପରେ ଗାନ୍ଧିଜୀଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଇଂରେଜମାନେ ତାଙ୍କୁ ମୁକ୍ତ କରିଦେଇଥିଲେ । ପରବର୍ତ୍ତୀ ସମୟରେ ଆନ୍ଦୋଳନ ତୀବ୍ର ରୂପ ଧାରଣା କରିଥିଲା ଏବଂ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଯୋଗୁଁ ଅଣ୍ଟା ସଳଖି ପାରୁନଥିବା ଇଂରେଜ ମାନଙ୍କର ଅସ୍ତିତ୍ୱକୁ ଏହା ଏକ ପ୍ରକାର ଦୋହଲାଇ ଦେଇଥିଲା । ୧୯୪୨ରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ୧୯୪୭ରେ ସିଦ୍ଧି ପ୍ରାପ୍ତ ହୋଇଥିଲା । ୧୯୪୭, ଅଗଷ୍ଟ ୧୫ ତାରିଖରେ ଭାରତ ଇଂରେଜ ଶାସନ କବଳରୁ ମୁକ୍ତ ହୋଇ ସ୍ୱାଧୀନତା ପ୍ରାପ୍ତି କରିଥିଲା । ଆନ୍ଦୋଳନ ଯେତେବେଳେ ତିବ୍ର ବେଗରେ ସମଗ୍ର ଦେଶରେ ବ୍ୟାପିଥିଲା ସେଥିରୁ ଓଡିଶା ମଧ୍ୟ ବାଦ୍ ପଡିନଥିଲା । ଓଡିଶାରେ ସ୍ୱାଧୀନତା ସଂଗ୍ରାମର ଏକ ବଡ ଭୂମିକା ବହନ କରିଥିଲେ ଜନଜାତି ସମ୍ପ୍ରଦାୟ । କୋରାପୁଟରେ ଲକ୍ଷ୍ମଣ ନାୟକ, କେନ୍ଦୁଝରରେ ରତନ ନାଏକ, ଘୁମୁସରର ଦୋରା ବିଷୋୟୀ ଓ ଚକରା ବିଷୋୟୀ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ପ୍ରମୁଖ ବ୍ରିଟିଶ ବିରୋଧୀ ଆନ୍ଦୋଳନର ମଙ୍ଗ ସମ୍ଭାଳିଥିଲେ । ଅଗଷ୍ଟ ୧୧ ରେ ଓଡ଼ିଶାର ମାଳତୀ ଚୌଧୁରୀ ଓ ସୁରେନ୍ଦ୍ର ନାଥ ଦ୍ୱିବେଦୀ ମୁମ୍ବାଇର କଂଗ୍ରେସ ଅଧିବେସନରେ ଯୋଗ ଦେଇ ଓଡ଼ିଶା ଫେରିଥିଲେ । ଏହି ଦୁଇ ଜଣ ଅନ୍ୟ ନେତୃବୃନ୍ଦଙ୍କ ସହ ସାମିଲ୍ ହୋଇ ଓଡ଼ିଶାରେ ଆନ୍ଦୋଳନକୁ ତୀବ୍ରତର କରାଇଥିଲେ । କଟକର ରେଭେନ୍ସା କଲେଜର ଅନେକ ଛାତ୍ର ନେତା କଲେଜ୍ ଅଫିସ କୁ ପୋଡି ପକାଇଥିଲେ । ପୋଲିସର ମୁକାବିଲା କରିବା ପାଇଁ ମରଣ ବାହିନୀ, ସଂଗ୍ରାମ ବାହିନୀ ଓ ରକ୍ତ ବାହିନୀ ଗଢି ଉଠିଥିଲା । କଟକର ବରୀ ଅଂଚଳ ର ଲୋକମାନେ ରମାଦେବୀ ଓ ଗୋପବନ୍ଧୁ ଚୌଧୁରୀଙ୍କ ଗିରଫ ଖବର ଶୁଣି ଉତ୍ୟକ୍ତ ହୋଇ କାଇପଦର ଡାକଘରେ ନିଆଁ ଲଗାଇଦେଇଥିଲେ । ପୋଲିସ୍ ଗୁଳି ଚାଳନା ରେ ୩ ଜଣ ମୃତ ଓ ୭ ଜଣ ଆହତ ହୋଇଥିଲେ । ଭଦ୍ରକର ଭଣ୍ଡାରୀପୋଖରୀ ଠାରେ ୫୦୦୦ ଲୋକ ଥାନା ଘେରାଉ କରି ସରକାରୀ କାଗଜପତ୍ର ନଷ୍ଟ କରିଦେଇଥିଲେ । ଶ୍ରୀଜଙ୍ଗ ଗ୍ରାମରେ ଚୌକିଦାରୀ ପୋଷାକ ପୋଡି ପକାଇବାରୁ ପୋଲିସ୍ ଗୁଳି ଚାଳନା କରିଥିଲା । ଯାହା ଫଳରେ ୧୧ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ । ବାସୁଦେବ ପୁର ଇରମ୍ ଠାରେ ମେଳନ ପଡିଆରେ ଲୋକ ମାନେ ସଭା କରୁଥିଲେ , ସେଠାକାର ଡି ଏସ୍ ପି ପହଂଚି ଲୋକଙ୍କ ଉପରେ ଗୁଳି ଚାଳନା କରିଥିଲେ । ଏହି ଗୁଳି ଚାଳନା ରେ ୨୮ ଜଣ ମୃତ ଏବଂ ୫୫ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ । ଏଠାରେ ହୋଇ ଥିବା ହତ୍ୟାକାଣ୍ଡ ୧୯୧୯ ମସିହା ଏପ୍ରିଲ ୧୩ ତାରିଖରେ ଘଟିଥିବା ପଞ୍ଜାବର ଅମୃତସହରର ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ପରି ହୋଇଥିବାରୁ ଏହାକୁ ଦ୍ୱିତୀୟ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ କୁହାଯାଏ । ଭାରତଛାଡ ଆନ୍ଦୋଳନ ରେ ଅଧିକ ବିପ୍ଳବୀ ମୃତ୍ୟୁ ବରଣ କରିଥିବାରୁ ଏହାକୁ ରକ୍ତ ତୀର୍ଥ କୁହାଯାଏ । ପୁରୀ ଜିଲ୍ଲାର ନିମାପଡା ରେ ସରକାର ଖଜଣାକୁ ବିରୋଧ କରାଯାଇଥିଲା । ପୋଲିସ୍ ର ଗୁଳି ଚାଳନା ରେ ଉଦ୍ଧବ ମଲ୍ଲିକ ନାମକ ଜଣେ ସତ୍ୟାଗ୍ରହୀ ପ୍ରାଣ ହରାଇଥିଲେ । ଭାରତ ଛାଡ ଆନ୍ଦୋଳନର ପ୍ରଭାବ ସିଧା ଦକ୍ଷିଣ ଓଡିଶାରେ ମଧ୍ୟ ଅନୁଭୂତ ହୋଇଥିଲା । ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ହଜାର ହଜାର ଆନ୍ଦୋଳନକାରୀ ଏହି ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ । ମାଲକାନଗିରି ଜିଲ୍ଲାର ମାଥିଲି ଥାନା ଘେରାଓ ବେଳେ ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଗୁଳି ଚଳାଇଥିଲା । ଏଥିରେ ଜଣେ ପୋଲିସ କର୍ମୀଙ୍କ ମୃତ୍ୟୁ ହୋଇଥିଲା । ଏହି ଅଭିଯୋଗରେ ଲକ୍ଷ୍ମଣଙ୍କୁ ଗିରଫ କରାଯାଇ ୧୯୪୩ ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲ୍ ରେ ଫାଶୀ ଦିଆଯାଇଥିଲା । ସେହିପରି ଉକ୍ତ ମାସ ୨୪ ତାରିଖରେ ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ପାପଡ଼ାହାଣ୍ଡିଠାରେ ସ୍ୱାଧୀନତା ପାଇଁ ବାହାରିଥିବା ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଉପରେ ତୁରି ନଦୀକୂଳରେ ଗୁଳିଚାଳନା କରାଯିବାରୁ ୧୯ ଜଣ ସହିଦ ହୋଇଥିଲେ । ତେବେ ପୋଲିସର ଏହି ବର୍ବରୋଚିତ ଗୁଳିଚାଳନା ଯୋଗୁ ଅନେକ ଶୋଭାଯାତ୍ରାକାରୀ ନଦୀରେ ଭାସିଯାଇଥିଲେ । ତେବେ ତାର ସଠିକ୍ ହିସାବ ନଥିଲେ ମଧ୍ୟ ୧୭ଜଣ ଗୁଳିମାଡରେ ଆହତ ହୋଇଥିଲେ ବୋଲି ସରକାରୀ ଦସ୍ତାବିଜ୍ ରୁ ସୂଚନା ମିଳେ । ଭାରତ ଛାଡ ଆନ୍ଦୋଳନରେ ବହୁ ବଡ଼ ବଡ଼ କଂଗ୍ରେସ ନେତାଙ୍କ ଗିରଫଦାରୀ ପରେ ରାମ ମନୋହର ଲୋହିଆ, ଜେପି ନାରାୟଣ, ଅରୁଣ ଅସଫ ଅଲ୍ଲୀ ଏବଂ ଉଷା ମେହେଟାଙ୍କ ଭଳି ଅନେକ ନୂଆ ନେତାଙ୍କ ସୃଷ୍ଟି ହୋଇଥିଲା । ଭାରତ ଛାଡ଼ ଆନ୍ଦୋଳନ ରୋକିବାକୁ ବ୍ରିଟିଶ ଅଧିକାରୀ ହିଂସାର ଆଶ୍ରୟ ନେଇଥିଲେ । ମହିଳା ଓ କିଶୋରଙ୍କ ସମେତ ପ୍ରାୟ ୧୦ ହଜାର ଲୋକଙ୍କୁ ଗିରଫ କରାଯାଇଥିଲା । ଦେଶବାସୀଙ୍କ ମଧ୍ୟରେ ଜାତୀୟତା ପ୍ରେମ ଜାଗ୍ରତ ହୋଇଥିଲା ଏବଂ ଇଂରେଜ ସରକାର ବିଶ୍ୱସନୀୟତା ହରାଇଥିଲେ । ଏହା ଭାରତରେ ବ୍ରିଟିଶ ଶାସନର ମୂଳଦୁଆ ଦୋହଲାଇ ଦେଇଥିଲା ଓ ପୂର୍ଣ୍ଣ ସ୍ୱରାଜ ପାଇଁ ଦାବିକୁ ଆହୁରି ମଜଭୁତ କରିଥିଲା । ଭାରତ ଛାଡ଼ ଆନ୍ଦୋଳନ ମାଧ୍ୟମରେ ଭାରତବାସୀଙ୍କୁ ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ ଏକତ୍ରିତ କରିବାକୁ ଗାନ୍ଧୀଜୀ ଶେଷ ଶଙ୍ଖ ଧ୍ୱନି ଥିଲା 'କର ବା ମର' । ଆମେ ଆମର ଦାସତ୍ୱ ଦେଖିବାକୁ ଜୀବିତ ରହିବା ନାହିଁ ବୋଲି ବାପୁଙ୍କର ଆହ୍ୱାନ ଥିଲା । ସେହିପରି 'ଆମର ଲଢେଇ କ୍ଷମତା ପାଇଁ ନୁହେଁ, ବରଂ ଭାରତର ସ୍ୱତନ୍ତ୍ରତା ପାଇଁ ଏକ ଅହିଂସା ଲଢେଇ' , 'ସ୍ୱାଧୀନତା ସଂଗ୍ରାମର ଜଣେ ଅହିଂସା ଯୋଦ୍ଧା ନିଜ ପାଇଁ ନୁହେଁ, କେବଳ ଦେଶ ପାଇଁ ଲଢେଇ କରିବ' ଏବଂ 'କେବଳ ଏକମାତ୍ର ସତ ବଂଚିରହିବ, ବାକି ସବୁ କିଛି ସମୟ ସହିତ ଲୀନ ହୋଇଯିବ' ଏମିତି ଅନେକ ସମୂହ ଧ୍ୱନି ଦେଇ ଆହ୍ୱାନ କରିଥିଲେ ସମସ୍ତ ଭାରତୀୟଙ୍କୁ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ଯୋଗାଯୋଗ:୯୪୩୭୯୫୫୫୬୮

ସେଇଠୁ ଆରମ୍ଭ
SEITHO ARAMBHA
ବୁଧବାର, ୦୬ ଅଗଷ୍ଟ,୨୦୨୫ : ବାଲେଶ୍ୱର : ପୃଷ୍ଠା -୫

ଐତିହ୍ୟ ହରାଉଛି ମାହାଙ୍ଗାର ପବିତ୍ର ଜରିଆ : ନୌବିହାର କେନ୍ଦ୍ର ନିର୍ମାଣ କାହା ସ୍ୱାର୍ଥରେ ?

ମାହାଙ୍ଗା, ୦୫/୦୮ (ଆ.ପ୍ର) : ମାହାଙ୍ଗାର ଅନ୍ୟ ଏକ ଐତିହାସିକ କ୍ଷେତ୍ର ବିନୋଦ ବିହାରୀ ପୀଠ । ଏହିପୀଠକୁ ଲାଗି ରହିଛି ପବିତ୍ର ପୂଣ୍ୟତୋୟା ଜରୀଆଝିଲ୍ଲୀ ବା ଜରାଆ ନଦୀ । ବୈଶାଖ ପୂର୍ଣ୍ଣିମାରେ ପ୍ରଭୁ ବିନୋଦବିହାରୀଙ୍କ ଏହି ପବିତ୍ର ଜରାଆ ଗର୍ଭରେ ଚାପ ଖେଳ ସାରା ଓଡିଶାରେ ବିନୋଦ ବିହାରୀ ଚାବେରୀ ନାମରେ ସୁଖ୍ୟାତ । ସେଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ଏକାଠି ହୋଇ ପ୍ରଭୁ ବିନୋଦବିହାରୀଙ୍କ ଏହି ନୌକା ବିହାର ଦୃଶ୍ୟକୁ ଅବଲୋକନ କରିଥାଆନ୍ତି । ଜରାଆରେ ଏହି ଚାପ ଖେଳକୁ ଦେଖିଲେ ପ୍ରଭୁ କୃପା ଲାଭ ହୋଇଥାଏ ବୋଲି ଭକ୍ତମାନଙ୍କର ଦୃଢ ବିଶ୍ୱାସ । ଜରୀଆ ଝିଲ୍ଲୀ ମାହାଙ୍ଗା, ବରାହୀପୁର, ରାହାଣିଆ, ଓଷଙ୍ଗ ପଂଚାୟତର ସୀମା ସହସଂଲଗ୍ନ । ସରକାରୀ ଖାତା ନଂ ୯୪୦, ଆବାଦ ଅଯୋଗ୍ୟ ଅନାବାଦି କିସମ ନଦୀ ମୌଜା ମାହାଙ୍ଗାରେ ଥିବା ପ୍ଲଟ ନମ୍ବର ୫୨୭, ୩୩୮, ୩୮୧, ୨୮ ମୋଟ ୨୬ ଏକର ୪୮୩ ଡିସିମିଲ ଅଂଚଳକୁ ନେଇ ଏହି ଜରୀଆ ନଦୀ । ଏକ ନଦୀଦ୍ୱାରା ପାଇକରାପୁରଠାରେ ଗୋବରୀନଦୀ ସହିତ ସଂଯୁକ୍ତ ହୋଇଛି । ଏହାର ଦୁଇ ପାର୍ଶ୍ୱରେ ପବିତ୍ର ଦେବପୀଠମାନଙ୍କ ମଧ୍ୟରୁ ବିନୋଦ ବିହାରୀ, ମାହେଶ୍ୱରୀ ଠାକୁରାଣୀ, ଲଙ୍ଗଳେଶ୍ୱର ମହାଦେବ, ବିଦେଇ ମହାପୁରୁଷ, ବିଶ୍ୱେଶ୍ୱର ମହାଦେବ, ଧବଳେଶ୍ୱର ମହାଦେବ, ତାରିଣୀ ପୀଠ, ମା'କାଳୀ ମନ୍ଦିର, ରାଧାକାନ୍ତ ମନ୍ଦିର, ବାବା କେଶବ ମହାରାଜଙ୍କର ସ୍ୱର୍ଣ୍ଣକ୍ଷେତ୍ରର ଚରମ ଘାଟ ସହିତ ଶ୍ରୀ ଜଗନ୍ନାଥ ମନ୍ଦିର ଅବସ୍ଥିତ । ବର୍ତ୍ତମାନ ଏହା ଦଳପୂର୍ଣ୍ଣ । ଗ୍ରାମ ପଂଚାୟତର ମାହାଙ୍ଗା ସ୍ଥିତି ପବିତ୍ର ଜରୀଆ ଝିଲୀ ତଟରେ ଗତ ୨୩.୧୧.୨୦୧୮ ରିଖରେ ଏକ ନୌକା ବିହାର କେନ୍ଦ୍ରକୁ ଆଇନମନ୍ତ୍ରୀ ପ୍ରତାପ ଜେନା ଶୁଭ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନର ତିନି ବର୍ଷପରେ ଏହି ନୌକାବିହାର କେନ୍ଦ୍ରଟି ଏବେ ଅଚଳ ହୋଇ ପଡିଛି । ସାତ ବର୍ଷ ବିତି ଗଲାଣି । ହେଉନି ସଚଳ । ଜରୀଆ ଝିଲ୍ଲୀଟି ପ୍ରଶାସନର ଆନ୍ତରିକତାର ଅଭାବରୁ ଦଳପୂର୍ଣ୍ଣ ହୋଇରହିଛି । ନା ହେଉଛି ଦଳ ସଫେଇ, ନା ଚାଲିଛି ନୌକାବିହାର । ସୂଚନାରୁ ଜଣାପଡିଛି ଯେ ଉଦ୍‌ଘାଟନର ଦୁଇ ବର୍ଷ ମଧ୍ୟରେ ମାହାଙ୍ଗା ପଂଚାୟତ ଏହି ନୌକା ବିହାର କେନ୍ଦ୍ରରୁ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ଆଦାୟ କରିଥିଲେ । ଉଦ୍‌ଘାଟନ ସମୟରେ ଦିଆଯାଇଥିବା ସୂଚନା ଅନୁଯାୟୀ ୯ ଲକ୍ଷ ଟଙ୍କା ବ୍ୟୟରେ ଏହି ନୌବିହାର କେନ୍ଦ୍ର ଗଠନ କରାଯାଇଛି । ବର୍ତ୍ତମାନ ୪ ଟି ବୋଟ୍ ଅସୁରକ୍ଷିତ ଭାବରେ ପଡି ରହିଥିବା ବେଳେ ଜରାଆ ଝିଲୀକୁ ସଫେଇ କରିବା ପାଇଁ ବ୍ଲକ ପ୍ରଶାସନ ଅନୁମତି ପ୍ରଦାନ କରୁନଥିବା ସରପଂଚ ସୂଚନା ଦେଇଛନ୍ତି । ଏହି ବୋଟ୍ କିଣିବା ପାଇଁ ପଂଚାୟତ ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା ବେଳେ ତିନି ଲକ୍ଷ ଟଙ୍କା ବ୍ୟୟରେ ବୋଟ୍ ରହଣୀର ବ୍ୟବସ୍ଥା କରାଯାଇଥିଲା । ବିଧାୟକ ପାଣ୍ଠିରୁ ଦଳ ସଫେଇ କରାଯାଇଥିଲା । ହେଲେ କାହା ଇଙ୍ଗିତରେ ବ୍ଲକ ପ୍ରଶାସନ ମାହାଙ୍ଗାର ଏଭଳି ଏକ ନୌକା ବିହାର କେନ୍ଦ୍ରକୁ ପରୋକ୍ଷରେ ଅଚଳ କରିଦେଇଛନ୍ତି । ସେ ସମୟରେ ତତ୍କାଳିନ କେନ୍ଦ୍ରାଂଚଳ ଆର.ଡି.ସି. ଜରାଆ ଝିଲ୍ଲୀକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସଂପର୍କରେ ଆଲୋଚନା କରିଥିଲେ । ଏହି ଝିଲ୍ଲୀର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବେ ବୋଲି ସେ ସମୟରେ ଆଲୋଚନା ହୋଇଥିଲା । ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିଲା ବେଳେ ଜରାଆ ଝିଲ୍ଲୀର ଅବସ୍ଥା ଦେଖିଲେ ଯେ କେହି କ୍ଷୋଭ ପ୍ରକାଶ କରିବ ।

ରାଜ୍ୟ ଓ ଗାଁ ପାଇଁ ଗୌରବ ଆଣିଲେ ଶୁଭେନ୍ଦୁ ସୁଭ୍ରଜିତ

ବରୀ, ୦୫/୦୮ (ଆ.ପ୍ର) : ନୂଆ ଦିଲ୍ଲୀ ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାରକରି ସ୍ୱର୍ଣ୍ଣ ପଦକ ପ୍ରାପ୍ତ କରିଥିବା ଶୁଭେନ୍ଦୁ ସୁଭ୍ରଜିତ ଜେନାଙ୍କୁ ଜନ୍ମ ମାଟିରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଦିଲ୍ଲୀରେ ଅନୁଷ୍ଠିତ ଏସିଆନ ମେଗା ଇଭେଂଟର ଆଇ ଏସବିବିପ୍ରଫେସନାଲ ଲିଗରେ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ବାଜିମାତ୍ କରିଛନ୍ତି ଶୁଭେନ୍ଦୁ ସୁଭ୍ରଜିତ । ଭୁବନେଶ୍ୱର ଇଉନିଟ ୬ ରେ ରହିଥିବା ସୁଭେନ୍ଦୁ ନିଜ ଗାଁ ମନ୍ଦାରିରେ ପହଂଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା । ଗ୍ରାମବାସୀମାନଙ୍କ ପକ୍ଷରୁ ଆୟୋଜିତ କରାଯାଇଥିବା ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଯୋଗଦେଇ ଉତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହିତ ଉଜ୍ଜ୍ୱଳଭବିଷ୍ୟ କାମନା କରି ଆଗାମୀ ଦିନରେ ଅଲମ୍ପିକ ବିଜେତା ହୁଅନ୍ତୁ ବୋଲି କହିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ, ବରିଷ୍ଠ ରାଜନେତା କୁମାର ଜେନ । ବରୀ ବ୍ଲକ ବିଜେଡି ସଭାପତି କେଦାର ସାମଲ, ଜିଲ୍ଲାପରିଷଦ ସଭ୍ୟ ଅଶୋକ କୁମାର ସାମଳ, ଦୀଲ୍ଲିପ ମହାନ୍ତି, ସନ୍ତୋଷ କୁମାର ସାମଲ, ପଂଚାୟତ ହାଇସ୍କୁଲ ରାମପୁରର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ଜେନା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମଲ୍ଲ, ମକର ଧ୍ୱଜ ସାହୁ, ସମାଜସେବୀ ହରିହର ପଣ୍ଡା, ମାନସ କୁମାର ଜେନା, ପ୍ରତାପ ଜେନା ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶୁଭେନ୍ଦୁଙ୍କ ବାପା ଅଶୋକ କୁମାର ଜେନା ପେଶାରେ ଜଣେ ସରକାରୀ ସ୍ୱାସ୍ଥ୍ୟ କର୍ମୀ ଭାବେ କାର୍ଯ୍ୟରତ ଥିବାବେଳେ ମା ଭଦ୍ରାବତି ଜେନା ଜଣେ ଗୃହିଣୀ । ଶୁଭେନ୍ଦୁଙ୍କର ପିଲା ଦିନରୁ ବଡ଼ି ବିଲଡିଂ ପ୍ରତି ଆଗ୍ରହ ରହିଚି ବୋଲି ତାଙ୍କ ପିତା ମାତା ପ୍ରକାଶ କରିଛନ୍ତି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କୈଳାସ ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଗ୍ରାମର ଆବାଳ ବୃଦ୍ଧ ବନିତା ଉତ୍ସାହର ସହିତ ସହଯୋଗ କରିଥିଲେ ।

ଆଦିକଳା ସମ୍ମାନରେ ସମ୍ମାନିତ ହେଲେ ଛତିଆ ଅଂଚଳର ତିନ ଯୁବ ପ୍ରତିଭା

ଛତିଆ, ୦୫/୦୮ (ଆ.ପ୍ର) : ଛତିଆ ଅଂଚଳ ପାଇଁ ଗର୍ବ ଗୌରବ ଅର୍ଜନ କରିଛନ୍ତି ତିନ ଯୁବ କଳାକାର ତା -୦୩/୦୮ / ୨୦୨୫ରିଖ ରବିବାର ଦିନ ଅନ୍ନପୂର୍ଣ୍ଣା ଥିଏଟର ପୁରି ଠାରେ କଲଚରାଲ ଡେଭଲପମେଂଟ ଫାଉଣ୍ଡେସନ ତରଫରୁ ନେସନାଲ ମେଗା ଆୱାର୍ଡ଼ ସେରିମନୀ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟ କ୍ରମରେ ଛତିଆ ଅଂଚଳର ନାଟ୍ୟ ନିର୍ଦ୍ଦେଶକ ଲଳହରି ପୃଷ୍ଟୀ (ତପନ ସାର) ନାଟ୍ୟ ରଚନା ଶ୍ରୀଧର ମହାନ୍ତି ଓ ଶ୍ରେଷ୍ଠ କମେଡିଆନ ଆଲୋକ ବେହେରା ଆଦିକଳା ସମ୍ମାନ ରେ ସମ୍ମାନିତ ହୋଇ ଛତିଆ ଓ ଆଖପାଖ ପଂଚାୟତ ପାଇଁ ସୁନାମ ଅର୍ଜନ କରିବା ସହ ଅଂଚଳ ପାଇଁ ଗର୍ବ ଗୌରବ ଆଣି ପାରିଛନ୍ତି । ଏହି ଆୱାର୍ଡ଼ ପାଇବାପରେ ଏହି ତିନ ଯୁବ କଳାକାରଙ୍କୁ ଅଂଚଳ ବାସୀ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉତରୋତ୍ତର କାମନା କରିଛନ୍ତି ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ବିଜ୍ଞାନ ମେଳା ଅନୁଷ୍ଠିତ

ସ୍ମ.ଉଦୟଗିରି, ୦୫/୦୮ (ଆ.ପ୍ର) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଶିଶୁ ବିଜ୍ଞାନୀ ଅନ୍ୱେଷଣ ନିମନ୍ତେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପାଇଥିବା ଅବସରପ୍ରାପ୍ତ ଶିକ୍ଷକ ବଳରାମ ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋଲୋକ ବିହାରୀ ପଟ୍ଟନାୟକ ଯୋଗ ଦେଇଥିଲେ । ଶିଶୁ ବିଜ୍ଞାନ ମେଳାରେ ବିଭିନ୍ନ ଔଷଧୀୟ ବୃକ୍ଷ, ଗୃହପାଳିତ ପଶୁ,ଖାଦ୍ୟସାର,ଗଣିତ ପ୍ରକଳ୍ପ,ନୂତନ ପ୍ରୟୋଗ, ମୂର୍ତ୍ତିକଳା ଓ ବିଜ୍ଞାନ ପ୍ରକଳ୍ପ ସମ୍ବନ୍ଧୀୟ ସମୁଦାୟ ୮୦ ରୁ ଊର୍ଦ୍ଧ୍ୱ ଛାତ୍ରୀ ଛାତ୍ର ନିଜ ନିଜ ପ୍ରକଳ୍ପ ଗୁଡିକୁ ନେଇ ପ୍ରଦର୍ଶନ କରିଥିଲେ । ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ବିଜ୍ଞାନ ମେଳାରେ ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ପ୍ରତିଯୋଗୀଙ୍କୁ ପ୍ରକଳ୍ପ ସମ୍ବନ୍ଧରେ ପଚାରି ବୁଝିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ଓ ଅନ୍ୟ ବିଦ୍ୟାର୍ଥୀ ମଧ୍ୟ ପ୍ରକଳ୍ପ ଗୁଡ଼ିକୁ ଦେଖିଥିଲେ । କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ବିଦ୍ୟାମନ୍ଦିରର ସମସ୍ତ କର୍ମଚାରି ସହଯୋଗ କରିଥିଲେ ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

କୋଳସରା, ୦୫/୦୮ (ଆ.ପ୍ର) : କୋଳସରା ବ୍ଲକ ଆମପାଣି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ଶିଶୁ ମନ୍ଦିରର ମୋଟ ୧୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦେବାଶିଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ତଥା ଉଦଯାପନୀ ଉତ୍ସବରେ ରଏନଗୁଡା ସ୍ଥିତ ବଡ଼ପୋଡ଼ାଗୁଡ଼ା ଗ୍ରାମ ପଂଚାୟତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କପିଳେନ୍ଦ୍ର ସିଂ, ପରିଚାଳନା କମିଟି ସଭାପତି ତ୍ରିନାଥ ପ୍ରସନ୍ନ ରାୟ, ଉପସଭାପତି ନକୁଳ ବାଣୁଆ ପ୍ରମୁଖ ଅତିଥି ଭାବେ ମଂଚାସୀନ ହୋଇଥିଲେ । ଏହି କ୍ରମରେ ୫୫ ଜଣ କୃତି ଶିକ୍ଷାର୍ଥୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସୀମନ୍ତିନୀ ପଣ୍ଡା ସଂଯୋଜନା କରିଥିବାବେଳେ ଗିରିଧାରୀ ବେମାଲ ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମାଁ ଓ ସେବିକା ମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

ମହାପ୍ରଭୁ ଜଗନ୍ନାଥଙ୍କ ଲାଗି ଗଲା ତୁଳସୀ ପତ୍ର

ଦଶପଲ୍ଲା, ୦୫/୦୮ (ଆ.ପ୍ର) : ଦଶପଲ୍ଲା ସହର ଏବଂ ଗ୍ରାମାଂଚଳରେ ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ତୁଳସୀ ପତ୍ର ପୁରୀ ପଠାଯାଇଛି । ସେହିଭଳି ନୟାଗଡ ବନଖଣ୍ଡ ଅନ୍ତର୍ଗତ ଛାମୁଣ୍ଡିଆ ମହାନଦୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୋମବାର ଦିନ ତୁଳସୀପତ୍ର ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ପୁରୀ ପଠାଯାଇଛି । ଶ୍ରାବଣ ମାସ ଏକାଦଶୀ ତିଥିରେ ଭୋର୍ ସମୟେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ବୟଣକ୍ଷ ତୁଳସୀ ଲାଗିବା ନିମନ୍ତେ ବିଧି ଅନୁଯାୟୀ ସୋମବାର ଦଶମୀ ତିଥିରେ ଏହାକୁ ତୋଳା ଯାଇଥିଲା । ଛାମୁଣ୍ଡିଆ ବନ ବିଭାଗର ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା ଓ ବନ କର୍ମଚାରୀଙ୍କ ସହଯୋଗରେ ବନବିଭାଗ କାର୍ଯ୍ୟାଳୟ ଭିତରେ ଥିବା ତୁଳସୀ ଗଛରୁ ସ୍ନାନ ଶୌଚ ବ୍ୟବସ୍ଥା ଭିତିରେ ତୁଳସୀ ତୋଳାଯାଇଥିଲା ।

ଦେଶୀ ମଦ ଜବତ, ୧ ଗିରଫ

ଦଶପଲ୍ଲା, ୦୫/୦୮ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସୁବଳୟା ଗ୍ରାମର ସୁରେଶ ପରିଡାଙ୍କ ଠାରୁ ୩୦ଲିଟର ଦେଶୀ ମଦ ସହ ଏକ ସ୍କୁଟି ଜବତ କରବା ସହିତ ସୁରେଶଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗୀୟ ଅଧିକାରୀ ଭବାନୀ ଶଙ୍କର ବେହେରା ସୂଚନା ଦେଇଛନ୍ତି । ଏହି ଚଢାଉ ସମୟରେ ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରାଙ୍କ ସମେତ କନେଷ୍ଟବଳ ପ୍ରଦୀପ୍ତ କୁମାର ନାଏକ, ପ୍ରହଲ୍ଲାଦ ପ୍ରଧାନ ଓ ଲକ୍ଷ୍ମୀ ମହାରଣା ପ୍ରମୁଖ ସାମିଲ ହୋଇଥିଲେ ।

ବୋଲବମ୍ ଭକ୍ତଙ୍କୁ ଅନ୍ନଭୋଗ ବଂଟନ

ସିନାପାଲି, ୦୫/୦୮ (ଆ.ପ୍ର) : ଶ୍ରାବଣ ମାସର ଶେଷ ସୋମବାର ଅବସରରେ ଅଖିଳ ଭାରତୀୟ ମାରୱାଡ଼ି ଯୁବା ମଂଚ ସିନାପାଲି ଶାଖା ଓ ଅଗ୍ରେସନ ଭବନ କମିଟି ତରଫରୁ ବୋଲବମ୍ ଭକ୍ତଙ୍କୁ ଅନ୍ନଭୋଗ ବଂଟନ କରାଯାଇଛି । ସିନାପାଲି ଦେଇ ଯାଉଥିବା ବୋଲବମ୍ ଭକ୍ତଙ୍କ ପାଇଁ ସ୍ଥାନୀୟ ଅଗ୍ରେସନଭବନ ଠାରେ ରହଣି ବ୍ୟବସ୍ଥା କରି ଅନ୍ନଭୋଗ ଦିଆଯାଇଥିବା ଜଣାପଡ଼ିଛି । ଯୁବାମଂଚ ସଂପାଦକ ଯୁବା ଗଣେଶ କୁମାର ଅଗ୍ରୱାଲଙ୍କ ନେତୃତ୍ୱ ଓ ରାଷ୍ଟ୍ରୀୟ ସଭା ସଦସ୍ୟ ଯୁବା ରିତେଶ କୁମାର ଜୈନ, ଯୁବାମଂଚ ସଭାପତି ହୀରାଲାଲ ଅଗ୍ରୱାଲ, ଯୁବାମଂଚ କୋଷାଧ୍ୟକ୍ଷ ରାଜେଶ କୁମାର ଅଗ୍ରୱାଲଙ୍କ ସହଯୋଗରେ ଅନୁଷ୍ଠିତ ଏଭଳି ମହତ କାର୍ଯ୍ୟକୁ ସ୍ଥାନୀୟ ଅଂଚଳରେ ପ୍ରଶଂସା କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ମାରୱାଡ଼ି ସମାଜ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ବାଇକ୍‌କୁ ପିଟିଲା ବୋଲେରୋ, ଜଣେ ଗୁରୁତ୍ୱର



ଭବାନୀପାଟଣା, ୦୫/୦୮ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଆଦର୍ଶ ବିଦ୍ୟାଳୟ ପାଖ ବିଜୁ ଏକ୍ସପ୍ରେସ ୱେରେ ବୋଲେରୋ ଓ ବାଇକ୍ ମୁହାଁମୁହିଁ ଧକ୍କା । ସିନାପାଲି ପଟୁ ଓଡି ୦୮ ସି ୮୭୩୧ ନମ୍ବର ବୋଲେରୋ ସହିତ ସିନାମାଲ ପଟୁ ଓଡି ୦୮ ଡି ୫୪୨୧ ବାଇକ୍ ପିଟି ହେବା ଫଳରେ ବାଇକ୍ ଆରୋହୀ ତିନି ଜଣ ଗୁରୁତର ଭାବେ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ଦେଖି ଶ୍ୟାମସୁନ୍ଦର ଅଗ୍ରୱାଲାଙ୍କୁ ଜଣାଇବା ପରେ ଅଗ୍ରୱାଲ ଗୋଲାମୁଣ୍ଡା ଅଗ୍ନିଶମ ବାହିନୀକୁ ଯୋଗ ଯୋଗ କରି ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇଥିଲେ । ତିନି ଜଣ ବାଇକ୍ ଆରୋହୀ ମଧ୍ୟରୁ ଦୁଇଜଣ ମହିଳା ଓ ଜଣେ ପୁରୁଷ । ବାଇକ୍ ଚାଳକ ଅଶ୍ୱିନ ମାଝୀ ଏବଂ ଗୁରୁତର ଦୁଇଜଣ ଢେକନାପଡା ଗ୍ରାମର ଜନନୀ ମାଝୀ ଓ ନିରୁପମା ମାଝୀଙ୍କୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟ କୁ ରେଫର କରାଯାଇଥିବା ଜଣାପଡ଼ିଛି । ଘଟଣା ସ୍ଥଳରୁ ଦୁର୍ଘଟଣା ଘଟାଇଥିବା ବୋଲେରୋ ଚମ୍ପଟ ମାରିଥିବା ଗୋଲାମୁଣ୍ଡା ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

ପୁରୀରୁ ୪ ଜଣ ଜାତୀୟ ଉପ କନିଷ୍ଠ ମୁଷ୍ଟିଯୁଦ୍ଧା ଭାବେ ସାମିଲ

ପୁରୀ, ୦୫/୦୮ (ଆ.ପ୍ର) : ଚତୁର୍ଥ ଉପ-କନିଷ୍ଠ ବାଳକ ଓ ବାଳିକା ଜାତୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ୨୦୨୫ ରେ ଭାଗ ନେବା ପାଇଁ ରାଜ୍ୟ ଦଳରେ ପୁରୀ ଜିଲ୍ଲାର ୪ ଜଣ ମୁଷ୍ଟିଯୋଦ୍ଧା ସ୍ଥାନିତ ହୋଇଛନ୍ତି । ଆସନ୍ତା ୭ରୁ ୧୩ ଅଗଷ୍ଟ ପର୍ଯ୍ୟନ୍ତ ଉତର ପ୍ରଦେଶର ଗ୍ରେଟର ନୋଇଡା ସ୍ଥିତ ଗାଲଗୋଟିଆସ୍ ବିଶ୍ୱବିଦ୍ୟାଳୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେଥିପାଇଁ ପୁରୀରୁ ସାମିଲ ହୋଇଥିବା ଖେଳାଳି ମାନେ ହେଲେ ବାଳକ ବର୍ଗରୁ ସଂଗ୍ରାମ ପ୍ରଧାନ, ପୋଲିସ ଉଚ୍ଚ ବିଦ୍ୟାଳୟ, ବାଳିକା ବର୍ଗରୁ ଯାଜ୍ଞସେନୀ ଭୋଇ, ଇତି ଭୂଆଁ ଜି ପି ଉଚ୍ଚ ବିଦ୍ୟାଳୟ, ଦିବ୍ୟା ସାହୁ,ପୁରୀ ଜିଲ୍ଲା ସ୍କୁଲ, ଜି କନ୍ୟାକୁମାରୀ ରେଡି, ପୁରୀ ଜିଲ୍ଲା ସ୍କୁଲ । ସମସ୍ତ ଖେଳାଳି ପୁରୀ ବକ୍ସିଂ ଏକାଡେମୀର ଛାତ୍ରଛାତ୍ରୀ ଅଟନ୍ତି । ଗତ ଜୁଲାଇ ୨୬ ଓ ୨୭ ତାରିଖରେ ରାଉରକେଲା ଠାରେ ରାଜ୍ୟ ଦଳ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ସେଥିରେ ଉକ୍ତ ଖେଳାଳି ମାନେ ଉଚ୍ଚତର ଖେଳ କୌଶଳ ପ୍ରଦର୍ଶନ କରି ରାଜ୍ୟ ଦଳରେ ସ୍ଥାନିତ ହୋଇଛନ୍ତି । ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ରାଜ୍ୟ ଅଲମ୍ପିକ ସଙ୍ଘ କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ରାମ ଦାସ ମହାପାତ୍ର, ଅନୀଲ ଗୋଚ୍ଛିକାର, ବିନୋଦ ସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡା ଶିକ୍ଷକ ରଞ୍ଜନ ରେଡ୍ଡି, ଅର୍ଜ୍ଜୁନ ରାଉ କେରକେଟ୍ଟା, ତ୍ରିଲୋଚନ ପ୍ରଧାନ ଓ ପୁରୀ ବକ୍ସିଂ ଏକାଡେମୀର ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରି ଶୁଭେଚ୍ଛା ଜଣାଇଛନ୍ତି ।

ବଢୁନି ତେଲ ମସଲା ପଇସା, ଅଙ୍ଗନୱାଡ଼ିରେ ମଧ୍ୟାହ୍ନ ଭୋଜନ ରୋଷେଇ ହେବ କିପରି ?

ମାହାଙ୍ଗା, ୦୫/୦୮ (ଆ.ପ୍ର) : ସରକାର ବଦଳିଗଲେ ହେଲେ ପୂର୍ବ ସରକାରଙ୍କ ନିୟମ ବଦଳିନି । ଏପଟେ ସିଡିପିଓମାନଙ୍କର ତାଗିଦ୍ ରୋଷେଇ ଅଙ୍ଗନୱାଡିରେ ଠିକ୍ ଠାକ୍ କର । ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯେଉଁ ଅଙ୍ଗନୱାଡି କେନ୍ଦ୍ରରେ ୧୦/୧୨ ଜଣ ପିଲା ଅଛନ୍ତି ସେ କେନ୍ଦ୍ରରେ ରୋଷେଇ ହେବ କିପରି ? ସରକାର ଅଣ୍ଡାର ଦର ବଢାଇ ଦେଲେ । ପୂର୍ବରୁ ଅଣ୍ଡାର ଦର ଗୋଟି ପିଛା ୫ଟଙ୍କା ଥିଲା । ଏବେ ୭ ଟଙ୍କା ହୋଇଛି । ପନିପରିବା ତେଲ ଓ ମସଲା ପାଇଁ ସରକାର ୬୪ ପଇସା ଦେଉଛନ୍ତି । ପୂର୍ବରୁ ହରଡଡାଲି କିଲୋ ପିଛା ସରକାର ୬୦ପଇସା ଦେଉଥିଲେ । ବଜାରରେ ହରଡଡାଲିର ଦର କିଲୋ ପିଛା ୧୮୦ ଟଙ୍କା ଦୁଇ ତିନି ବର୍ଷ ତଳୁ ଦର ବଢିଲାଣି । ୬୦ ଟଙ୍କାରେ ହରଡଡାଲି କିଣା ଯାଇ ପାରିବ ତ ? ସେହିପରି ତେଲ କିଣିବା ପାଇଁ ଲିଟର ପିଛା ସରକାର ୯୦ ଟଙ୍କା ଦେଉଛନ୍ତି । ବର୍ତ୍ତମାନ ଭଲ ତେଲର ଦର ବଢିଯାଇଛି । ସେହିପରି ସକାଳ ଜଳଖିଆ ପାଇଁ ରାଜ୍ୟ ସରକାର ୧.୫୦ ପ. ଦେଉଛନ୍ତି । ଚକ୍‌ଲେଟ୍‌ର ମୂଲ୍ୟ ବଢିଲେଣି । ୧.୫୦ ପ. ରେ ବୁଡା ବାଦାମ ଲଡୁ, ଅଟା ଲଡୁ, ଗଜା ମୁଗ, ପିଲାମାନଙ୍କୁ ଦେବା ସମ୍ଭବ କି ? ଛୋଟ ପିଲାମାନଙ୍କୁ ସକାଳ ଜଳଖିଆ ନାମରେ ଅଙ୍ଗନୱାଡି କେନ୍ଦ୍ରରେ ରାଜ୍ୟ ସରକାର ଭଣ୍ଡାଉଛନ୍ତି ।

ରାଉରକେଲା ଇସ୍ପାତ କାରଖାନାର ସିଓ ଆଣ୍ଡ ସିସିଡି ବିଭାଗ ଦ୍ୱାରା ଆୟୋଜିତ ସଡ଼କ ସୁରକ୍ଷା ଅଭିଯାନରେ ପ୍ରାୟ ୬୦୦ ଜଣ କର୍ମଚାରୀଙ୍କ ଅଂଶଗ୍ରହଣ

ରାଉରକେଲା, ୦୫/୦୮ (ଆ.ପ୍ର) : ସେଲ୍, ରାଉରକେଲା ଇସ୍ପାତ କାରଖାନାର ସିଓ ଆଣ୍ଡ ସିସିଡ଼ି ବିଭାଗର ଅଧିକାରୀ , କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ସମେତ ପ୍ରାୟ ୬୦୦ ଜଣ ବ୍ୟକ୍ତି ଅଗଷ୍ଟ ୫ ତାରିଖରେ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା ଅଭିଯାନରେ ଅଂଶଗ୍ରହଣ କରିଥିଲେ । ଏହି ଅଂଶଗ୍ରହଣକାରୀମାନେ ଏସପି-୧ ଛକରୁ ସିଓ ଆଣ୍ଡ ସିସିଡ଼ି ଛକ ସମେତ କୋକ୍ ଓଭନ୍ ବ୍ୟାଟେରୀ ୩ର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଏକ ସୁଦୀର୍ଘ ମାନବ ଶୃଙ୍ଖଳ ଗଠନ କରିଥିଲେ । ଏହି ଅବସରରେ ସିଓ ଆଣ୍ଡ ସିସିଡ଼ି ବିଭାଗର ସିଜିଏମ ରାକେଶ ଜୋଶୀ ଏହି ଅଭିଯାନର ନେତୃତ୍ୱ ନେଇଥିବାବେଳେ ଅପରେଶନ ବିଭାଗର ଜିଏମ ଓ ଏଚଓଏସ କେ ଶ୍ରୀନିବାସୁଲୁ, ଇଲେକଟ୍ରିକାଲ ବିଭାଗର ଜିଏମ ଓ ଏଚଓଏସ ଏ କେ ବାରା, କୋକ ଓଭେନ ବିଭାଗର ଜିଏମ ଓ ଏଚଓଏସ ସଜଳ ଚନ୍ଦ୍ରା, ସିସିଡ଼ି ବିଭାଗର ଜିଏମ୍ ଜିତେନ ମହାନ୍ତି, ସୁରକ୍ଷା ବିଭାଗର ଜିଏମ ଆବାକାସ ବେହେରାଙ୍କ ସମେତ ଉକ୍ତ ବିଭାଗର ବହୁ ଅଧିକାରୀଗଣ ଉପସ୍ଥିତ ଥିଲେ । ଏହି ଅଭିଯାନରେ ସୁରକ୍ଷିତ ଗାଡ଼ି ଚାଳନା, ନିର୍ଦ୍ଧାରିତ ଗତି ସୀମା, ରେଡ ଲାଇଟ ଉଲ୍ଲଂଘନ ନକରିବା ଏବଂ ଓଭରଟେକିଂ ଏଡାଇ ଗାଡି ଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସଡକ ସୁରକ୍ଷା ଉପରେ ଆଧାରିତ ବାର୍ତ୍ତା ଏବଂ ସ୍ଲୋଗାନ ସହ ପ୍ଲାକାର୍ଡ ଓ ବ୍ୟାନର ପ୍ରଦର୍ଶିତ କରାଯିବା ସହିତ ପାମ୍ଫଲେଟ୍ ବଂଟନ କରାଯାଇଥିଲା । ସୁରକ୍ଷା ଅଭ୍ୟାସକୁ ସୁଦୃଢ଼ କରିବା ଏବଂ କାରଖାନା ପରିସର ମଧ୍ୟରେ ଏକ ଦୃଢ଼ ସୁରକ୍ଷା ସଂସ୍କୃତିକୁ ବଜାୟ ରଖିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା, ଗାଡ଼ି ଚଳାଇବା ସମୟରେ ସତର୍କ ରହିବା ଏବଂ ପ୍ଲାଂଟ ମଧ୍ୟରେ ବ୍ୟାପକ ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ଏହି ସଡ଼କ ସୁରକ୍ଷା ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା । ଏହି ପଦକ୍ଷେପ ମାଧ୍ୟମରେ ସଡ଼କ ସୁରକ୍ଷାର ଦାୟିତ୍ୱବୋଧତା ଓ ସୁରକ୍ଷା ସଂସ୍କୃତି ସହ ଏହାର ନିର୍ଦ୍ଦେଶାବଳୀ ପାଳନ କରିବା ଉପରେ ଜୋର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମଟି କୋକ ଓଭେନ ବିଭାଗର ଡ଼ିଜିଏମ ତଥା ଡ଼ିଏସଓ ଡି ସାହୁ ଓ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ସହଭାଗିତାରେ ସଞ୍ଚୋଳିତ ହୋଇଥିଲା ।

ସଭା ଗୃହରେ ୭୯ ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ରଣିଆ, ୦୫/୦୮ (ଆ.ପ୍ର) : ରଣିଆ ବ୍ଲକ ସଭା ଗୃହରେ ୭୯ ତମ ସ୍ୱାଧିନତା ଦିବସ ପାଳନ ଅବସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ଲକ ଅଧକ୍ଷା ଝୁନା ଜେନା, ବିଡ଼ିଓ ସାଗର କୁମାର ନନ୍ଦ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀ ସଂଗଠନର, ରଣିଆ ଥାନା କର୍ମଚାରୀ, ସହକାରୀ ଯନ୍ତ୍ରୀ କନିଷ୍ଠ ଯନ୍ତ୍ରୀ, ଦମକଳ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଭୋର ୫ ଟାରେ ପ୍ରତ୍ୟେକ ଗ୍ରାମରେ ରାମଧୁନ ଗାନ କରାଯିବା ପାଇଁ ସ୍ଥିର କରାଯାଇଥିଲା । ଅନୁଷ୍ଠାନ ଗୁଡିକରେ ୭ଟା ୧୫ରେ ଗାନ୍ଧୀ ପୀଠରେ ୭ ଘଡିକା ୩୦ ମିନିଟ ଏବଂ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜେନେରାଲ ପତାକା ଉତୋଳନ ୮ଟା ୧୫ରେ ହେବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା । ବ୍ଲକ ଅଧକ୍ଷା ଝୁନା ଜେନା ଜେନେରାଲ ପତାକା ଉତୋଳନ କରିବାକୁ ସ୍ଥିର କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା ୧୧ ତାରିଖରେ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିଲା । ବ୍ଲକ ଶିକ୍ଷା ବିଭାଗ ପ୍ରତିଯୋଗିତାର ସମସ୍ତ ଦାୟିତ୍ୱ ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଥିଲା । କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅଗଷ୍ଟ ୧୫ ତାରିଖ ଦିନ ପୁରସ୍କାର ବଂଟନ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ସମସ୍ତ ବିଭାଗୀୟ ଅଧିକାରୀ, ମହାବିଦ୍ୟାଳୟ ତଥା ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବିଡ଼ିଓ ନିବେଦନ କରିଥିଲେ । ରଣିଆ ବଜାର ଗାନ୍ଧୀ ପୀଠର ଉନ୍ନତିକରଣ କରିବାକୁ ମଞ୍ଜୁର ଥିବା ଅର୍ଥ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଡ଼ିଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସିଥୋ
ଆରମ୍ଭ
SEITHO ARAMBHA

ବାଲିଗୁଡ଼ାରେ ନୂତନ ଉପଜିଲ୍ଲାପାଳ ପ୍ରଣୀତା ଦାସ

ବାଲିଗୁଡା, ୦୫।୦୮ (ଆ.ପ୍ର) : ବାଲିଗୁଡାର ନୂତନ ଉପଜିଲ୍ଲାପାଳ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି ପ୍ରଣୀତା ଦାସ, ଭାରତୀୟ ପ୍ରଶାସନିକ ସେବା । ସେ ୨୦୨୩ ବ୍ୟାଚର ଭାରତୀୟ ପ୍ରଶାଶନିକ ସେବାର । ନିଜ ଘର ମୟୁରଭଂଜ ଜିଲ୍ଲା ବାରିପଦାରେ ଘର । ତାଙ୍କର ଏହା ପ୍ରଥମ ଉପଜିଲ୍ଲାପାଳ ଭାବେ ଦାୟୀତ୍ୱ ନେଇଛନ୍ତି । ସେ କହିଛନ୍ତି ଅଂଚଳ ସମସ୍ୟାକୁ ନେଇ ବୁଝିବି ଓ ଧିରେଧିରେ ସମସ୍ୟାର ସମସ୍ୟାର ସମାଧାନ କରିବି । ସମସ୍ତଙ୍କ ସହଯୋଗରେ ଉପଖଣ୍ଡର ପ୍ରଗତି କରିବାକୁ ଆଶା ରଖିଛନ୍ତି ।

ଦେଶରେ ବିଶ୍ୱସ୍ତରୀୟ ଚଳଚ୍ଚିତ୍ର ନିର୍ମାଣ ଲାଗି ଇଣ୍ଡିଆ ସିନେ ହବ୍ ପୋର୍ଟାଲ୍ ବ୍ୟବହାର କରିବାକୁ ରାଜ୍ୟମାନଙ୍କୁ ପରାମର୍ଶ

ନୂଆଦିଲ୍ଲୀ,୦୫।୦୮ (ପି.ଆଇ.ବି.) : ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ମଙ୍ଗଳବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ସୂଚନା ଓ ଲୋକସମ୍ପର୍କ (ଆଇ ଆଣ୍ଡ ପିଆର) ସଚିବମାନଙ୍କର ଏକ ଉଚ୍ଚସ୍ତରୀୟ ସମ୍ମିଳନୀର ଆୟୋଜନ କରିଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍ ମୁରୁଗନ, ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସମ୍ମିଳନୀରେ ଉଦବୋଧନ ଦେଇଛନ୍ତି । ଗଣ ଯୋଗାଯୋଗ କ୍ଷେତ୍ରରେ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ସୁଦୃଢ଼ କରିବା, ପ୍ରେସ୍ ସେବା ପୋର୍ଟାଲ୍ ଏବଂ ଇଣ୍ଡିଆ ସିନେ ହବ୍ ର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ତଥା ଚଳଚ୍ଚିତ୍ର ଭିତିଭୂମି ବିକାଶ ଓ ବିଭିନ୍ନ କ୍ଷେତ୍ରରେ ଭାରତର ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ସହଯୋଗୀ ସୁଯୋଗ ଅନୁସନ୍ଧାନ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ । ସମ୍ମିଳନୀରେ ଉଦବୋଧନ ଦେଇ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍ ମୁରୁଗନ କହିଥିଲେ, ଇଣ୍ଡିଆନ୍ ସିନେମା ହବ୍ ପୋର୍ଟାଲକୁ ଏକକ ସିଙ୍ଗଲ-ୱିଣ୍ଡୋ ସିଷ୍ଟମ ରୂପେ ପୁନର୍ନିର୍ମାଣ କରାଯାଇଛି । ଏହା ସାରା ଭାରତରେ ଚଳଚ୍ଚିତ୍ର ନିର୍ମାଣ ସହ ଜଡ଼ିତ ମଞ୍ଜୁରି ଏବଂ ସେବାଗୁଡ଼ିକୁ ସୁଗମ ଉପଲବ୍ଧତା ପ୍ରଦାନ କରୁଛି । ଜିଆଇଏସ ବୈଶିଷ୍ଟ୍ୟ ଏବଂ ସାଧାରଣ ଫର୍ମ ସହିତ, ଏହା ବ୍ୟବସାୟିକ ସୁଗମତାକୁ ସମର୍ଥନ କରିଥାଏ । ଏହା ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ଚଳଚ୍ଚିତ୍ର-ଅନୁକୂଳ ନୀତିଗୁଡ଼ିକୁ ପ୍ରଦର୍ଶନ କରେ । ମନ୍ତ୍ରୀ କମ ମୂଲ୍ୟର ଥିଏଟର ମାଧ୍ୟମରେ ମହିଳା ଏବଂ ସ୍ଥାନୀୟ ସମାଜକୁ ସଶକ୍ତ କରୁଥିବା ତୃଣମୂଳ ସ୍ତରର ସିନେମା

ପ୍ରୟାସ ଉପରେ ମଧ୍ୟ ଆଲୋକପାତ କରିଥିଲେ । ସେ ୱେଭ୍ସ ୨୦୨୫ ଏବଂ ଆଇଏଫଏଫଆଇ ଗୋଆ ଭଳି ପ୍ରମୁଖ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ର ମନ୍ତ୍ରୀ କହିଥିଲେ, ଏହା ବିଶ୍ୱ ପ୍ରତିଭାକୁ ଆକର୍ଷିତ କରିବ, ଭାରତର ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ବୃଦ୍ଧି କରିବ, ବିଶ୍ୱବ୍ୟାପୀ ସାଂସ୍କୃତିକ କୂଟନୀତିକୁ ପ୍ରୋତ୍ସାହିତ କରିବ ଏବଂ ଆଗାମୀ ଦିନର ସୃଜନଶୀଳ ପ୍ରତିଭାକୁ ସଶକ୍ତ କରିବ । ସମ୍ପ୍ରତି ଆରମ୍ଭ ହୋଇଥିବା ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ ଟେକ୍ନୋଲୋଜି (ଆଇଆଇସିଟି) ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ମନ୍ତ୍ରୀ କହିଥିଲେ, ଆଇଆଇସିଟିର ଲକ୍ଷ୍ୟ ଯୁବପିଢ଼ିକୁ ଆନିମେସନ, ଗେମିଂ, ସଙ୍ଗୀତ ଏବଂ ଅନ୍ୟାନ୍ୟ ସୃଜନଶୀଳ କ୍ଷେତ୍ରରେ ଦକ୍ଷତା ପ୍ରଦାନ କରିବା । ଦେଶରେ ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ବୃଦ୍ଧି କରିବା ପାଇଁ ଭାରତ ସରକାରଙ୍କ ପ୍ରୟାସ ଉପରେ ସେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ସମୟରେ, ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ପ୍ରଭାବଶାଳୀ ଯୋଗାଯୋଗ ଏବଂ ଗଣମାଧ୍ୟମ ବିକାଶରେ କେନ୍ଦ୍ର-ରାଜ୍ୟ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଡିଜିଟାଲ କ୍ରିଏଟର, ସ୍ଥାନୀୟ ଗଣମାଧ୍ୟମର ବିକାଶ ଏବଂ ଜିଲ୍ଲାସ୍ତରୀୟ ସୂଚନା ଓ ଲୋକସଂପର୍କ ପ୍ରତିଷ୍ଠାନଗୁଡ଼ିକୁ ସଶକ୍ତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସେ ସମସ୍ତ ରାଜ୍ୟକୁ ସୁଗମ ପ୍ରକାଶନ ପ୍ରକ୍ରିୟା ପାଇଁ ପ୍ରେସ୍ ସେବା ପୋର୍ଟାଲ୍ ସହିତ ଯୋଡ଼ି ହେବାକୁ ଅନୁରୋଧ କରିଥିଲେ । ଜାଜୁ ସିନେମା ଏବଂ କଂଟେଂଟ ବା କାର୍ଯ୍ୟକ୍ରମ ପ୍ରସ୍ତୁତିର ଆର୍ଥିକ ସମ୍ଭାବନା ଉପରେ ମଧ୍ୟ ଆଲୋକପାତ କରିଥିଲେ । ମହାନଗର ବାହାରେ ବିସ୍ତାର ଏବଂ ସ୍ଥାନୀୟ ପ୍ରତିଭାକୁ ସମର୍ଥନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ଏବଂ କଂଟେଂଟରୁ ଆର୍ଥିକ ଲାଭ ଅର୍ଜନ କରିବା ପାଇଁ ନିର୍ମାତାମାନଙ୍କୁ ସକ୍ଷମ କରିବା ପାଇଁ ଇଣ୍ଡିଆ ସିନେ ହବ୍ ଭ ଳି ପଦକ୍ଷେପ ପ୍ରଚଳନ କରାଯାଇଛି । ୱେଭ୍ସ ସମ୍ମିଳନୀକୁ ଏକ ବିଶ୍ୱସ୍ତରୀୟ ଆନ୍ଦୋଳନ ବୋଲି ସେ ଅଭିହିତ କରିଥିଲେ ଏବଂ ଗଣମାଧ୍ୟମ ଇକୋସିଷ୍ଟମରେ ଆଲୋଚନା ଓ ସହଯୋଗକୁ ଗଭୀର କରିବା ପାଇଁ ଗୋଆରେ ଆଇଏଫଏଫଆଇ ସହିତ ଏକ ରେଡିଓ କନକ୍ଲେଭ ପାଇଁ ଯୋଜନା ବିଷୟରେ ଘୋଷଣା କରିଥିଲେ । ସମ୍ମିଳନୀର ପ୍ରମୁଖ କେନ୍ଦ୍ରବିନ୍ଦୁ କ୍ଷେତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ସମ୍ପୃକ୍ତ ଅଧିକାରୀମାନଙ୍କୁ ପ୍ରେସ୍ ସେବା ପୋର୍ଟାଲ ସମ୍ପର୍କରେ ସଚେତନ ଏବଂ ଅନବୋର୍ଡିଂ କରିବା । ପ୍ରେସ୍ ଏବଂ ପଞ୍ଜିକରଣ ଆଇନ (ପିଆରପି ଆଇନ), ୨୦୨୩ ଅଧୀନରେ ଭାରତର ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲଙ୍କ ଦ୍ୱାରା ବିକଶିତ, ଏହି ପୋର୍ଟାଲ୍ ଏକ ସିଙ୍ଗଲ-ୱିଣ୍ଡୋ ଡିଜିଟାଲ ପ୍ଲାଟଫର୍ମ ଯାହା ପତ୍ରିକା ଓ ଖବରକାଗଜ ସମ୍ବନ୍ଧୀୟ ପଞ୍ଜିକରଣ ଏବଂ ଅନୁପାଳନ ପ୍ରକ୍ରିୟାକୁ ସହଜ କରିଛି । ସେହିପରି ପୁନର୍ନିର୍ମିତ ଇଣ୍ଡିଆ ସିନେ ହବ୍ ପୋର୍ଟାଲ୍ ଉପରେ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ପୋର୍ଟାଲ ୨୮ ଜୁନ୍ ୨୦୨୪ରେ ଲାଇଭ୍ ହୋଇଥିଲା । ଏହି ପୋର୍ଟାଲ୍ ବର୍ତ୍ତମାନ ସାରା ଭାରତରେ ଫିଲ୍ମ ସମ୍ବନ୍ଧୀୟ ସୁବିଧା ପାଇଁ ଏକ ସିଙ୍ଗଲ-ୱିଣ୍ଡୋ ସିଷ୍ଟମ୍ ଭାବରେ କାର୍ଯ୍ୟ କରୁଛି, ଯାହା କେନ୍ଦ୍ର, ରାଜ୍ୟ ଏବଂ ସ୍ଥାନୀୟ ସ୍ତରରେ ଚଳଚ୍ଚିତ୍ର ନିର୍ମାଣ ଅନୁମତି, ପ୍ରୋତ୍ସାହନ ଏବଂ ସମ୍ବଳ ମ୍ୟାପିଂ ପାଇଁ ସମନ୍ୱିତ ସୁବିଧା ପ୍ରଦାନ କରୁଛି ।

ସେଲ ଆରଏସପିର ସିଂଟର ପ୍ଲାଂଟ-୩ ଦ୍ୱାରା ନିଜସ୍ୱ ରୂପେ ଡାଇରେକ୍ଟ ଚାର୍ଜ ଟ୍ରାନ୍ସଫର ଚୁଟ୍ ପ୍ରତିରୋପଣ

ରାଉରକେଲା, ୦୫।୦୮ (ଆ.ପ୍ର) : ସେଲ ରାଉରକେଲା ଇସ୍ପାତ କାରଖାନାର ସିଂଟରିଙ୍ଗ ପ୍ଲାଂଟ ୩ର ଉଦ୍ୟୋଗୀ ସାମୁହିକଙ୍କ ଅଗ୍ରଣୀ ପ୍ରୟାସରେ ନିଜସ୍ୱ ଦକ୍ଷତାରେ ସିଂଟରିଂ ପ୍ଲାଂଟ-୩ (ଏସପି-୩) ସର୍କୁଲାର ସିଂଟର କୁଲରର ଡାଇରେକ୍ଟ ଚାର୍ଜ ଟ୍ରାନ୍ସଫର ଚୁଟ୍ (ଡ଼ିସିଟିସି) ପ୍ରତିରୋପଣ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ୨୦୧୨ ମସିହାରେ ଏହାର ସ୍ଥାପନା ପରେ ପ୍ରଥମ ଥର ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ଜଟିଳ ଉପକରଣର ପରିବର୍ତନ କରାଯାଇଥିଲା । ଏହି ମହତ୍ୱପୂର୍ଣ୍ଣ ୟୁନିଟ୍ କ୍ରସିଂ ପରେ ବ୍ଲାଷ୍ଟ ଫର୍ଣ୍ଣେସ୍-୫ ରେ ଆବଶ୍ୟକୀୟ ଗୁଣବତାର ସିଂଟର ଯୋଗାଣ ସୁନିଶ୍ଚିତ କରିଥାଏ । ଦୀର୍ଘ ବର୍ଷ ଧରି କାର୍ଯ୍ୟକ୍ଷମ ରହିବା ଫଳରେ ଡି ସି ଟି ସି ଗୁରୁତର ଅବକ୍ଷୟ ହୋଇଥିଲା, ବିଶେଷକରି 'ଫ୍ଲୋ ଡାଇଭର୍ଟର', ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା । ଏହା ଫଳରେ ସିଂଟରର ଛୋଟ ଅନାବଶ୍ୟକ ଆକାରରେ ବିଘଟନ ବୃଦ୍ଧି ପାଇଥିଲା, ଯାହା ଉତ୍ପାଦର ଗୁଣବତା ଉପରେ ପ୍ରତିକୂଳ ପ୍ରଭାବ ପକାଇ ଥିଲା । ଏହି ଡି ସି ଟି ସି ପ୍ରତିସ୍ଥାପନ ପାଇଁ ପ୍ରାୟ ଦୁଇ ବର୍ଷ ପୂର୍ବେ ଚିନ୍ତନ ଆରମ୍ଭ ହୋଇଥିଲା, କିନ୍ତୁ ୧୭ ଟନ୍ ରୁ ଅଧିକ ଓଜନର ଏହି ଉପାଦାନର ବିଶାଳ ଆକାର ଏବଂ ସର୍କୁଲାର ସିଂଟର କୁଲରରେ ସୀମିତ ସ୍ଥାନ ମଧ୍ୟରେ ୯ ମିଟରରୁ ଅଧିକ ଉଚ୍ଚତାରେ ଏହାର ପ୍ରତିସ୍ଥାପନା ଏହି କାର୍ଯ୍ୟ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଥିଲା । ଏହି ଜଟିଳ ପରିବେଶ ମୋବାଇଲ କ୍ରେନ୍ ଏବଂ ଉପକରଣ ବ୍ୟବହାରରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା ଏବଂ ଏକ ଅଭିନବ ଏବଂ ସତର୍କତାପୂର୍ଣ୍ଣ ଯୋଜନାବଦ୍ଧ ପଦ୍ଧତିର ଆବଶ୍ୟକତା ଅନୁଭୂତ ହୋଇଥିଲା । ଡିଜାଇନ୍ ବିଭାଗର ସହଯୋଗରେ ଅନ୍ୟ ଏକ ବ୍ୟାପକ ଯୋଜନା ବିକଶିତ ହୋଇଥିଲା ଯେଉଁଥିରେ ଡ଼ିସିଡ଼ିଟିସି ପାଇଁ କଷ୍ଟମ୍-ଇଞ୍ଜିନିୟର୍ଡ ଡ୍ରଇଂ ଏବଂ ପ୍ରତିସ୍ଥାପନକୁ ସହଜ କରିବା ପାଇଁ ଏକ ଟ୍ରଲି ସ୍ଥାପନ ପାଇଁ ଏକ ୧୨-ମିଟର ଲମ୍ବ ରେଳ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଥିଲା । ଏହି ବିଶାଳ ସଂରଚନା ଜୁଲାଇ ୨୫ ରୁ ୩୧ ତାରିଖ ମଧ୍ୟରେ ସମ୍ପନ୍ନ ଏସପି-୩ ର କ୍ୟାପିଟାଲ ମରାମତି ସମୟରେ ଡ଼ିସିଟିସିର ସେଗମେଂଟ୍ ୩ ଏବଂ ୪ କୁ ଅପସାରଣ ଏବଂ ସ୍ଥାପନ କରିବାରେ ସକ୍ଷମ କରିଥିଲା । ସଠିକ୍ ମାଇକ୍ରୋ-ଲେଭଲ୍ ଯୋଜନା ଏବଂ ପ୍ରସ୍ତୁତି କାର୍ଯ୍ୟ ସହିତ ଏହାର ସମ୍ପୂର୍ଣ୍ଣ ପ୍ରତିସ୍ଥାପନ କାର୍ଯ୍ୟ ଜୁଲାଇ ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ମାତ୍ର ଛଅ ଦିନ ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଥିଲା । ଏକ ପ୍ରମୁଖ ମାଇଲଖୁଂଟ ସ୍ୱରୂପ ସେଲ୍ ମଧ୍ୟରେ ଯେକୌଣସି ସିଂଟର ପ୍ଲାଂଟରେ ଡ଼ିସିଟିସି ର ଏହା ହେଉଛି ପ୍ରଥମ ପ୍ରତିସ୍ଥାପନ ହୋଇଛି । ଏହି ପଦକ୍ଷେପକୁ ୨୦୨୩ ମସିହାରେ ତତ୍କାଳୀନ ସିଂଟର ପ୍ଲାଂଟ ବିଭାଗର ସିଜିଏମ ଏବଂ ବର୍ତମାନର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଆର ପଳାଇଙ୍କ ଦ୍ୱାରା ସଂକଳ୍ପିତ ଏବଂ ବୈଷୟିକ ଭାବରେ ମାର୍ଗଦର୍ଶନ କରାଯାଇଥିଲା । ଏହି ସଫଳ କାର୍ଯ୍ୟାନ୍ୱୟନ ସିଂଟର ପ୍ଲାଂଟ ବିଭାଗର ସିଜିଏମ ଶେଖର ନାରାୟଣଙ୍କ ମାର୍ଗଦର୍ଶନରେ ସଫଳ ହୋଇଥିଲା । ସିଂଟର ପ୍ଲାଂଟ-୩ ବିଭାଗର ମୁଖ୍ୟ ତଥା ଜିଏମ ଇନଚାର୍ଜ କଲ୍ୟାଣ ସମାଜଦାର ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ ।

ସମ୍ପାଦକଙ୍କ ବିୟୋଗରେ ସଂଘର ଶୋକପ୍ରକାଶ

ଖୋର୍ଦ୍ଧା,୦୫।୦୮ (ଆ.ପ୍ର) : ଓଡ଼ିଶା ସ୍ପେସିଆଲ୍ ଏକୁକେଟର ଫେଡ଼େରେସନ ଫର୍ ଦିବ୍ୟାଙ୍ଗ ସଂଘର ମୟୂରଭଞ୍ଜ ଜିଲ୍ଲା ସଂପାଦକ ଜନ୍ମେଜୟ ମହନ୍ତଙ୍କ ଅକାଳ ବିୟୋଗ ହୋଇଛି । ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ସମାଜରେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ସେ ସର୍ବଦା ଅଗ୍ରସର ଥିବା ସହ ସମାଜସେବା କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ ରଖୁଥିଲେ । ତାଙ୍କ ବିୟୋଗରେ ଓଏସଇଏଫଡ଼ି ସଂଘର ସଭାପତି ସୂର୍ଯ୍ୟକାନ୍ତ ବେହେରା, ସଂପାଦକ ଆୟୁଷ୍ମାନ ଚୌଧୁରୀ, ଉପସଭାପତି ବିଶ୍ୱବିଜୟୀ ଦାଶ, କୋଷାଧକ୍ଷ ଅଭିଷେକ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦିକା ଆର୍ଷୀ ଉପାସନା କର, ଉପଦେଷ୍ଟା ଜୀବନ କୁମାର ବେହେରା, ମୟୁରଭଞ୍ଜ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାପସ ମଣ୍ଡଳ, ତୃପ୍ତିମୟୀ ପ୍ରଧାନ, ହିତେଶ କୁମାର ମହନ୍ତଙ୍କ ସମେତ ଅନେକ ସଦସ୍ୟ ଶୋକବାର୍ତା ମାଧ୍ୟମରେ ବିନମ୍ର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି । ତତସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ସମୟରେ ଅସୀମ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରିବା ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

ସେଲ୍ଫ ଏମ୍ପାୱାରମେଂଟ ସଂଗଠନର ବାର୍ଷିକ ଉତ୍ସବ

ନିମାପଡା, ୦୫।୦୮ (ଆ.ପ୍ର) : ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟରତ ସେଲ୍ଫ ଏମ୍ପାୱାର ମେଂଟ ସଂଗଠନ ତାର ୪ ର୍ଥ ଜନ୍ମ ବାର୍ଷିକ ସମାରୋହ ପାଳନ କରିଛି । ଏହି ଉତ୍ସବରେ ଅବସରପ୍ରାପ୍ତ ଅଭିଯନ୍ତା/ଅଇନିଜୀବୀ ସୁଧୀର ମହାନ୍ତି, ନିମାପଡା ପ୍ରେସ କ୍ଲବ ସଭାପତି ଅକ୍ଷୟ କୁମାର ବେହେରା ପ୍ରଶାନ୍ତ କୁମାର ସାହୁ, ହେଲ୍ପ ଲାଇନ ସଭାପତି ଅକ୍ଷୟ କୁମାର ସାହୁ ସାମାଜିକ ଗଣ ମାଧ୍ୟମର ବିପିନ ବିହାରୀ ମହାନ୍ତି, ଶିକ୍ଷା ବିତ ସୌଦାମିନୀ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପରିବେଶ ସୁରକ୍ଷା ସମ୍ପର୍କ ରେ ଆଲୋଚନା କରିଥିଲେ । ସଭାପତି ଦୀପକ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଜୟ କୃଷ୍ଣ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଉପସଭାପତି ସୁଦର୍ଶନ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରି ଦର୍ଶିତା ଲାଭ କରିଥିବା । ବ୍ୟକ୍ତି ମାନଙ୍କୁ ଉତୋରୀୟ ଓ ମାନ ପତ୍ରପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ମୋଦିଙ୍କ ଜନ୍ମ ଦିନରେ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ଲକ୍ଷ୍ୟ ପୂରଣର ସଂକଳ୍ପନିଆଯାଉ

ନିମାପଡା, ୦୫।୦୮ (ଆ.ପ୍ର) : ଚତୁର୍ଦ୍ଧା ମୂର୍ତିଙ୍କ ଶ୍ରୀ ବିଗ୍ରହ ଗଠନ, ରଥ ନିର୍ମାଣ, ଶ୍ରୀ ମହାପ୍ରସାଦ ରନ୍ଧନ ସହ ବହୁବିଦ୍ଧ ଦେବ କାର୍ଯ୍ୟ ସମ୍ପନ୍ନ ପାଇଁ ଆବଶ୍ୟକ କାଠ ସମୂହ ପୂର୍ବେ ପ୍ରାଚୀ ବନାଂଚଳ ଯୋଗାଇବାକୁ ସକ୍ଷମ ଥିଲା । ଉତ୍କଳର ପ୍ରଥମ ଗଜପତି ଦିଗ ବିଜୟୀ ସମ୍ରାଟ କପିଳେନ୍ଦ୍ର ଦେବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଉତ୍କଳର ରାଜାଧିରାଜ ଘୋଷଣା କରିବା ସହ ନିଜକୁ ଜଣେ ଆଜ୍ଞାଙ୍କରି ରାଉତ ଭାବେ ଦର୍ଶାଇଥିଲେ । ତାଙ୍କ ନିର୍ଦ୍ଦେଶ ରେ ପ୍ରାଚୀ ତଟ ର ୫୬ ଗଡ ସାମନ୍ତ ମାନେ ରାଜ ରକ୍ଷା ସହ ଶ୍ରୀ ମନ୍ଦିରର ଏହି ଦୁଲ୍ଲଭ ସେବା ଦାୟିତ୍ୱ ନେଇଥିଲେ । ତେଣୁ ପ୍ରାଚୀ ନଦୀ, ପ୍ରାଚୀ ବନାନୀ ପ୍ରାଚୀ ଦେବ ପୀଠ ସବୁ ସୁରକ୍ଷିତ ଥିଲା । ଚତୁର୍ଦ୍ଧାମୂର୍ତିଙ୍କ ବ୍ରହ୍ମ ଦାରୁ ରଥ କାଠ ସବୁ ପ୍ରାଚୀ ବନାଂଚଳ ଯୋଗାଇ ଦେବାକୁ ସମର୍ଥ ଥିଲା । ପରେ ପରେ ବିଧର୍ମୀ ବିଦେଶୀ ମାନଙ୍କ ଶାସନା ଧୀନ ହୋଇ ଗଡ ସାମନ୍ତ ମାନେ ଅଧିକାରରୁ ବଂଚିତ ହେଲେ । ସରକାର ବାଧ୍ୟ ହୋଇ ରଥ କାଠ ପାଇଁ ଦଶପଲ୍ଲା ଜଙ୍ଗଲକୁ ଗଲେ । ଏବେତ ବୌଦ୍ଧ ଜଙ୍ଗଲ ମୁହାଁଇଲେଣି. ଏ ବିପଦରୁ ରକ୍ଷା ପାଇବା ପାଇଁ ବରିଷ୍ଠ ପ୍ରାଚୀ ସଂସ୍କୃତି ଗବେଷକ ଭକ୍ତ ଜୟଦେବ ଙ୍କ ବଂଶଜ ପଣ୍ଡିତ ତ୍ରିଲୋଚନ ମିଶ୍ର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସେବା ପାଇଁ ନିର୍ଦ୍ଦିଷ୍ଟ ଭାବେ ବନାଂଚଳ ସୃଷ୍ଟି ପରାମର୍ଶ ଦେଲେ ୧୯୯୯ ମହାବାତ୍ୟା ମାଡ ଖାଇଲା ପରେ ରାଜ୍ୟ ସରକାର ଜଗନ୍ନାଥ ବନ ପ୍ରକଳ୍ପ ପ୍ରସ୍ତାବ କୁ ମା ନି ଏ ଦିଗରେ ୧୭ ଟି ଜଗନ୍ନାଥ ବନ ପ୍ରକଳ୍ପର ଶୁଭାରମ୍ଭ ୨୦୦୦ ମସିହା ଜୁଲାଇ ୯ ତାରିଖ ଦିନ କଲେ । ଲକ୍ଷ୍ୟ ଥିଲା ୨୦ ବର୍ଷ ପରେ ଶ୍ରୀ ମନ୍ଦିର ସମସ୍ତ କାଠର ଆବଶ୍ୟକତା ଏହି ବନ ପ୍ରକଳ୍ପ ପୂରଣ କରିବ. ମହାପ୍ରଭୁଙ୍କ ବନ ଜାଗ ଯାତ୍ରାର ମୁଖ୍ୟ କ୍ଷେତ୍ର ପ୍ରାଚୀ ତଟ ର ୧୫୦ ଏକର ଶ୍ରୀ ରାମେଶ୍ୱର ଶମ୍ଭୁ ବନାଂଚଳକୁ ଶ୍ରୀ ଜଗନ୍ନାଥ ବନ ପ୍ରକଳ୍ପ ନାମ ଦିଆ ଗଲା । ମାତ୍ର ଆଜକୁ ୨୫ ବର୍ଷ ପରେ ମଧ୍ୟ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପରୁ ଖଣ୍ଡିଏ କାଠ ଶ୍ରୀ ମନ୍ଦିର ସେବାରେ ଲାଗି ନାହିଁ । ଏଥିପାଇଁ ଆମେ ସମସ୍ତେ ଦାୟୀ । ଏବେ ଆମ ସରକାର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନରେ ଶ୍ରୀ ଜଗନ୍ନାଥ ବନ ପ୍ରକଳ୍ପ ଲକ୍ଷ୍ୟ ପୂରଣର ସଂକଳ୍ପ ନିଅନ୍ତୁ । ଏହା ଅଗଣିତ ଶ୍ରୀ ଜଗନ୍ନାଥ ପ୍ରେମୀଙ୍କ ମନର କଥା ।

୨୩ ଭାଷାରେ ପବିତ୍ର କୋରାନ ପ୍ରଦର୍ଶନୀ

କଟକ, ୦୫।୦୮ (ଆ.ପ୍ର) : ମଙ୍ଗଳାବାଗ ସ୍ଥିତ ଅହମଦୀୟା ମୁସଲିମ ସଂପ୍ରଦାୟ କଟକ ପକ୍ଷରୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ପବିତ୍ର କୋରାନ ସପ୍ତାହ ପାଳନ କରାଯାଉଛି । ଏହି କାର୍ଯ୍ୟକ୍ରମର ଉଦଘାଟଣୀ ଉତ୍ସବରେ ସଭାପତି ସୟଦ ତାହିର ଅହମଦ କଲିମ ପୌରୋହିତ୍ୟ କରିଥିଲେ । ପବିତ୍ର କୋରାନ ପାଠ ସୟଦ ମୋତାହର ଅହମଦ କରିଥିବା ବେଳେ ଉର୍ଦ୍ଦୁ ନଜମ ଅବରାର ଅଲି ପଢିଥିଲେ । ମୁଖ୍ୟ ଅତିଥିଭାବେ ଉପସଭାପତି ସୟଦ ଅହମଦ ନରୁଲ୍ଲା ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମୌଲାନା ଫଜଲ ହକ ଖାନ୍ କହିଲେ, ପବିତ୍ର କୋରାନ ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ପବିତ୍ର କୋରାନରେ ସକଳ ସମସ୍ୟାର ସମାଧାନ ରହିଛି । ସଭାପତିତ୍ୱ ଭାଷଣରେ ସୟଦ ତାହିର ଅହମଦ କଲିମ କହିଲେ, ପବିତ୍ର କୋରାନ ଏକ ସଂପୂର୍ଣ୍ଣ ଐଶ୍ୱରୀୟ ଧର୍ମ ପୁସ୍ତକ । ଏହା ମଧ୍ୟରେ ବହୁତ ଭବିଷ୍ୟତବାଣୀ ଉଲ୍ଲେଖ ରହିଛି । ଦୈନନ୍ଦିନ ଏହି ଧର୍ମ ପୁସ୍ତକକୁ କୋଟି କୋଟି ଲୋକ ପଢୁଛନ୍ତି । ଏହାକୁ ପଢିଲେ ଆତ୍ମତୃପ୍ତି ଓ ମନଶାନ୍ତ ରହିଥାଏ । ସର୍ବତ୍ର ଶୁଭ ଓ ଲାଭ ହୋଇଥାଏ । ଏହି କାର୍ଯ୍ୟକ୍ରମ ମଙ୍ଗଳାବାଗ ଅହମଦୀୟା ମୁସଲିମ ମିଶନ ଠାରେ ତିନିଦିନ, ପିଠାପୁର ସ୍ଥିତ ସଲାମତବାଗ ଠାରେ ଦୁଇଦିନ ଏବଂ ଓଏମପି ଓ ସିଡିଏ ଠାରେ ଏକ ଏକ ଦିନ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେଲା, ୨୩ ଭାଷାରେ ପବିତ୍ର କୋରାନର ପ୍ରଦର୍ଶନୀ । ଏହି ପବିତ୍ର କୋରାନର ପ୍ରଦର୍ଶନୀରେ ଭାରତରେ ପ୍ରଚଳିତ ହିନ୍ଦୀ, ବଙ୍ଗାଳୀ, ଆସାମି, ଓଡିଆ, ତେଲୁଗୁ, ତାମିଲ, କନ୍ନଡ, ମଲିଆଲମ, ମରାଠି, ଗୁଜୁରାଟି, ପଞ୍ଜାବୀ, ଉର୍ଦ୍ଦୁ, କାଶ୍ମିରୀ, ଡୋଗରୀ ତଥା ୯ ଗୋଟି ବିଦେଶୀ ଭାଷାରେ ଅନୁବାଦିତ ପବିତ୍ର କୋରାନ ପ୍ରଦର୍ଶିତ କରାଯାଇଛି । ପବିତ୍ର କୋରାନ ସପ୍ତାହର ସମସ୍ତ କାର୍ଯ୍ୟକ୍ରମକୁ ସୟଦ ଫାରୁକ ଅହମଦ ପରିଚାଳନା କରିଥିଲେ ।

ଓଡ଼ିଶା ରାଜ୍ୟ ଏଡିଇଓ ସଂଘ ଗଠିତ

ବରୀ, ୦୫।୦୮ (ଆ.ପ୍ର) : ଯାଜପୁର ଜିଲ୍ଲା ଏଡିଇଓ ସଂଘର ସଭାପତି ଅଜୟ କୁମାର ଜେନା ରାଜ୍ୟ ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ ସଂଘ (ଓସା)ର କାର୍ଯ୍ୟକାରୀ ସଭାପତି ଭାବେ ମନୋନିତ ହୋଇଛନ୍ତି । ବିଶ୍ୱ ବନ୍ଧୁତ୍ୱ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଅଶୋକ ନଗର ଠାରେ ଥିବା ହେଟେଲ ଆର୍ଯ୍ୟ ପ୍ୟାଲେସ୍‌ରେ ନୂତନ ରାଜ୍ୟ ସଂଘ ଗଠନ ହୋଇଥିଲା । ଏଥିରେ ସର୍ବସମ୍ମତି କ୍ରମେ ରାଜ୍ୟ ସଭାପତି ଭାବେ ପ୍ରଭାତ କୁମାର ତିୱାରୀ ମନୋନିତ ହୋଇଥିବାବେଳେ କାର୍ଯ୍ୟକାରୀ ସଭାପତି ଭାବେ ଅଜୟ କୁମାର ଜେନା ଓ ବାବାଜି ବେହେରାଙ୍କୁ ମନୋନିତ କରାଯାଇଥିଲା । ସେହିପରି ରାଜ୍ୟ ଉପସଭାପତି ଭାବେ ସୁରେଶ ପାଣିଗ୍ରାହୀ, ରଜନୀ କୁମାର ପଟ୍ଟନାୟକ, ଜ୍ୟୋତିରଂଜନ ପତି ଓ ରାକେଶ ବେହେରା ହୋଇଥିବାବେଳେ ସାଧାରଣ ସମ୍ପାଦକ ସଂଗ୍ରାମ ସିଂହ, ସହସମ୍ପାଦକ ସୁଶିଲ ପାଣିଗ୍ରାହୀ, ମନୋଜ ପାଢ଼ୀ, ନେପାଳକ୍ରୀଷ୍ଣ ବର୍ଦ୍ଧନ ଓ ଶୀବରାମ ପଣ୍ଡାଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଥିଲା । ରାଜ୍ୟକୋଷାଧକ୍ଷ ଦେବାଶିଷ ରାଉତ ହୋଇଥିବାବେଳେ ସହ କୋଷାଧକ୍ଷ ଭାବେ ପ୍ରଦ୍ୟୁମ୍ନ ସାହୁ, ସଂଗଠନ ସମ୍ପାଦକ ମଳୟ କୁମାର ସାହୁ ଓ ଗଣମାଧ୍ୟମ ସଂଯୋଜକ ଭାବେ ପରମେଶ୍ୱର ବିଶ୍ୱାଳ ଓ ଦିଗାମ୍ବର ମହାପାତ୍ରଙ୍କୁ ମନୋନିତ କରାଯାଇଥିଲା । ରାଜ୍ୟ ସଂଯୋଜିକା ଭାବେ ଗାୟତ୍ରି ପଣ୍ଡା ସର୍ବସମ୍ମତିକ୍ରମେ ରାଜ୍ୟସଂଘକୁ ମନୋନିତ ହୋଇଛନ୍ତି । ବିଗତ ଦିନରେ ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘ ଯେଉଁଭଳି ସଂଘର୍ଷ କରି ସଫଳତା ହାସଲ କରିଥିଲା ସେହି ଅଭିଜ୍ଞତାକୁ ଆଧାର କରି ନବଗଠିତ ଓଡ଼ିଶା ରାଜ୍ୟ ଏଡିଇଓ ସଂଘ (ଓସା) ସରକାରଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିବା ସହ ସଫଳତା ଲାଭ କରୁ ବୋଲି ଉପସ୍ଥିତ ରାଜ୍ୟ ନେତୃମଣ୍ଡଳୀମାନେ ଆଶାବ୍ୟକ୍ତ କରିଥିଲେ ।

ଆଦିବାସୀ ବହୁଳ ଅଭୟପୁରରେ ହୋମିଓପ୍ୟାଥି ଚିକିତ୍ସା ଶିବିର

ଟାଙ୍ଗୀ- ଚୌଦ୍ୱାର, ୦୫।୦୮ (ଆ.ପ୍ର) : ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଂଚାୟତର ଆଦିବାସୀ ବହୁଳ ଅଭୟପୁର ଗ୍ରାମରେ ସମର୍ପ ସାମାଜିକ ଅନୁଷ୍ଠାନ ପକ୍ଷରୁ ହୋମିଓପ୍ୟାଥି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଯୋଗେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସମରେନ୍ଦ୍ର ଷଡ଼ଙ୍ଗୀ ଓ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଂଚ ନିବାସ ପାଣ୍ଡବ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଶିବିରରେ ଅଭୟପୁର, ସଫା ଆଦି ଗ୍ରାମର ଶତାଧିକ ଲୋକ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ସେହିପରି ଡାଇବେଟିସ, ରକ୍ତଚାପ ଆଦି ପରୀକ୍ଷା କରାଯାଇଥିଲା । ଡାକ୍ତର ପ୍ରକାଶ ଭୂୟାଁ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ । ସ୍ୱେଚ୍ଛାସେବୀ ଜିତେନ୍ଦ୍ର ସାହୁ, ପ୍ରିତିରଞ୍ଜନ ବେହେରା,ସତ୍ୟବ୍ରତ ସ୍ୱାଇଁ, ଶୁଭାଶିଷ ନାଥ, ଉଷ୍ୟାନନ୍ଦ ସ୍ୱାଇଁ,କୃଷ୍ଣମୋହନ ପ୍ରଧାନ, ଲିପୁନ ବେହେରା, ରଞ୍ଜନ ଦାସ, ସ୍ୱଦେଶ ରାୟ, ଶରତ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

୨୦ ବର୍ଷ ହେବ ପ୍ରତି ପରିବାର ଛତୁ ଚାଷ କରି ହେଉଛନ୍ତି ସ୍ୱାବଲମ୍ବୀ

କଳାହାଣ୍ଡି, ୦୫।୦୮ (ଆ.ପ୍ର) : ଲୋକେ ଚାଷ ପ୍ରତି ମୁହଁ ଫେରାଉଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ଏମିତି ଏକ ଗାଁ ଅଛି ଯେଉଁ ଗାଁର କି ପ୍ରତି ପରିବାର ଲୋକେ ଚାଷ କରି ସ୍ୱାବଲମ୍ବୀ ହେଉଛନ୍ତି । ଚାଷୀ ଅନେକ ପ୍ରକାର ଚାଷ କରୁଥିଲେ ସୁଦ୍ଧା ଛତୁ ଚାଷର ରହିଛି ଏକ ସ୍ୱତନ୍ତ୍ର ପଦ୍ଧତି । ଗ୍ରାମବାସୀଙ୍କ ନିଆରା ପ୍ରୟାସ ଯୋଗୁଁ ଛତୁ ଚାଷ ପାଇଁ ଗାଁକୁ ମିଳିଛି ସ୍ୱତନ୍ତ୍ର ପରିଚୟ । କଳାହାଣ୍ଡି ଜିଲ୍ଲା କୁନାଗଡ଼ ବ୍ଲକ ଅନ୍ତର୍ଗତ ତଲ କାରିଙ୍ଗ ପଂଚାୟତର ଘଂଟବାହାଲି ଗ୍ରାମ । ଏହି ଗ୍ରାମରେ ଜାତୀୟ ରାଜପଥ ୨୬ ଉପରେ ରହିଛି । ଗ୍ରାମରେ ଦଳିତ ଓ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି । ଘଂଟବାହାଲି ଗ୍ରାମର ପ୍ରତି ଘରେ ଛତୁ ଚାଷ କରନ୍ତି ଏବଂ ଜାତୀୟ ରାଜପଥ ୨୬ ଉପରେ ହିଁ ବିକ୍ରି କରିଥାନ୍ତି । ଏହି ଚାଷ ପାଇଁ ପରିବାର ସମସ୍ତେ ଲାଗିପଡ଼ିଥାନ୍ତି । ଜୈବିକ ପଦ୍ଧତିରେ ଚାଷ କରୁଥିବା ଯୋଗୁଁ ଏମାନଙ୍କ ଛତୁ ମଧ୍ୟ ସୁସ୍ୱାଦିଷ୍ଟ ଅଟେ । ଯାହା ଫଳରେ ଅନେକ ଦୂରଦୂରାନ୍ତରୁ ମଧ୍ୟ ଲୋକେ ଏହି ଗାଁ କୁ ଛତୁ କିଣିବାକୁ ଆସିଥାନ୍ତି । ବର୍ତମାନ ଛତୁ ଚାଷ ଯୋଗୁଁ ଗ୍ରାମବାସୀଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି । ଆଗରୁ ଏହି ଗ୍ରାମବାସୀ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଥିଲେ । ହେଲେ ଉଦ୍ୟାନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ଛତୁ ମଞ୍ଜି ସହିତ ଛତୁ ଚାଷ କରିବା ପ୍ରଣାଳୀର ତାଲିମ ଦିଆଯାଇଥିଲା । ସେହିଦିନ ଠାରୁ ଦିର୍ଘ ୨୦ ବର୍ଷ ହେବ ଗ୍ରାମବାସୀ ଛତୁଚାଷ କରି ଆସୁଛନ୍ତି । ଆଜିକା ଦିନରେ ଆମିଷ ଖାଇ ଅନେକ ରୋଗାକ୍ରାନ୍ତ ହେଉଛନ୍ତି । ଚିକେନ୍ ,ମଟନ ଯୋଗୁଁ କୋଲେଷ୍ଟ୍ରୋଲ, ବିପି ସୁଗର ବଢୁଥିବା ବେଳେ ବର୍ତମାନ ଆମିଷ ର ବିକଳ୍ପ ଭାବେ ଛତୁ କୁ ତରକାରୀ ଭାବେ ରୋଷେଇ କରୁଛନ୍ତି । ଯଦ୍ୱାରା କି ରୋଗାକ୍ରାନ୍ତ ରୁ ଟିକେ ମୁକ୍ତି ମିଳୁଛି ଓ ସ୍ୱାଦିଷ୍ଟ ମଧ୍ୟ । ହେଲେ ଛତୁଚାଷ ପାଇଁ ବଜାର ବ୍ୟବସ୍ଥା ଓ ଦର ଠିକ ନଥିବା ଯୋଗୁଁ ଚାଷୀ ଅନେକ କ୍ଷତି ସହୁଛି । ସରକାର ଯଦି ଚାଷୀଙ୍କୁ ସଠିକ ଦର ଏବଂ ବଜାର ବ୍ୟବସ୍ଥା କରାଇଲେ ଅନେକ ଚାଷୀ ଛତୁ ଚାଷ କରି ସ୍ୱାବଲମ୍ବୀ ହୋଇପାରିବେ ।

ଜିଲ୍ଲାସ୍ତରୀୟ ଖରିଫ ୨୦୨୫ ପାଇଁ କୃଷି ନିର୍ଦ୍ଧାରଣ ବୈଠକ ଅନୁଷ୍ଠିତ

ରାୟଗଡା, ୫/୦୮ (ଆ.ପ୍ର) : ରାୟଗଡ଼ା ଜିଲ୍ଲାସ୍ତରୀୟ ଖରିଫ, ୨୦୨୫ ପାଇଁ କୃଷି ନିର୍ଦ୍ଧାରଣ କମିଟି ବୈଠକ ଗତ ତା ୪/୦୮/ ୨୦୨୫ରିଖରେ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ସଭା ଗୃହରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି, ଭା. ପ୍ର. ସେ, ଅଧ୍ୟକ୍ଷତା କରିଥିଲେ । ଉପଜିଲ୍ଲା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପାୱାର ପୋଏଂଟ ମାଧ୍ୟମରେ ବିସ୍ତୃତ ଭାବରେ ଜିଲ୍ଲାର କୃଷି ସମ୍ବନ୍ଧୀୟ ଉପସ୍ଥାପନା କରିଥିଲେ । ଜିଲ୍ଲାପାଳ ଏହାକୁ ଧ୍ୟାନସହକାରେ ଶୁଣିବା ସହିତ ଏହା ଗମ୍ଭୀର ଭାବରେ ଅନୁଧ୍ୟାନ କରି ଅଧିକ ଜାଣିବା ଉଦ୍ଦେଶ୍ୟରେ କୃଷି କର୍ମଚାରୀ ମାନଙ୍କୁ ପ୍ରଶ୍ନ କରୁଥିଲେ । ବିଶେଷ କରି ଜିଲ୍ଲାରେ କେଉଁ ଚାଷ ଭଲ ହୁଏ, ଅଧିକ ଚାଷୀ କଣ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । କେଉଁ ଅର୍ଥକାରୀ ଫସଲ ଚାଷ କଲେ ଚାଷୀ ଉପକୃତ ହେବେ, କେଉଁ କୃଷି ଯନ୍ତ୍ରପାତିର ଚାହିଦା ଅଧିକ ରହୁଛି, ଜଳସେଚନ ସୁବିଧା, ବିହନ ଓ ରାସାୟନିକ ସାର ଉପଯୋଗୀତା ଆଦି ଉପରେ ପଚାରିଥିଲେ । ଆଜିର କୃଷି ରଣନୀତି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖାଦ୍ୟଶସ୍ୟ ଉତ୍ପାଦନର ବଢାଇବା ଓ ଏହାକୁ ସୁରକ୍ଷା କରିବା, ତୈଳବୀଜ ଜପା ଏବଂ ଶସ୍ୟଜାତୀୟ ସୂକ୍ଷ୍ମ ଫସଲ ରୋପଣ କରିବା । ଶସ୍ୟଜାତୀୟ ଓ କପାର ବ୍ୟାପକ ଭାବରେ କରିବା ଗୁରୁତ୍ୱ ଦେବା । ଅଧିକ ଅମଳ ପାଇଁ ଜଳସେଚନର ସୁନିଶ୍ଚିତ କରିବା । ବିହନ, ରାସାୟନିକ ସାର ଓ କୃଷି ଯାନ୍ତ୍ରିକୀକରଣ ଇତ୍ୟାଦି ପଦାର୍ଥ ଯୋଗାଣ ବ୍ୟବସ୍ଥା କରିବା, ସମ୍ପ୍ରସାରଣ କାର୍ଯ୍ୟକାରିଣୀ ମାଧ୍ୟମରେ ନୂତନ ପ୍ରଯୁକ୍ତିବିଦ୍ୟାର ପ୍ରସାର କରିବା, କ୍ଷୁଦ୍ର ପ୍ରଦର୍ଶନ, ମିନିକିଟ୍ ପରୀକ୍ଷଣ ତାଲିମ ଏବଂ ପରିଦର୍ଶନ ପରିଚାଳନା କରିବା । ଜିଲ୍ଲାର ଖରିଫ କୃଷି ରଣନୀତି ହେଉଛି ନଦୀ ଜଳ ଉଠାଣ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରି ଜଳ ସେଚନ ସମ୍ଭାବନା ସୃଷ୍ଟି କରିବା । ସର୍ବାଧିକ ଜଳସେଚନ ସୁନିଶ୍ଚିତ କରିବା ପାଇଁ ନଦୀରେ ସ୍ୱଳ୍ପ ଜଳସେଚନ କାର୍ଯ୍ୟକ୍ରମ କରିବା । ରାସାୟନିକ ସାର ଠିକ ସମୟରେ ପ୍ରୟୋଗ କରିବା ଉପରେ ଗୁରୁତ୍ୱ ଦେବା । ମୃତ୍ତିକା ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ଚାଷୀମାନଙ୍କୁ ଜୈବିକ ସାର , ଭର୍ମି କମ୍ପୋଷ୍ଟ ଅର୍ଗାନ୍ ସାରର ଜୈବିକ ଚାଷକୁ ଉତ୍ସାହିତ କରିବା । ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଂଟନ ଏବଂ ମୃତ୍ତିକା ପରୀକ୍ଷା ଆଧାରିତ ସୁପାରିଶ ଏବଂ ସନ୍ତୁଳିତ ସାରର ବ୍ୟବହାର କରି ଉତ୍ପାଦନ କରିବା ନିମନ୍ତେ ପ୍ରୋତ୍ସାହିତ କରଯିବ । ରାଜ୍ୟ ଯୋଜନା ଯୋଜନାରେ ଧନିଚା ବୁଣା ଏବଂ ସୂର୍ଯ୍ୟମୁଖୀ ସହିତ ସବୁଜ ସାର ବ୍ୟବହାର କରି ମାଟି ସନ୍ତୁଳନ ପାଇଁ ପ୍ରତିରୋପଣରେ ସାମିଲ କରି ସବୁଜ ସାର ବ୍ୟବହାରକୁ ଲୋକପ୍ରିୟ କରିବା । ମାଣ୍ଡିଆ ଧାଡିରେ ପ୍ରତିରୋପଣ ବ୍ୟବସ୍ଥା ଗ୍ରହଣ ପାଇଁ ପ୍ରଶଂସକଙ୍କୁ ପ୍ରୋତ୍ସାହନ କରିବା କୀଟପତଙ୍ଗ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯିବ । ପ୍ରଧାନମନ୍ତ୍ରୀ ଫସଲ ବୀମା ଅଧୀନରେ ଅଧିକ ସଂଖ୍ୟକ ଚାଷୀଙ୍କୁ କଭର କରୁଥିବା ଲୋକପ୍ରିୟ ଫସଲ ବୀମା କରାଇବା କ୍ଷ କଠିନ ପରିଶ୍ରମ ହ୍ରାସ କରିବା ପାଇଁ କୃଷି ଯାନ୍ତ୍ରିକୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି । ଚଳିତ ବର୍ଷ ଜିଲ୍ଲାରେ ୧୮୧୪୮୫ ହେକ୍ଟର ଜମିରେ ବିଭିନ୍ନ ଫସଲ ଚାଷ କରାଯିବାର ଲକ୍ଷ ଧାର୍ଯ୍ୟ କରାଯାଇଛି । ଜିଲ୍ଲାରେ ୪୩୨୦୧ ହେକ୍ଟର ଜମିରେ ବିଶେଷ କରି ଅଧିକ ଅମଳ, ହାଇବ୍ରିଡ୍ ଓ ଦେଶୀ ଧାନ ଚାଷ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମକା ୧୬୫୧୯ହେକ୍ଟର ଜମିରେ, ମାଣ୍ଡିଆ ୧୮୯୦୨ହେକ୍ଟର, ଯଥାକ୍ରମେ ୧୩୦୦ହେକଟର, ବଜାର ୩୦୦ ହେକ୍ଟର, ଛୋଟ ମାଣ୍ଡିଆ ୫୭୭ହେକ୍ଟର, ମୁଗ ୮୦୨ହେକ୍ଟର, ବିରି ୯୪୯ହେକ୍ଟର, ହରଡ୍ ୧୪୧୫ହେକ୍ଟର ଏହାସହିତ ଚିନାବାଦାମ, ଜଡ଼ା, ସୂର୍ଯ୍ୟମୁଖୀ ଆଦି ତୈଳବିଜ ୬୮୪ହେକ୍ଟର, ତନ୍ତୁ ଜାତୀୟ ୧୬୪୩ହେକ୍ଟର, ସବୁଜ ପରିବା ୧୧୨୯ହେକଟର ଜମିରେ, ମସଲା ଜାତୀୟ ଫସଲ ୩୩୩୦ ହେକ୍ଟର ଜମିରେ ଯଶକରାଯିବ ନିମନ୍ତେ ଲକ୍ଷ ରଖାଯାଇଛି । ଏହି ବୈଠକରେ କୃଷି କର୍ମଚାରୀ, ଜଳସେଚନ ବିଭାଗ, ବିଭିନ୍ନ ବ୍ୟାଙ୍କ କର୍ମଚାରୀ ଆଦି ଯୋଗଦାନ କରିଥିଲେ ।

ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହେଲେ ରେମିଡ଼ିଆଲ ଛଟେଇ ଶିକ୍ଷକ

ଧର୍ମଗଡ଼, ୫/୦୮ (ଆ.ପ୍ର) : ଧର୍ମଗଡ଼ ରେମିଡ଼ିଆଲ, ପାର୍ଟ ଟାଇମ ଛଟେଇ ଶିକ୍ଷକ ମାନଙ୍କୁ ବର୍ତ୍ତମାନ ସରକାରଙ୍କ ଦ୍ୱାରା ନୂତନ ଭାବେ ଖୋଲା ଯାଇଥିବା ଶିଶୁବାଟୀକାରେ ନିଯୁକ୍ତି ପ୍ରଦାନ କରିବା ନେଇ କଳାହାଣ୍ଡି ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରା ଯାଇଛି । ସୂଚନା ମତେ କଳାହାଣ୍ଡିର ବିଦ୍ୟାଳୟ ମାନଙ୍କରେ ସନ ୨୦୦୬-୨୦୦୭ ମସିହାରେ ଶିକ୍ଷକର ଘୋର ଅଭାବ ଥିବା ସମୟରେ ଏନ.ପି.ଇ.ଜି. ଇ.ଏଲ ସ୍କିମ ଜରିଆରେ ମାନତୀ ଚୌଧୁରୀ ବିକାଶ କେନ୍ଦ୍ର ଜରିଆରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟ ଭି.ଇ.ସି କମିଟି ଓ ସି.ଏଲ.ସି.ସି ସଦସ୍ୟ ମାନଙ୍କ ସୁପାରିଶ କ୍ରମେ ୩ମାସ ଲେଖାଏଁ ସକାଳ ଘ.୧୦ରୁ ଅପରାହ୍ଣ ୪ଟା ଯାଏ ଶିକ୍ଷାଦାନ ଦେବା ପାଇଁ ନିଯୁକ୍ତି ଦିଆ ଯାଇଥିଲା । ଓ ପରେ ୨୦୧୧ ମସିହାରେ ଛଟେଇ କରାଯାଇଥିଲା । ତେଣୁ ନିଯୁକ୍ତି ହୋଇଥିବା ସମସ୍ତ ରେମିଡ଼ିଆଲ, ପାର୍ଟ ଟାଇମ ଶିକ୍ଷକ ମାନଙ୍କୁ ବର୍ତ୍ତମାନ ଖୋଲା ଯାଇଥିବା ଶିଶୁବାଟିକା ରେ ନିଯୁକ୍ତି କରିବା ପାଇଁ ଧର୍ମଗଡ଼ ରେମିଡ଼ିଆଲ, ପାର୍ଟ ଟାଇମ ଶିକ୍ଷକ ସଂଘ ଜିଲ୍ଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି । ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଏହାର ବିଚାର କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଦାବିପତ୍ର ଦେବା ସମୟରେ ସରିତା ସେନାପତି, ଭୂମିସୁତା ଦୁର୍ଗା, ହରାମଣି ନାଏକ, ଲଳିତା ଗୋପାଳ, ଅମ୍ବିକା ସାଗର ରୋହିତ ଦୁର୍ଗା ପ୍ରମୁଖ ଉପସ୍ଥିତ ରହିଥିଲେ ।

ଓଡ଼ଗାଁ ତହସିଲରେ ରୁଦ୍ର ପ୍ରତିଷ୍ଠା ଓ ବର ଅଶ୍ୱତଥ୍ ଗଛର ବିବାହ ଉତ୍ସବ

ଓଡ଼ଗାଁ, ୫/୦୮ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକରେ ପବିତ୍ର ଦଶମୀ ତିଥି ଶ୍ରାବଣ ମାସ ସୋମବାର ଦିନ ତହସିଲ କାର୍ଯ୍ୟାଳୟ ପରିସରରେ ମହାବୃକ୍ଷ ବର,ଅଶ୍ୱତଥ ଗଛର ବିବାହ ଉତ୍ସବ ଓ ରୁଦ୍ର ପ୍ରତିଷ୍ଠା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ଏହି ପରମ୍ପରା ବିଭିନ୍ନ ସ୍ଥାନରେ ପାଳନ ହେଉଥିବାବେଳେ ତହସିଲଦାର ଡ଼.ମାନସ ରଞ୍ଜନ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଦିକ ବ୍ରାହ୍ମଣ ଓ ପୂଜକମାନଙ୍କ ସହଯୋଗରେ ବର ଓ ଅଶ୍ୱତଥ ଗଛର ବିବାହ କାର୍ଯ୍ୟ ସମାପନ ହୋଇଥିଲା ।ସମସ୍ତଙ୍କ ମଙ୍ଗଳ କାମନା ପାଇଁ ନୈଷ୍ଠିକ ବ୍ରାହ୍ମଣମାନଙ୍କ ଦ୍ୱାରା ରୁଦ୍ର ପ୍ରତିଷ୍ଠା କରାଯାଇଥିଲା । ଏହି ମହାନ କାର୍ଯ୍ୟକ୍ରମରେ ଓଡ଼ଗାଁର ସମସ୍ତ ସରକାରୀ କର୍ମଚାରୀ, ଲୋକ ପ୍ରତିନିଧି, ସାମ୍ବାଦିକ ଓ ସ୍ଥାନୀୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ତହସିଲର ସମସ୍ତ କର୍ମଚାରୀ ସହଯୋଗ କରିଥିବା ଜଣା ପଡିଚି । ଏପରି କାର୍ଯ୍ୟକ୍ରମ ଦ୍ୱାରା ବର ଓ ଅଶ୍ୱସ୍ତ ବୃକ୍ଷ ରୋପଣ କରିବାକୁ ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ହିନ୍ଦୁ ପରମ୍ପରା ଅନୁଯାୟୀ ବର ଓ ଅଶ୍ୱସ୍ତ ବୃକ୍ଷକୁ ବିବାହ କରାଇଲେ ଅପାର ପୁଣ୍ୟ ମିଳିଥାଏ ।

ପଳିକିରୀ ସରକାରୀ ୟୁପି ସ୍କୁଲ ଶିକ୍ଷକଙ୍କ ଅନୁପସ୍ଥିତି ଘଟଣା ବିଇଓଙ୍କ ଠାରେ ବଦଳି ପାଇଁ ଲିଖିତ ଅଭିଯୋଗ କଲା କମିଟି

ଧାମନଗର, ୫/୦୮ (ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଂଚାୟତ ଅଧିନ ପଳିକିରୀ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶୋକ କୁମାର ନାୟକଙ୍କ ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ଘଟଣା ଲଗାତାର ତିନି ଦିନ ଧରି ବିଭିନ୍ନ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଥିଲା । ଏନେଇ ମଙ୍ଗଳବାର ଅପରାହ୍ଣରେ ପରିଚାଳନା କମିଟିର ସଭାପତି ସୁଧାକର ମାଝୀଙ୍କ ନେତୃତ୍ୱରେ ନାଏବ ସରପଂଚ ଗୌରାଙ୍ଗ ଦାଶ,ଦିଲ୍ଲୀପ କୁମାର ପତି, ମଦନ ମୋହନ ସାହୁ, ରତ୍ନାକର ବେହେରା, ସଞ୍ଜୀବ ବେହେରା, ରାକେଶ ଯେନା ଆଦି କମିଟିର ସଭ୍ୟ ଓ ସଭ୍ୟା ଏ ଏବଂ ଅଭିଭାବକଙ୍କ ସମେତ ଏକ ପ୍ରତିନିଧି ମାନେ ବିଇଓଙ୍କୁ ଭେଟି ସ୍କୁଲକୁ ବଦନାମ କରୁଥିବା ଏଭଳି ଶିକ୍ଷକଙ୍କୁ ତୁରନ୍ତ ବିଦ୍ୟାଳୟରୁ ବଦଳି କରି ଅନ୍ୟ ଏକ ଶିକ୍ଷକ ନିଯୁକ୍ତି ଦେବାକୁ ଦାବି କରିଥିଲେ । ଧାମନଗର ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁ ଏହି ଅଭିଯୋଗ ଗ୍ରହଣ କରି ଘଟଣାର ତଦନ୍ତ କରିବାକୁ ଏବିଇଓ ସତ୍ୟସୁନ୍ଦର ପରିଡ଼ାଙ୍କୁ ଦାୟିତ୍ୱ ଅର୍ପଣ କରିଥିବା ସୂଚନା ମିଳିଥିବା ବେଳେ ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ ଶ୍ରୀ ସାହୁ ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି । ଏବିଇଓ ଶ୍ରୀ ପରିଡ଼ା ବିଦ୍ୟାଳୟକୁ ଯାଇ ଗଣମାଧ୍ୟମରେ ପ୍ରକାଶ ପାଇଥିବା ସମ୍ବାଦର ସ୍ପଷ୍ଟିକରଣ ଗୋପନ ପୂର୍ବକ ଏକ ଲଫାପାରେ ବନ୍ଦ କରି ପ୍ରଧାନ ଶିକ୍ଷକଙ୍କ ମାଧ୍ୟମରେ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇ ଫେରି ଆସିଲେ । ମାତ୍ର ତାଁ ପରଦିନ ଶ୍ରୀ ନାୟକଙ୍କ ସ୍ପଷ୍ଟିକରଣ ନିଜ ଫେସ ବୁକରେ ଭାଇରଲ ହେଲା । ଏହା ଜାଣିବା ପରେ ତାତିଲା ସମ୍ପୃକ୍ତ ଶିକ୍ଷକଙ୍କ ସବୁ ତ୍ରୁଟି ଜାଣି ଗାଁ ଲୋକ ବୋଲି ନିରବ ଥିବା ବିଦ୍ୟାଳୟ ପରିଚାଳନା କମିଟି ସୂଚନା ଦେଇଥିଲେ ।

ଟିକାବାଲି ଏଏମସିଏସ ମହାବିଦ୍ୟାଳୟରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ

ଟିକାବାଲି, ୫/୦୮ (ଆ.ପ୍ର) : ଟିକାବାଲି ଏଏମସିଏସ କଲେଜରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀ ସରକାରୀ ମହିଳାମହାବିଦ୍ୟାଳୟର ଅଧକ୍ଷା ଡ. ତନୁଜା ସିଂ, ସହ କାରୀ ପ୍ରଫେସର କୁଶ ନାୟକ, ସହକାରୀ ପ୍ରଫେସର ସୁରେଶ ଚନ୍ଦ୍ର ବେହେରା, ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଜିଲ୍ଲା ଯୁବ ରେଡ଼କ୍ରସର ସଂଯୋଜିକା ତଥା ସହ କାରୀ ପ୍ରଫେସର ଡ.ଅଭିସ୍ପା ବଳ, ସହକାରୀ ପ୍ରଫେସର ଡ. ମଳୟ କୁମାର ମୁଦୁଲି,ସହକାରୀ ପ୍ରଫେସର ଡ. ଏନ ତନ୍ମୟ କୁମାର, ଶ୍ରୀ ନୂତନ ପ୍ରକାଶ ତରିଆ ଯୋଗଦେଇ କଲେଜ ପରିସରରେ ବୃକ୍ଷ ରୋପଣ କରିଥିଲେ । କାର୍ଯ୍ୟକ୍ରମକୁ ଜାତୀୟସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଜ୍ଞାନ ରଞ୍ଜନ ଭୋଇ, ଅଧ୍ୟାପିକା ଚମ୍ପା ସୋରେନ ଓ ଯୁବ ରେଡ଼କ୍ରସର ଅଧ୍ୟାପକ ଶ୍ରୀ ରତନ ଦିଗାଲ ପରିଚାଳନା କରିଥିଲେ । ଅଧ୍ୟାପକ ବନମାଳୀ ବେହେରା, ବିରୂପାକ୍ଷ ତ୍ରିପାଠୀ, ସନ୍ତୋଷ କୁମାର ରଥ, ଖେଳ ଶିକ୍ଷକ ଧର୍ମଚାନ୍ଦ ନାୟକ, ବିଶ୍ୱଜିତ ସିଂ ଦଳବେହେରା ସହଯୋଗ କରିଥିଲେ ।

ବାଣପୁର ଶ୍ରୀ ଶ୍ରୀ ନିଗମାନନ୍ଦ ଆଶ୍ରମ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଚିଲିକାବାଣପୁର, ୫/୦୮ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ଶ୍ରୀ ଶ୍ରୀ ନିଗମାନନ୍ଦ ଆଶ୍ରମ ବାଳେଡ଼ିହି ଠାରେ ଭାରତୀୟ କିଷାନ ସଂଘର ଖୋର୍ଦ୍ଧା ଜିଲ୍ଲା ଶାଖା ଓ ରୋଟାରୀ କ୍ଲବ ଚିଲିକା ବାଲୁଗାଁ ର ମିଳିତ ଆନୁକୂଲ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ଭାରତୀୟ କିଷାନ ସଂଘର ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁ, ଜିଲ୍ଲା ଉପ ସଭାପତି ସତ୍ୟେନ୍ଦ୍ର କୁମାର ସ୍ୱାଇଁ, ବ୍ଲକ ଉପ ସଭାପତି ନବ କିଶୋର ନାୟକ, ସଂଯୋଜକ ସୁକାନ୍ତ କୁମାର ଜେନା, ଓ ରୋଟାରୀ କ୍ଲବ ଚିଲିକା ବାଲୁଗାଁର ସଭାପତି ଗଜେନ୍ଦ୍ର ସେଠୀ, ସମ୍ପାଦକ ଯଦୁମଣି ତରାଇ, ପୂର୍ବତନ ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗାନ୍ଧୀ ବାରିକ, ଦିଲ୍ଲୀପ ମହାପାତ୍ର ଶରତ ଚନ୍ଦ୍ର ପରିଡା, ମୁରଳୀ ଚରଣ ନାୟକ, ରମେଶ ଚନ୍ଦ୍ର ଖୁଂଟିଆ, ମକଦମ ଦାସ, ଦେବବ୍ରତ ବଡଜେନା, ସାଇ ପଲେଇ, ଗୋଲାପ ଖୁଂଟିଆ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୋଟାରିଆନ ବିଜୟଲକ୍ଷ୍ମୀ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଆଶ୍ରମର ସନ୍ୟାସିନୀ ମା କରୁଣାମୟୀ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି



ଚିଲିକାବାଣପୁର, ୫/୦୮ (ଆ.ପ୍ର) : ଦୀର୍ଘ ବର୍ଷ ଧରି ଖୋର୍ଦ୍ଧା ଜିଲ୍ଲା ବାଣପୁରକୁ ରାଜସ୍ୱ ଉପଖଣ୍ଡର ମାନ୍ୟତା ମିଳିବା ଦାବୀ ନେଇ ପୁଣିଥରେ କ୍ରିୟାନୁଷ୍ଠାନ କମିଟି ଦାବିକୁ ବୋହରାଇଛି । ସେଥିପାଇଁ ସୋମବାର ଦିନ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଣପୁର ତହସିଲଦାର ଟି.ପଦ୍ମନାଭ ଦୋରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ର ଅନୁଯାଇ, ରାଜସ୍ୱ ଉପ ଉପଖଣ୍ଡ ପାଇଁ ବାଣପୁର ଆବଶ୍ୟକ ଅନୁସାରେ ତାହାର ସମସ୍ତ ମାନଦଣ୍ଡ ପୂରଣ କରୁଛି । ବାଣପୁରକୁ ରାଜସ୍ୱ ଉପଖଣ୍ଡ ଘୋଷଣା ନିମନ୍ତେ ୧୯୭୩ ମସିହାଠାରୁ ଦାବି ହୋଇ ଆସୁଥିବା ବେଳେ ୨୦୧୬ ମସିହାରେ ଆଂଚଳିକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି ଆନ୍ଦୋଳନକୁ ସକ୍ରିୟ କରି ଜୋରଦାର କରାଯାଇଥିଲା । କ୍ରମାଗତ ଭାବେ ଦାବିପତ୍ର ପ୍ରଦାନ କରାଯିବା, ବିଶାଳ ପଦଯାତ୍ରା କରାଯିବା ସହ ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀ, ମନ୍ତ୍ରୀ ମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଦାବି ଉପସ୍ଥାପନା କରାଯାଇଥିଲେ ମଧ୍ୟ କେବଳ ଆଶ୍ୱାସନା ମିଳିବା ବ୍ୟତୀତ ଏଥିପ୍ରତି ସରକାର କର୍ଣ୍ଣପାତ କରୁନାହାନ୍ତି । ରାଜ୍ୟ ସରକାର ବାଣପୁରକୁ ଖୁବ୍ ଶୀଘ୍ର ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କ୍ରିୟାନୁଷ୍ଠାନ କମିଟି ଦାବିକୁ ଗ୍ରହଣ କରାଯାଉ । ଆଜି ବାଣପୁର ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି ନେଇ ପୂର୍ବତନ ଚିଲିକା ବିଧାୟକ ତଥା ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳର ଦାୟିତ୍ୱ ସମ୍ପନ୍ନ ବରିଷ୍ଠ ମନ୍ତ୍ରୀ ଏବଂ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପ୍ରାକ୍ତନ ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ ମହୋଦୟଙ୍କ ବାସଗୃହରେ ବାଣପୁର ରାଜସ୍ୱ ଉପଖଣ୍ଡ କ୍ରିୟାନୁଷ୍ଠାନ କମିଟି ଦାବି ପତ୍ର ପ୍ରଦାନ କରିଛନ୍ତି । ଏଥି ସହିତ ତାଙ୍କର ପୁତ୍ର ବର୍ତ୍ତମାନର ଚିଲିକା ବିଧାୟକ ତଥା ମାନ୍ୟବର ମନ୍ତ୍ରୀ ପୂର୍ତ୍ତ ଆଇନ ଅବକାରୀ ବିଭାଗ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଆଜି ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ଠାରେ ବାଣପୁର ରାଜସ୍ୱ ଉପଖଣ୍ଡ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ସାକ୍ଷାତ କରି ଐତିହାସିକ ସହର ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବା ପାଇଁ ଦାବି ଉପସ୍ଥାପନା କରିଥିଲେ । ଏହି ଦାବିକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ ମାନ୍ୟବର ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ସହ ଆଲୋଚନା କରି ଖୁବଶୀଘ୍ର ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ।

ଟିକାବାଲିରେ ନୂତନ ଜିଲ୍ଲାପାଳ ଶ୍ରୀଯୁକ୍ତ ବେଦ ଭୂଷଣଙ୍କ ପ୍ରଥମ ଅଭିଯୋଗ ଶୁଣାଣୀ

ଟିକାବାଲି, ୫/୦୮ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ପଂଚାୟତ ସମିତି ସଭାଗୃହଠାରେ ଆଜି କନ୍ଧମାଳ ଜିଲ୍ଲାପାଳ ଶ୍ରୀଯୁକ୍ତ ବେଦ ଭୂଷଣଙ୍କ ଅଧକ୍ଷତାରେ ଯୁଗ୍ମ ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଜନ ସୁଣାଣିରେ ଉପସ୍ଥିତ ଥିଲେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଶମ୍ଭୁନାଥ ନନ୍ଦି, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ହରିସ୍ ବିଶି, ବାଲିଗୁଡା ଉପ ଜିଲ୍ଲାପାଳ ପ୍ରଣୀତି ଦାସ୍, ବାଲିଗୁଡ଼ା ପ୍ରକଳ୍ପ ପ୍ରଶାସନ ସମନ୍ୱିତ ଆଦିବାସୀ ଉନ୍ନୟନ ପରିଷଦ ଶ୍ରୀଯୁକ୍ତ କୃପାସିନ୍ଧୁ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ନାରାୟଣ ଦିକ୍ଷୀତ, ଜି ଉଦୟଗିରି ଏସ୍ ଡିପିଓ, ବିଜୟ କୁମାର ବିଶି, ଜିଲ୍ଲା ପରିଷଦ ଉପାଦୋକ୍ଷା ସାଧୋବାଣି ନାୟକ, ଜିଲ୍ଲା ପରିଷଦ ସଭ୍ୟା ନମିତା କହଁର, ଉପସ୍ଥିତ ରହି ବିଭିନ୍ନ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଜନସାଧାରଣଙ୍କ ସାମୁହିକ ଓ ବ୍ୟକ୍ତି ଗତ ସମସ୍ୟା ଉପରେ ଏକ ସାର୍ବଜାନିନ ଅଭିଯୋଗ ଶୁଣାଣୀ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗିୟ ଅଧିକାରୀ, ଉପସ୍ଥିତ ରହି ଥିବାବେଳେ ଟିକାବାଲି ବ୍ଲକ୍ର ୧୧ ଗୋଟି ପଂଚାୟତର ପୁରୁଷ ମହିଳା, ବୃଦ୍ଧ ବୃଦ୍ଧା ଜିଲ୍ଲାପାଳଙ୍କ ଜନଶୁଣାଣୀ ରେ ପ୍ରାୟ ରେସନ କାର୍ଡ, ପିଇବା ପାଣି, ଭତା, ରାସ୍ତା ଆବାସ ଗୃହ, ଏଭଳି ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ ଶୁଣିବା ସହିତ ସମସ୍ୟା ର ସମାଧାନ ପାଇଁ ସମସ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶୁଣାଣୀରେ ଶର୍ବମୋଟ ୪୭ ଗୋଟି ଅଭିଯୋଗ ଆସିଥିବା ବେଳେ ସାମୁହିକ ସମସ୍ୟା ୧୨ ଗୋଟି ବ୍ୟକ୍ତିଗତ ସମସ୍ୟା ୩୫ ଗୋଟି ରେଜିଷ୍ଟର ହୋଇଥିଲା । ଏହି ଅଭିଯୋଗ ଶୁଣାଣିରେ ଟିକାବାଲି ବ୍ଲକର ୧୧ ପଂଚାୟତର ଜନସାଧାରଣ ସମେତ ବ୍ଲକ୍ ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ ।

ବୃଦ୍ଧାବସ୍ଥାରେ ଓଡିଶାରେ ଡାକ୍ତରୀ ସେବା, ଏକ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ

ପୁରୀ, ୫/୦୮ (ଆ.ପ୍ର) : ଓଡିଶା ଯୁବ ଚେତନା ସଂଗଠନ, ଆଦିତ୍ୟ ସେବା ପ୍ରତିଷ୍ଠାନ, ଦିବାକର ତ୍ରିପାଠୀ ଫାଉଣ୍ଡେସନ ର ମିଳିତ ଆନୁକୂଲ୍ୟରେରେ ବୃଦ୍ଧାବସ୍ଥାରେ ଡାକ୍ତରୀ ସେବା, ଏକ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ଗୁଣ୍ଡିଚା ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଶିକ୍ଷାବିତ ମହେନ୍ଦ୍ର ବିଶୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶା ତୈଳ ନିଗମର ନିର୍ଦ୍ଦେଶକ ସୁଦୀପ୍ତ ରାୟ ମୁଖ୍ୟ ଅତିଥି, ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସଭାପତି ଡ଼ କାର୍ତ୍ତିକ କୁମାର ଦାସ ମୁଖ୍ୟ ବକ୍ତା ଏବଂ ଆଦିତ୍ୟ ସେବା ପ୍ରତିଷ୍ଠାନର ମୁଖ୍ୟ ରାଜଶ୍ରୀ ଦାସମହାପାତ୍ର ସମ୍ମାନିତ ଅତିଥି ରୂପେ ମଂଚାସୀନ ଥିଲେ ।ପ୍ରାରମ୍ଭରେ ସଂଗଠନର ମୁଖ୍ୟ ଆବାହକ ଆଡଭୋକେଟ ଦେବାଶିଷ ଦାସ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରିବା ସଙ୍ଗେ ସଙ୍ଗେ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । କେନ୍ଦ୍ର ସରକାରଙ୍କ କୌଶଳ ଯୋଜନା ଅନ୍ତର୍ଗତ ଅଟଳ ବୟୋ ଯୋଜନା ମାଧ୍ୟମରେ ରାଜ୍ୟରେ ବୃଦ୍ଧାବସ୍ଥାରେ ହାତ ପାହାନ୍ତାରେ ଡାକ୍ତରୀ ସେବା ଯେଭଳି ଉପଲବ୍ଧ ହୋଇ ପାରିବ ସେ ଦିଗରେ ରାଜ୍ୟ ସରକାର ଧ୍ୟାନ ଦେବାକୁ ଆଲୋଚନାଚକ୍ର ରେ ଗୁରୁତ୍ୱାରୋପ କରାଯାଇଥିଲା । ବୟସ୍କ ବ୍ୟକ୍ତି ମାନେ ପରିଣତି ବୟସରେ ଯେଭଳି ସେବା ଯତ୍ନ ପାଇପାରିବେ ସେଥିପାଇଁ ପିଲାମାନେ ସଚେତନ ହେବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଶିବରାମ ପ୍ରଧାନ । ବଳରାମ ବଡ଼ ଦଳାଇ, କେଦାର ନାଥ ନାୟକ, ବିନାୟକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଆଲୋଚନା ଚକ୍ରରେ, ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ସୁରଜ ମଲ୍ଲ ସାହା ମହାବିଦ୍ୟାଳୟ, ଭୋଳାନାଥ ବିଦ୍ୟାପୀଠ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାରସ୍ୱତ ବିଦ୍ୟା ନିକେତନ ର ବିଦ୍ୟାର୍ଥୀ ଏବଂ ସାହିତ୍ୟିକ, ବୁଦ୍ଧିଜୀବୀ ଅଂଶ ଗ୍ରହଣ କରିଥିଲେ ।

ବୁଢ଼ାଗୁଡାରେ ନୂତନ ପୋଲିସ ଫାଣ୍ଡି ଉଦଘାଟିତ

ବାଲିଗୁଡା, ୫/୦୮ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ବୁଢାଗୁଡା ଗ୍ରାମ ପଂଚାୟତରେ ଦୀର୍ଘ ଆଠ ବର୍ଷ ହେଲା ବନ୍ଦ ହୋଇ ରହିଥିବା ବୁଢ଼ାଗୁଡା ଫାଣ୍ଡିକୁ ନବ କଳେବର କରାଯାଇ ମଙ୍ଗଳବାର ଦିନ କନ୍ଧମାଳ ଏସପି ହରିଶ ବିଶି, ବାଲିଗୁଡା ଏସଡିପିଓ ରାମେନ୍ଦ୍ର ପ୍ରସାଦ, ଥାନା ଅଧିକାରୀ ସମ୍ମିତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ଏହି ପଂଚାୟତ ଅଧିନରେ ସାତଗୋଟି ପଂଚାୟତ ଯଥା କୋଟଗଡ ବ୍ଲକର ପକାରୀ ଓ ପାରିଗଡ, ବାଲିଗୁଡା ବ୍ଲକର ଉତ୍ତୁଙ୍ଗିଆ, ଦାରିଙ୍ଗବାଡି ବ୍ଲକର ବୁଢାଗୁଡା, ଡିଲୋରୀ, କିରୀକୁଟି ଓ ଗୁମିକିଆ ପଂଚାୟତରେ ଆଇନ ଶୃଙ୍ଖଳା ସମସ୍ୟା ସହ ପୋଲିସର ସହଯୋଗରୁ ଅଂଚଳବାସୀ ବଂଚିତ ହୋଇ ରହି ଆସୁଥିଲେ । କନ୍ଧମାଳ ଜିଲ୍ଲାପାଳ, ଏସପି ଓ ବାଲିଗୁଡା ଏସ ଡି ପିଓଙ୍କ ପ୍ରଚେଷ୍ଟା ଫଳରେ ବର୍ତ୍ତମାନ ଏହା ପୁନଃ କାର୍ଯ୍ୟକ୍ଷମ ହୋଇ ନବ କଳେବର କରାଯାଇ ଉଦଘାଟନ କରାଯାଇଥିବା ଯୋଗୁଁ ଅଂଚଳ ବାସୀ ରାଜ୍ୟ ସରକାର ଏବଂ କନ୍ଧମାଳ ପୋଲିସକୁ କୃତଜ୍ଞତା ଜଣାଇଛନ୍ତି । ଏହି ଆଉଟପୋଷ୍ଟରେ ବର୍ତ୍ତମାନ ୨୪ ଘଂଟିଆ ଫୋର୍ସ ମୁତୟନ ରହିବା ସହ ଜଣେ ଦକ୍ଷ ଏଏସଆଇ ନିଯୁକ୍ତି କରାଯାଇଥିବା ବିଷୟ ଏସଡିପିଓ ରାମେନ୍ଦ୍ର ପ୍ରସାଦ ପ୍ରକାଶ କରିଛନ୍ତି ।

ସେଇଠୁ
ଆରମ୍ଭ
SEITHO ARAMBHA
ବୁଧବାର, ୦୬ ଅଗଷ୍ଟ,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

ଇଂଲଣ୍ଡର ଆଶା ପୁଣି ଧୂଳିସାତ୍

ମୁମ୍ୱାଇ,୦୫/୦୮(ନ୍ୟୁ.ଏ):ଇଂଲଣ୍ଡର ଆଶା ପୁଣି ଧୂଳିସାତ୍ । ୨୦୧୮ରୁ ଦେଖୁଥିବା ସ୍ୱପ୍ନରେ ଆଜି ଯାଏଁ ହୋଇପାରୁନି ସତ । ଜାରି ରହିଛି ଟିମ୍ ଇଣ୍ଡିଆର ଅପରାଜେୟ ରେକର୍ଡ । ଘରୋଇ ହେଉ କି ବିଦେଶୀ ମାଟି । ସବୁଠି ଟିମ୍ ଇଣ୍ଡିଆର ରହିଛି ଦବ୍‌ଦବା । ସୋମବାର ଶେଷ ହୋଇଛି ଭାରତ-ଇଂଲଣ୍ଡ ୫ଟିକିଆ ସିରିଜ୍ । ଯେଉଁଥିରେ ଉଭୟ ଟିମ୍ ଟେଷ୍ଟ ସିରିଜ୍‌କୁ ୨-୨ରେ ବରାବର କରିଛନ୍ତି । ଏହି ସିରିଜ୍‌ରେ ଘରୋଇ ଇଂଲଣ୍ଡ ଭାରତ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିଲା । କିନ୍ତୁ ଘରୋଇ ଟିମ୍ ଉପରେ ଭାରି ପଡିଥିଲା ଭାରତୀୟ ଟିମ୍ । ସିରିଜ୍‌ରେ ପଛରେ ଥାଇ ମଧ୍ୟ କମ୍‌ବ୍ୟାକ୍ କରିଥିଲା ଭ୍ରମଣକାରୀ ଦଳ । ଏପିରିକି ପଂଚମ ଟେଷ୍ଟ ବିଜୟ ପାଇଁ ଅନ୍ତିମ ଦିନରେ ୩୫ ରନ୍‌ର ଆବଶ୍ୟକ ଥିବା ବେଳେ ଭାରତୀୟ ଟିମ୍‌କୁ ୪ ୱିକେଟ୍‌ର ଆବଶ୍ୟକ ରହିଥିଲା । ଶେଷରେ ମହମ୍ମଦ ସିରାଜ୍ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଘାତକ ବୋଲିଂ ଆଗରେ ସରେଣ୍ଡର ହୋଇଥିଲା ଇଂଲଣ୍ଡ ବାହିନୀ । ଆଉ ୬ ରନ୍‌ରେ ପଂଚମ ଟେଷ୍ଟକୁ ନିଜ ନାଁରେ କରିଥିଲା ଭାରତୀୟ ଟିମ୍ । ଆଉ ସିରିଜ୍‌କୁ ୨-୨ରେ ବରାବର କରିଛନ୍ତି ଉଭୟ ଟିମ୍ । ତେବେ ଏହି ସିରିଜ୍ ଡ୍ର ସହିତ ଇଂଲଣ୍ଡର ସାତ ବର୍ଷର ସ୍ୱପ୍ନ ଧୂଳିସାତ୍ ହୋଇଛି । ୨୦୧୮ରୁ ଏବେ ଯାଏଁ ଭାରତ ବିପକ୍ଷରେ ଇଂଲଣ୍ଡ କୌଣସି ବି ଟେଷ୍ଟ ସିରିଜ୍ ଜିତିନାହିଁ । ତେବେ ଆସନ୍ତୁ ନଜର ପକାଇବା ୨୦୧୮ ପରର ଟେଷ୍ଟ ସିରିଜ୍‌ର ରେକର୍ଡ୍..୨୦୨୧ ସିରିଜ୍ : ଭାରତ ୩-୧ରେ ବିଜୟୀ ୨୦୨୧-୨୨ ସିରିଜ୍ : ଡ୍ର ୨୦୨୪ ସିରିଜ୍ : ଭାରତ ୪-୧ରେ ବିଜୟୀ ୨୦୨୫ ସିରିଜ : ଡ୍ର ସୂଚନାଯୋଗ୍ୟ ଯେ, ଜୁନ ୨୦ରେ ଆରମ୍ଭ ହୋଇଥିଲା ଭାରତ ଇଂଲଣ୍ଡ ଟେଷ୍ଟ ସିରିଜ୍ । ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ଟିମ୍ ୫ ୱିକେଟ୍‌ରେ ବିଜୟୀ ହୋଇଥିଲା । ଏହାପରେ ୨ୟ ଟେଷ୍ଟକୁ ଭାରତ ୩୩୬ ରନ୍‌ରେ ବିଜୟୀ ହୋଇଥିଲା । ୩ୟ ଟେଷ୍ଟକୁ ଇଂଲଣ୍ଡ ୨୨ ରନ୍‌ରେ ବିଜୟୀ ହୋଇଥିବା ବେଳେ ୪ ଟେଷ୍ଟ ଡ୍ର ରହିଥିଲା । ବାକି ପଂଚମ ଟେଷ୍ଟକୁ ଭାରତ ୬ ରନ୍‌ରେ ବିଜୟୀ ହୋଇଥିଲା । ଶେଷରେ ସିରିଜ୍‌ରେ ୨-୨ରେ ବରାବର ରହିଛି । ବିଦେଶରେ ଉଡିଛି ଭାରତର ବାନା । ଇଂଲଣ୍ଡ ବିପକ୍ଷରେ ଭାରତର ଐତିହାସିକ ବିଜୟ । ଦମ୍ ଦେଖାଇଛନ୍ତି ଟିମ୍ ଇଣ୍ଡିଆର କ୍ରିକେଟର । ତେବେ ଏହି ବିଜୟ ପରେ ଖୁସି ଜାହିର କରିଛନ୍ତି ଗୌତମ ଗମ୍ଭୀର । ଭାରତର ଓଭାଲ ଟେଷ୍ଟରେ ବିଜୟ ଏବଂ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ବରାବର କରିବା ପାଇଁ ବେଶ୍ ଖୁସି କୋଚ୍ । ଟିମ ଇଣ୍ଡିଆର ମୁଖ୍ୟ କୋଚ କହିଛନ୍ତି ଯେ ଆମେ କେବେ ହାର ମାନିବୁ ନାହିଁ । ଭାରତୀୟ ଦଳ ପଂଚମ ଓ ଅନ୍ତିମ ଟେଷ୍ଟ ମ୍ୟାଚର ଶେଷ ଦିନରେ ଇଂଲଣ୍ଡକୁ ୩୫ ରନ କରିବାକୁ ଦେଇନଥିଲେ । ମହମ୍ମଦ ସିରାଜଙ୍କ ଚମତ୍କାର ବୋଲିଂ ବଳରେ ଇଂଲଣ୍ଡ ମୁହଁରୁ ବିଜୟ ଛଡାଇ ଆଣିଥିଲା ଭାରତ । ଏହା ସହିତ ଭାରତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୨ ରେ ବରାବର କରିଥିଲା । ଓଭାଲରେ ଭାରତର ବିଜୟ ପରେ ଗମ୍ଭୀରଙ୍କ ଖୁସିର ସୀମା ନଥିଲା । ସେ ମୈଦାନକୁ ଆସି ଅଧିନାୟକ ଶୁଭମନ ଗିଲଙ୍କୁ ଆଲିଙ୍ଗନ କରି ବିଜୟ ପାଇଁ ଅଭିନନ୍ଦନ ଜଣାଇଥିଲେ । ଗୌତମ ଗମ୍ଭୀର ଓଭାଲ ଟେଷ୍ଟ ବିଜୟ ପରେ ସୋସିଆଲ ମିଡିଆ ଏକ୍ସରେ ଭାରତୀୟ ଦଳର ଉତ୍ସବ ମନାଉଥିବା ୪ଟି ଫଟୋ ସେୟାର କରି ଲେଖିଥିଲେ, 'ଆମେ କେବେ ଜିତିବୁ, କେବେ ହାରିବୁ...କିନ୍ତୁ ଆମେ କେବେ ହାର ମାନିବୁ ନାହିଁ । କାରଣ ଆମ ଖେଳାଳି ଫାଇଟର । ସାବାଶ ପିଲାମାନେ !' ଗମ୍ଭୀରଙ୍କ ଏହି ଶବ୍ଦଗୁଡ଼ିକ ଭାରତୀୟ ଖେଳାଳିମାନଙ୍କୁ ଉତ୍ସାହିତ କରିବ । ଭାରତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୨ଟି ମ୍ୟାଚ ଜିତିଥିବା ବେଳେ ଗୋଟିଏ ଟେଷ୍ଟ ଡ୍ର ହୋଇଥିଲା । ଇଂଲଣ୍ଡକୁ ଶେଷ ଦିନରେ ମାତ୍ର ୩୫ ରନ ଆବଶ୍ୟକ ଥିଲା । ଭାରତକୁ ୪ଟି ଉଇକେଟ ନେବାକୁ ଥିଲା । ଅନେକଙ୍କୁ ବିଶ୍ୱାସ ନଥିଲା ଯେ ଭାରତୀୟ ଦଳ ଏହି ସ୍ଥିତିରେ ମ୍ୟାଚ ଜିତିପାରିବ, କିନ୍ତୁ ମହମ୍ମଦ ସିରାଜ କିଛି ଅଲଗା ଚିନ୍ତା କରି ଆସିଥିଲେ ଏବଂ ସେ ତାହା କରି ଦେଖାଇଥିଲେ ଯାହା କ୍ରିକେଟ ପ୍ରେମୀମାନେ ବର୍ଷ ବର୍ଷ ଧରି ମନେ ରଖିବେ ।

କେବଳ ଗିଲ୍ ନୁହେଁ, ବ୍ରୁକଙ୍କୁ ବି ମିଳିଲା ପ୍ଲେୟାର ଅଫ୍ ଦ ସିରିଜ୍ ଆୱାର୍ଡ

ଲଣ୍ଡନ,୦୫/୦୮(ନ୍ୟୁ.ଏ):ପଂଚମ ଟେଷ୍ଟ ମ୍ୟାଚ୍ ସହ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳା ଯାଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ସମାପନ ଘଟିଛି । ସୋମବାର ଭାରତ ଅନ୍ତିମ ଟେଷ୍ଟକୁ ରୋମାଂଚକର ଭାବେ ୬ ରନରେ ଜିତି ନେଇ ସିରିଜ୍‌କୁ ୨-୨ରେ ବରାବର କରିଛି । ୩୭୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଘରୋଇ ଦଳ ୩୬୭ ରନରେ ଅଲଆଉଟ୍ ହୋଇଛି । ଦ୍ରୁତ ବୋଲର ମହମ୍ମଦ ସିରାଜ ୫ ୱିକେଟ୍ ଓ ପ୍ରସିଦ୍ଧ କୃଷ୍ଣ ୪ ୱିକେଟ୍ ନେଇ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ସିରାଜ୍ ମ୍ୟାଚ୍‌ରେ ୯ ୱିକେଟ୍ ନେଇ ପ୍ଲେୟାର ଅଫ ଦ ସିରିଜ୍ ପୁରସ୍କାର ଜିତିଛନ୍ତି । ଏହା ବାଦ୍ ଦୁଇ ଖେଳାଳିଙ୍କୁ ପ୍ଲେୟାର ଅଫ୍ ଦ ସିରିଜ୍ ଆୱାର୍ଡ ମିଳିଛି । ସ୍ୱାଭାବିକ ଭାବେ ଭାରତର ଅଧିନାୟକ ଶୁଭମନ ଗିଲ୍ ପ୍ଲେୟାର ଅଫ ସିରିଜ୍ ପାଇଥିବା ବେଳେ ଇଂଲଣ୍ଡର ହ୍ୟାରି ବ୍ରୁକଙ୍କୁ ମଧ୍ୟ ଏହି ପୁରସ୍କାର ମିଳିଛି । ତେଣୁ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ଯେ, ଗିଲଙ୍କ ସହ ବ୍ରୁକଙ୍କୁ କାହିଁକି ପ୍ଲେୟାର ଅଫ ଦ ପୁରସ୍କାର ଦିଆଗଲା । ଏହା ପଛରେ କଣ ରହିଛି କାରଣ ଇଂଲଣ୍ଡରେ ଟେଷ୍ଟ ସିରିଜ୍ ?ରେ ଦୀର୍ଘ ସମୟରୁ ଚାଲି ଆସିଥିବା ପରମ୍ପରା ଅନୁସାରେ ଦୁଇ ଦଳର ଜଣେ-ଜଣେ ଖେଳାଳିଙ୍କୁ ପ୍ଲେୟାର ଅଫ ଦ ସିରିଜ୍ ପୁରସ୍କାର ଦିଆଯାଏ । ଇଂଲଣ୍ଡ ପକ୍ଷରୁ ବ୍ରୁକଙ୍କୁ ଏହି ପୁରସ୍କାର ମିଳିଥିବା ବେଳେ ଭାରତ ପକ୍ଷରୁ ଶୁଭମନ ଗିଲ୍ ବାଜି ମାରିଛନ୍ତି । ତେବେ ସିରିଜରେ ପ୍ଲେୟାର ଅଫ ଦ ସିରିଜ୍ ପୁରସ୍କାର କେଉଁ ଦୁଇ ଖେଳାଳିଙ୍କୁ ମିଳିବ ତାର ଚୟନ ଦୁଇ ଦଳର କୋଚ୍ କରିଥାନ୍ତି । ଭାରତର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ହ୍ୟାରି ବ୍ରୁକଙ୍କୁ ଚୟନ କରିଥିବା ବେଳେ ଇଂଲଣ୍ଡର ମୁଖ୍ୟ ପ୍ରଶିକ୍ଷକ ବ୍ରେଣ୍ଡନ ମ୍ୟାକକଲମ ଶୁଭମନ ଗିଲଙ୍କ ଉପରେ ମୋହର ମାରିଛନ୍ତି । ଉଲ୍ଲେଖନୀୟ ଇଂଲଣ୍ଡରେ ପ୍ଲେୟାର ଅଫ ଦ ସିରିଜ୍ ଏବଂ ପ୍ଲେୟାର ଅଫ ଦ ଆୱାର୍ଡ ଜିତିବାରେ ଶୁଭମନ ଗିଲ୍ ହେଉଛନ୍ତି ଏକମାତ୍ର ଅଧିନାୟକ । ତାଙ୍କୁ ଦ୍ୱିତୀୟ ଟେଷ୍ଟରେ ଖେଳିଥିବା ଦ୍ୱିଶତକୀୟ ଇନିଂସ ପାଇଁ ପ୍ଲେୟାର ଅଫ ମ୍ୟାଚ୍ ଚୟନ କରାଯାଇଥିଲା । ଗିଲ୍ ଇଂଲଣ୍ଡ ଗସ୍ତରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ।

ଭାରତକୁ ଆମେରିକାର ଧମକରେ ରାଗି ଗଲା ରୁଷ, ଟ୍ରମ୍ପଙ୍କୁ ଚେତାବନୀ

ନୂଆଦିଲ୍ଲୀ,୦୫/୦୮(ନ୍ୟୁ.ଏ):ବନ୍ଧୁ ପାଇଁ ବାହାରିଲା ବନ୍ଧୁ । ଆମେରିକାର ଚେତାବନୀ ପରେ ଭାରତର ବିଶ୍ୱସ୍ତ ବନ୍ଧୁ ରୁଷ କଡ଼ା ଜବାବ ଦେଇଛି । ରୁଷଠାରୁ ତେଲ କିଣିବାକୁ ନେଇ ଭାରତ ଉପରେ ଅଧିକ ଟାରିଫ୍ ଲଗାଇବେ ବୋଲି ସୋମବାର ଟ୍ରମ୍ପ ଚେତାବନୀ ଦେଇଥିଲେ । ଏହାପରେ ଭାରତ ଓ ରୁଷ ଦୁହେଁ ମିଶି ଆମେରିକାକୁ ତାହାରି ଭାଷାରେ ବୁଝାଇ ଦେଇଛନ୍ତି । ମଙ୍ଗଳବାର ରୁଷ ଏହି ପ୍ରସଙ୍ଗରେ କଡ଼ା ପ୍ରତିକ୍ରିୟା ଦେଇଛି । କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସ୍କୋଭ କହିଛନ୍ତି, ରୁଷ ସହ ବାଣିଜ୍ୟ ନେଇ ଅନ୍ୟ ଦେଶକୁ ମନା କରିବା ବେଆଇନ ଅଟେ । ଦିମିତ୍ରୀ ପେସ୍କୋଭ କହିଛନ୍ତି, 'ସବୁ ଦେଶ ନିଜ ନିଜର ବାଣିଜ୍ୟିକ ନିଷ୍ପତ୍ତି ନେବା ପାଇଁ ସ୍ୱତନ୍ତ୍ର । କାହା ଉପରେ କୌଣସି ପ୍ରକାର ଚାପ ପକାଯିବା ଧମକ ରୂପେ ବିବେଚନା କରାଯିବ । ଆମେ ଏପରି ଅନେକ ବୟାନ ଶୁଣିଛୁ, ଯାହା ବାସ୍ତବରେ ଧମକ ଅଟେ । ଏହି ଧମକରେ ଦେଶଗୁଡ଼ିକୁ ରୁଷ ସହ ବାଣିଜ୍ୟିକ ସମ୍ପର୍କ ଶେଷ କରିବା ପାଇଁ ବାଧ କରାଯାଉଛି । ଏଭଳି ବୟାନ ଠିକ୍ ନୁହେଁ ।' କ୍ରେମଲିନ୍ ମୁଖପାତ୍ର କହିଛନ୍ତି, 'ଆମ ମତ ହେଉଛି ସାର୍ବଭୌମତ୍ୱ ଥିବା ଦେଶଗୁଡ଼ିକୁ ନିଜ ନିଜର ବାଣିଜ୍ୟିକ ପାର୍ଟନର, ବାଣିଜ୍ୟ ଓ ଆର୍ଥିକ ସହଯୋଗ ପାଇଁ ଅଂଶୀଦାର ଚୟନ କରିବାର ଅଧିକାର ରଖନ୍ତି ।' ଟ୍ରମ୍ପ ସୋମବାର ନିଜ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଟ୍ରୁଥରେ ଲେଖିଥିଲେ, 'ଭାରତ, ରୁଷଠାରୁ ବିପୁଳ ମାତ୍ରାରେ କେବଳ ତେଲ କିଣୁନାହିଁ ବରଂ ସେହି ତେଲର ଏକ ବଡ଼ ଅଂଶକୁ ଖୋଲା ବଜାରରେ ଉଚ୍ଚ ମୂଲ୍ୟରେ ବିକ୍ରି କରି ଅଧିକ ଲାଭ ପାଉଛି । ଏହା ସହ ଟ୍ରମ୍ପ କହିଥିଲେ, ରୁଷର ଆକ୍ରମଣ ଯୋଗୁ ୟୁକ୍ରେନରେ କେତେ ଲୋକଙ୍କ ଜୀବନ ଯାଉଛି, ସେହି କଥାରେ ଭାରତକୁ କୌଣସି ଫରକ ପଡୁ ନାହିଁ । ଏହି କାରଣରୁ ଭାରତରୁ ଆମେରିକାକୁ ଦିଆଯାଉଥିବା ଶୁଳ୍କକୁ ବଢାଇବାକୁ ଯାଉଛି ।' ଏହା ଉପରେ ସୋମବାର ରାତିରେ ଭାରତ କଡ଼ା ଜବାବ ଦେଇଥିଲା । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଥିଲେ, ୟୁକ୍ରେନ ବିବାଦ ଆରମ୍ଭ ହେବା ପରେ ପାରମ୍ପରିକ ଯୋଗାଣକାରୀମାନେ ତେଲ ୟୁରୋପକୁ ପଠାଉଥିବାରୁ ଭାରତ ରୁଷରୁ ତେଲ ଆମଦାନୀ ଆରମ୍ଭ କରିବାକୁ ବାଧ୍ୟ ହୋଇଥିଲା । ସେହି ସମୟରେ, ନିଜେ ଆମେରିକା ଭାରତକୁ ଏପରି ପଦକ୍ଷେପ ନେବା ପାଇଁ ଉତ୍ସାହିତ କରିଥିଲା । ସେ କହିଥିଲା ଯେ ଭାରତୀୟ ଗ୍ରାହକମାନଙ୍କୁ ଶସ୍ତା ଏବଂ ସ୍ଥିର ଉର୍ଜା ସୁନିଶ୍ଚିତ କରିବା ପାଇଁ ଭାରତର ଏହି ଆମଦାନୀ ଆବଶ୍ୟକ । ଏହା ଏକ ବିକଳ୍ପ ନୁହେଁ, ବରଂ ବିଶ୍ୱ ବଜାରର ଏକ ବାଧ୍ୟବାଧକତା । ବୈଦେଶିକ ମନ୍ତ୍ରଣାଳୟ ଜୋର ଦେଇ କହିଥିଲା ଯେ ଭାରତକୁ ଟାର୍ଗେଟ କରିବା ଅବୈଧ ଏବଂ ଯୁକ୍ତିହୀନ । ଏକ ପ୍ରମୁଖ ଅର୍ଥନୀତି ଭାବରେ ଭାରତ ସର୍ବଦା ଏହାର ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷାକୁ ସୁରକ୍ଷା ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ ।

ନୌସେନା ଓ ବାୟୁ ସେନା ପାଇଁ ଆସିବ ବ୍ରହ୍ମୋସ୍ ମିସାଇଲ୍

ନୂଆଦିଲ୍ଲୀ,୦୫/୦୮(ନ୍ୟୁ.ଏ):ଅପରେସନ୍ ସିନ୍ଦୂର ବେଳେ ପାକିସ୍ତାନର ବିଭିନ୍ନ ସୈନ୍ୟ ଠିକଣାକୁ ଭାରତ ବ୍ୟାପକ କ୍ଷତି ପହଂଚାଇଥିଲା । ଭାରତୀୟ ସେନା ଏବେ ଭାରତ-ରୁଷ ଦ୍ୱାରା ବିକଶିତ ବ୍ରହ୍ମୋସ ସୁପରସୋନିକ୍ କ୍ରୁଜ୍ ମିସାଇଲର ଏକ ବଡ଼ ଅର୍ଡର ଦେବାକୁ ଯାଉଛି । ଏଏନଆଇର ରିପୋର୍ଟ ଅନୁସାରେ, ପ୍ରତିରକ୍ଷା ଉପକରଣ କ୍ରୟ ନେଇ ଉଚ୍ଚ ସ୍ତରୀୟ ବୈଠକରେ ଭାରତୀୟ ବାୟୁ ନୌସେନାର ଯୁଦ୍ଧପୋତ ପାଇଁ ବହୁ ସଂଖ୍ୟାରେ ବ୍ରହ୍ମୋସ ମିସାଇଲ କ୍ରୟକୁ ମଞ୍ଜୁରି ଦିଆଯାଇପାରେ । ଏହା ସହ ଭାରତୀୟ ବାୟୁ ସେନା ପାଇଁ ବି ଏହି ମିସାଇଲ୍ ଭୂମି ଓ ଆକାଶ ଭାରିଆଣ୍ଟକୁ କ୍ରୟ କରାଯିବ । ପାକିସ୍ତାନର ଏୟାରବେସ୍ ଓ ସୈନ୍ୟ ଠିକଣା ଉପରେ ଆକ୍ରମଣ ପାଇଁ ଏହି ମିସାଇଲକୁ ଅଧିକ ପ୍ରୟୋଗ କରାଯାଇଥିଲା । ନୌସେନା ଏହି ମିସାଇଲକୁ ନିଜର ବୀର-ବର୍ଗର ଯୁଦ୍ଧପୋତରେ ମୁତୟନ କରିବା କରିବ, ଅନ୍ୟପଟେ ବାୟୁ ସେନା ଏହାକୁ ସୁଖୋଇ-୩୦ ଏମକେଆଇ ଯୁଦ୍ଧ ବିମାନରେ ମୁତୟନ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲଗାତାର ସ୍ୱଦେଶ ହତିଆରର ପ୍ରଶଂସା କରୁଛନ୍ତି ।

ପଶ୍ଚିମବଙ୍ଗରେ ଭୋଟର ତାଲିକାରେ ଅନିୟମିତତା: ଅନେକ ଅଫିସର ସସ୍‌ପେଣ୍ଡ

ନୂଆଦିଲ୍ଲୀ,୦୫/୦୮(ନ୍ୟୁ.ଏ):ପଶ୍ଚିମବଙ୍ଗରେ ଭୋଟର ତାଲିକାରେ ନାମ ସାମିଲ କରିବା ଦାୟିତ୍ୱ ଠିକ୍‌ରେ ତୁଲାଇ ନଥିବାରୁ ଅନେକ ଅଧିକାରୀଙ୍କୁ ନିଲମ୍ବିତ କରି ଦିଆ ଯାଇଛି । ଏହାସହ , ତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ୨୯ଜୁଲାଇରେ ଏକ ରିପୋର୍ଟ ପ୍ରଦାନ କରାଯାଇଛି । ଏଥିରେ ଖୁଲାସା ହୋଇଛି ଯେ, ଦକ୍ଷିଣ ୨୪ ପରଗନାର ବରୁଇପୁର ପୂର୍ବ ଓ ପୂର୍ବ ମେଦିନିପୁରର ମୋଇନାରେ ଭୋଟର ତାଲିକାରେ ଭୁଲ୍ ଉପାୟରେ ନାମ ଯୋଡ଼ା ଯାଇଛି । ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ଓ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ କେବଳ ନିଜର କାମ ଠିକ୍‌ରେ କରୁ ନାହାନ୍ତି, ବରଂ ଡାଟା ସିକ୍ୟୁରିଟି ପଲିସିର ଉଲ୍ଲଙ୍ଘନ କରି ଲଗିନ୍ ଆଇଡି ମଧ୍ୟ ସେୟାର କରିଥିଲେ । ଭାରତୀୟ ନିର୍ବାଚନ କମିଶନ ଏହି ମାମଲାକୁ ଗୁରୁତର ସହ ନେଇଛନ୍ତି ଏବଂ ପ୍ରତିନିଧି ଜନତା ଅଧିନିୟମ , ୧୯୫୦ର ଧାରା ୧୩ (ବି) ଓ ୧୩ (ସିସି) ଅନୁସାରେ କାର୍ଯ୍ୟାନୁଷ୍ଠାନର ନିର୍ଦ୍ଦେଶ ଦେଇଛନ୍ତି । ଦେବୋତ୍ତମ ଦତ୍ତ ଚୌଧୁରୀ, ତଥାଗତ ମଣ୍ଡଳ , ବିପ୍ଲବ ସରକାର ଓ ସୁଦିପ୍ତ ଦାସଙ୍କୁ ଦୋଷୀ କରାଯାଇଛି । କମିଶନ ଏହି ଅଧିକାରୀଙ୍କୁ ତତ୍କାଳ ପ୍ରଭାବରେ ନିଲମ୍ବିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ବିରୋଧରେ ଅନୁଶାସନାତ୍ମକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଏବଂ ଫୌଜଦାରୀ ଅପରାଧ ପାଇଁ ଏଫଆଇଆର ରୁଜୁ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ନିର୍ବାଚନ କମିଶନ ଡାଟା ଏଣ୍ଟ୍ରି ଅପରେଟର ସୁରୋଜିତ ହଲଦରଙ୍କ ବିରୋଧରେ ମଧ୍ୟ ଏଫଆଇଆର ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟାନୁଷ୍ଠାନ ଭୋଟର ତାଲିକାର ପ୍ରସ୍ତୁତି ଓ ସଂଶୋଧନରେ ଅବହେଳା ଓ ଡାଟା ସୁରକ୍ଷା ଉଲ୍ଲଙ୍ଘନର ଗମ୍ଭୀର ଅଭିଯୋଗ ପାଇଁ ନିଆଯାଇଛି ।

ବଡ଼ ପ୍ଲାନିଂ କରୁଛି ପାକିସ୍ତାନ !

ନୂଆଦିଲ୍ଲୀ,୦୫/୦୮(ନ୍ୟୁ.ଏ):ପାକିସ୍ତାନ ପୁଣି ଥରେ ଭାରତକୁ ଦେଉଛି ଧମକ । ନିକଟରେ ଦ ଇକୋନମିଷ୍ଟକୁ ଦେଇଥିବା ଏକ ଇଣ୍ଟରଭ୍ୟୁ ବେଳେ ISPR ଅର୍ଥାତ୍ ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେସନର ମୁଖପାତ୍ର ଜେନେରାଲ ଅହମ୍ମଦ ଶରିଫ ଚୌଧୁରୀ କହିଛନ୍ତି ଯେ, ଯଦି ପାକିସ୍ତାନ ବିରୋଧରେ ଆଉ କିଛି ସେନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଏ , ତ ଭାରତ ଭିତରେ ପଶି ଆକ୍ରମଣ କରାଯିବ । ସୂଚନା ଯେ, ଭାରତ ୭ ମେ'ରେ ' ଅପରେସନ ସିନ୍ଦୂର' ମାଧ୍ୟମରେ ପାକିସ୍ତାନରେ ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିଦେଇ ଥିଲା । ମିଡ଼ିଆ ରିପୋର୍ଟ ଅନୁସାରେ , ଇକୋନମିଷ୍ଟ ସହ କଥାବାର୍ତ୍ତାରେ ଜେନେରାଲ ଚୌଧୁରୀ କହିଛନ୍ତି ଯେ, ମୁନିର ଭାରତକୁ ଆଲୋଚନାର ଟେବୁଲକୁ ଆଣିବାକୁ ଚାହୁଁଛନ୍ତି । ଚୌଧୁରୀଙ୍କୁ ଭାରତ ପକ୍ଷରୁ ଦିଆଯାଇ ଥିବା ଚେତାବନୀକୁ ନେଇ ମଧ୍ୟ ପ୍ରଶ୍ନ କରାଯାଇଛି, ଯେଉଁଥିରେ ଭାରତ ପକ୍ଷରୁ କୁହାଯାଇ ଥିଲା ଯେ, କୌଣସି ପ୍ରକାରର ଆତଙ୍କବାଦୀ ଘଟଣା ହେବାରେ ଭାରତ ପକ୍ଷରୁ ତତ୍କାଳ ସାମରିକ କାର୍ଯ୍ୟାନୁଷ୍ଠାନ କରାଯିବ । ଏହା ଉପରେ ଚୌଧୁରୀ କହିଛନ୍ତି ଯେ, ପାକିସ୍ତାନ ଏବେ ଭାରତ ଉପରେ ପୂର୍ବରୁ ଆକ୍ରମଣ କରିବ । ସେ କହିଛନ୍ତି , ଆମେ ପୂର୍ବରୁ ଆରମ୍ଭ କରିବୁ । ସେହି ଲୋକଙ୍କୁ ବି ବୁଝିବାକୁ ହେବ ଯେ, ତାଙ୍କ ଉପରେ ବି ପ୍ରତି ସ୍ଥାନରୁ ଆକ୍ରମଣ ହୋଇ ପାରେ । ହେଲେ ଏହି ସମୟରେ ସେ ସ୍ପଷ୍ଟ ସୂଚନା ଦେଇ ନାହାନ୍ତି । ରିପୋର୍ଟ ଅନୁସାରେ, ସେନାର ମୁଖପାତ୍ର ଏହା ମଧ୍ୟ କହିଛନ୍ତି ଯେ, ୧୬ ଅପ୍ରେଲରେ ମୁନିରଙ୍କ ପକ୍ଷରୁ ଦିଆଯାଇ ଥିବା ଭାଷଣରେ ସ୍ପଷ୍ଟ ନଜର ଆସୁଛି ଯେ, ସେ ଭାରତକୁ ନେଇ କଣ ବିଚାର ରଖିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ରାଜ୍ୟସଭାରେ କହିଛନ୍ତି ଯେ, ଜମ୍ମୁ କାଶ୍ମୀରର ପହଲଗାମରେ ୨୬ ଜଣ ନିର୍ଦ୍ଦୋଷ ଲୋକଙ୍କ ଜୀବନ ନେଇଥିବା ତିନି ଜଣ ଆତଙ୍କବାଦୀ ' ଅପରେସନ ମହାଦେବ' ଦ୍ୱାରା ଗୁଳି ବିନିମୟରେ ନିହତ ହୋଇ ସାରିଛନ୍ତି ଏବଂ ଏହି ଆକ୍ରମଣରେ ସେମାନଙ୍କର ସଂପୃକ୍ତିକୁ ବୈଜ୍ଞାନିକ ଭାବେ ପ୍ରମାଣିତ କରାଯାଇଛି । ଶାହ କହିଛନ୍ତି , ମୁଁ ଗୃହ ମାଧ୍ୟମରେ, ଅପରେସନ ମହାଦେବର ସୂଚନା ପୂରା ଦେଶକୁ ଦେବାକୁ ଚାହୁଁଛି । 'ଅପରେସନ ମହାଦେବ'ରେ ସୁଲେମାନ , ଅଫଗାନ ଓ ଜିବ୍ରାନ ନାମରେ ତିନି ଜଣ ଆତଙ୍କବାଦୀ -ସେନା , ସିଆରପିଏଫ୍ ଓ ଜମ୍ମୁ-କାଶ୍ମୀରର ମିଳିତ ଅଭିଯାନରେ ନିହତ ହୋଇଛନ୍ତି । ହମାଙ୍କ ଅନୁସାରେ, ଗତ ୨୨ ଅପ୍ରେଲରେ ଦିନ ୧ଟା ସମୟରେ ପହଲଗାମର ବୈସରନ ଘାଟୀରେ ଆକ୍ରମଣ ହୋଇଥିଲା ଏବଂ ସେ ସନ୍ଧ୍ୟା ୫.୩୦ ଟା ସମୟରେ ଶ୍ରୀନଗରରେ ପହଂଚି ଥିଲେ, ୨୩ ଅପ୍ରେଲରେ ଏକ ସୁରକ୍ଷା ବୈଠକ କରାଯାଇ ଥିଲା ଏବଂ ଏହାର ପୂରା ବ୍ୟବସ୍ଥା କରାଯାଇ ଥିଲା ଯେ, ନୃଶଂସ ହତ୍ୟା କରିଥିବା ହତ୍ୟାକାରୀ ଯେମିତି ଫେରାର ହେବାର ସଫଳ ନହୁଅନ୍ତୁ । ସେ କହିଛନ୍ତି ଯେ, ପୂରା ଟେକ୍ନିକ୍ ଏବଂ ବୈଜ୍ଞାନିକ ଉପାୟରେ ଏହା ସ୍ପଷ୍ଟ କରାଯାଇଛି ଯେ, ଏହି ତିନି ଜଣ ଆତଙ୍କବାଦୀ ୨୨ ଅପ୍ରେଲରେ ପହଲଗାମ ବୈସରନ ଘାଟୀରେ ୨୬ ଜଣ ନିର୍ଦ୍ଦୋଷ ଲୋକଙ୍କ ଜୀବନ ନେଇ ଯାଇ ଥିଲେ ।

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକଶିତ ଭାରତ ଗଠନର ଏକ ମହାନ ଯଜ୍ଞ ଚାଲିଛି : ଶିବରାଜ ସିଂହ

ନୂଆଦିଲ୍ଲୀ,୦୫/୦୮(ନ୍ୟୁ.ଏ):କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ଅଧୀନରେ ଖରିଫ ଋତୁରେ ସର୍ବାଧିକ ଚାଷୀଙ୍କୁ ପଞ୍ଜୀକରଣ କରିବା ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ଗ୍ରାମୀଣ ଜୀବିକା ମିଶନରେ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ସଦସ୍ୟମାନଙ୍କୁ ଅଧିକ ଋଣ ପ୍ରଦାନ କରିବା ସମ୍ପର୍କରେ ସମସ୍ତ ବ୍ୟାଙ୍କ ଏବଂ ରାଜ୍ୟ ସରକାରଙ୍କ ଏକ ଭର୍ଚୁଆଲ୍ ବୈଠକ କରିଛନ୍ତି । ସେ ସମସ୍ତ ବ୍ୟାଙ୍କଗୁଡ଼ିକୁ ମହିଳାମାନଙ୍କୁ ଋଣ ପ୍ରଦାନ ଉପରେ ଧ୍ୟାନ ଦେଇ କଭରେଜ୍ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଏବଂ ଦୂରଦୂରାନ୍ତ ଏବଂ ଅପହଂଚ ଅଂଚଳ ଉପରେ ଧ୍ୟାନ ଦେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ଉତ୍ତମ ଫଳାଫଳ ହାସଲ କରାଯାଇପାରିବ । ଶିବରାଜ ସିଂହ ନିଷ୍ପତ୍ତି ନେଇଛନ୍ତି ଯେ ଚଳିତ ଖରିଫ ଋତୁର ଫସଲ ବୀମାରେ ସର୍ବାଧିକ ସଂଖ୍ୟକ ଚାଷୀଙ୍କୁ ସୁରକ୍ଷା କଭରେଜ୍ ପ୍ରଦାନ କରିବା ପାଇଁ ଅଗଷ୍ଟ ୧୬ ରୁ ୩୦ ପର୍ଯ୍ୟନ୍ତ ଦେଶବ୍ୟାପୀ ଏକ ଅଭିଯାନ ଚଳାଯିବ । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ବିକଶିତ ଭାରତ ଗଠନର ମହାଯଜ୍ଞ ଚାଲିଛି । ସେ କହିଛନ୍ତି ଯେ ଆମ ଦେଶର ବିକାଶର ଗତି ଏବଂ ଦିଗ ଦେଖି ବିଶ୍ୱ ଆଶ୍ଚର୍ଯ୍ୟ ଏବଂ କିଛିଟା ଚିନ୍ତିତ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ଅନେକ ଲକ୍ଷ୍ୟ ହାସଲ କରିଛୁ । ଆଜି ଆମେ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ଏବଂ ତୃତୀୟ ହେବା ଦ୍ୱାରରେ ଅଛୁ । ଏହି ସଫଳତା ପଛରେ ଆମର ଉଭୟ ବିଭାଗର (କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ) ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିବରାଜ ସିଂହ କହିଛନ୍ତି ଯେ ଯେପରି ଭାରତକୁ ଗାଁ ବିନା ଚିହ୍ନି ହେବ ନାହିଁ, ସେହିପରି ଚାଷ ବିନା ଆମ ଦେଶକୁ ଚିହ୍ନି ହେବ ନାହିଁ । କୃଷି ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଏବଂ କୃଷକମାନେ ଏହାର ଆତ୍ମା ଏବଂ ଜୀବନ । ମୋଦି ସରକାର କୃଷକ, ବିଶେଷକରି ଗରିବ, ଗ୍ରାମୀଣ ଏବଂ ଭଉଣୀମାନଙ୍କ କଲ୍ୟାଣ ପାଇଁ ସଂକଳ୍ପବଦ୍ଧ । ବ୍ୟାଙ୍କଗୁଡ଼ିକୁ ଅଭିନନ୍ଦନ ଜଣାଇ ଶିବରାଜ ସିଂହ କହିଛନ୍ତି ଯେ ଏହି ଦୁଇଟି ବିଭାଗରେ ଆମେ ଯେଉଁ ସଫଳତା ହାସଲ କରୁଛୁ ସେଥିରେ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ।

ଯଦି ଆମେ ଋଣ ଋଣଖାତ ବିଷୟରେ କଥା ହେବା, ତେବେ ୯୦ ଲକ୍ଷ ୯୦ ହଜାର ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି, ଯାହା ସହିତ ୧୦ କୋଟିରୁ ଅଧିକ ଭଉଣୀ ଜଡିତ । ବ୍ୟାଙ୍କଗୁଡ଼ିକୁ ପ୍ରଶଂସା କରି ଶିବରାଜ ସିଂହ କହିଛନ୍ତି ଯେ ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ୧୧ ଲକ୍ଷ କୋଟି ଟଙ୍କାର ଋଣ ପାଇଛନ୍ତି । ଆଜି, ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମହିଳା ସଶକ୍ତିକରଣ ପାଇଁ ଏକ ଆନ୍ଦୋଳନ, ଏବଂ 'ଲକ୍ଷପତି ଦିଦି'ର ଆଲୋଚନା ସବୁଠି ଶୁଣାଯାଉଛି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୩ କୋଟି 'ଲକ୍ଷପତି ଦିଦି' ସୃଷ୍ଟି କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ଆମେ ବହୁ ପୂର୍ବରୁ ୧.୫ କୋଟିର ସଂଖ୍ୟା ଅତିକ୍ରମ କରିଛୁ ଏବଂ ଏବେ ନିରନ୍ତର ଏବଂ ଦ୍ରୁତ ଗତିରେ ଆଗକୁ ବଢୁଛୁ । ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ମହାନ ସହଯୋଗ ପାଇଁ ଧନ୍ୟବାଦ, କିନ୍ତୁ କିଛି ବିଷୟ ଅଛି ଯେଉଁଥିରେ ବ୍ୟାଙ୍କ ଏବଂ ରାଜ୍ୟଗୁଡ଼ିକର ଅଧିକ ସହଯୋଗ ଆବଶ୍ୟକ । କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ କହିଛନ୍ତି ଯେ ଅନେକ ରାଜ୍ୟର ପ୍ରଦର୍ଶନ ବହୁତ ଭଲ, କିନ୍ତୁ କିଛି ରାଜ୍ୟ ଏବଂ ରାଜ୍ୟ ଭିତରେ କିଛି ଜିଲ୍ଲା ପଛରେ ପଡ଼ିଛନ୍ତି, ଦୁର୍ବଳ, ତେଣୁ ବ୍ୟାଙ୍କଗୁଡ଼ିକୁ ଅନୁରୋଧ କରାଯାଉଛି ଯେ ଆମେ ଋଣ ସଂଯୋଗରେ ପଛରେ ଥିବା ରାଜ୍ୟଗୁଡ଼ିକ କିମ୍ବା ରାଜ୍ୟର କିଛି ଜିଲ୍ଲା ଯେଉଁମାନେ ପଛରେ ପଡ଼ିଛନ୍ତି, ସେମାନଙ୍କ ପ୍ରଦର୍ଶନରେ କିପରି ଭଲ ପ୍ରୟାସ କରିପାରିବା, ଯାହା ଦ୍ୱାରା ସେମାନଙ୍କର ପ୍ରଦର୍ଶନରେ ମଧ୍ୟ ଉନ୍ନତି ଆସିବ ଏବଂ ଗ୍ରାମୀଣ ଭାରତର ପ୍ରତ୍ୟେକ କୋଣ ଆର୍ଥିକ ଅନ୍ତର୍ଭୁକ୍ତିର ସମ୍ପୂର୍ଣ୍ଣ ଲାଭ ପାଇବ । କଭରେଜରେ ବୃଦ୍ଧି ଘଟିଛି, କିନ୍ତୁ କିଛି ବ୍ୟାଙ୍କ ଅଛି ଯାହା ଜାତୀୟ ହାରଠାରୁ ବହୁତ ତଳେ ଅଛି । କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ମଧ୍ୟ ଉନ୍ନତ ପ୍ରଦର୍ଶନ କରୁଥିବା ବ୍ୟାଙ୍କଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି । ଶିବରାଜ ସିଂହ କହିଛନ୍ତି ଯେ ଦାୟିତ୍ୱ କେବଳ କିଛି ବ୍ୟାଙ୍କର ନୁହେଁ ବରଂ ସମସ୍ତଙ୍କର, ତେଣୁ ବ୍ୟାଙ୍କଗୁଡ଼ିକ ତୁରନ୍ତ ଧ୍ୟାନ ଦେବା ଉଚିତ ଯେ ମହିଳା ଉଦ୍ୟୋଗୀମାନଙ୍କ ପାଖରେ ଋଣ ସଠିକ୍ ଭାବରେ ପହଂଚିବ । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ । ଗ୍ରାମାଂଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଶକ୍ତିକରଣର ସମାର୍ଥକ ହୋଇଗଲାଣି, ଏବେ ଯଦି ଆମକୁ ଲକ୍ଷପତି ଦିଦିଙ୍କ ଲକ୍ଷ୍ୟ ହାସଲ କରିବାକୁ ପଡିବ, ତେବେ ଆମକୁ କେବଳ ସ୍ୱୟଂ ସହାୟକ ଗୋଷ୍ଠୀ ଉପରେ ନୁହେଁ ବରଂ ବ୍ୟକ୍ତିଗତ ଋଣ ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡିବ । ଏଥିରେ ବ୍ୟାଙ୍କଗୁଡ଼ିକ ପଛରେ ପଡ଼ିଥିବା ପରି ମନେ ହେଉଛି, ଯଦି ଦିଦିଙ୍କୁ କୋଟିପତି କରିବାକୁ ପଡିବ, ତେବେ ବ୍ୟକ୍ତିଗତ ଋଣ ମଧ୍ୟ ଦେବାକୁ ପଡିବ । ଶିବରାଜ କହିଛନ୍ତି - ଏହି ଭଉଣୀମାନେ ଏତେ ସତ୍ୟତା ସହିତ କାମ କରୁଛନ୍ତି ଯେ ସାମଗ୍ରିକ ଏନପିଏ କେବଳ ୦.୭% । ବ୍ୟବସାୟ ପ୍ରତିନିଧି (ବିସି) ସଖୀ ନିଯୁକ୍ତି ସମ୍ପର୍କରେ ଶିବରାଜ ସିଂହ କହିଛନ୍ତି ଯେ ପ୍ରାୟ ୧.୪୪ ଲକ୍ଷ ଭଉଣୀଙ୍କୁ ତାଲିମ ଦିଆଯାଇଛି, ଏବଂ ସେ ସମସ୍ତଙ୍କୁ ଶୀଘ୍ର ନିଯୁକ୍ତି ଦେବାକୁ ମଧ୍ୟ କହିଥିଲେ । ସେ କହିଛନ୍ତି ଯେ ୨୦୧୩-୧୪ରେ ଆମର ସଂସ୍ଥାଗତ ଋଣ ୭.୩ ଲକ୍ଷ କୋଟି ଥିଲା, ଯାହା ୨୦୨୩-୨୪ରେ ବୃଦ୍ଧି ପାଇ ୨୫.୪୯ ଲକ୍ଷ କୋଟି ହୋଇଛି, ଏହା ଆମର ସଫଳତା । କିଷାନ କ୍ରେଡିଟ୍ କାର୍ଡ (କେସିସି) ରୁ ଋଣ ମଧ୍ୟ ୨୦୨୪-୨୫ରେ ୧୦.୨୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି, ଏହା ଆମର ସଫଳତା । ମୋଟ ସଂସ୍ଥାଗତ କୃଷି ଋଣ ଆଉ ଘରୋଇ କ୍ଷେତ୍ରରୁ ଆସୁନାହିଁ, ନଚେତ୍ ପୂର୍ବରୁ ଯେତେବେଳେ ଚାଷୀମାନଙ୍କୁ ଟଙ୍କାର ଆବଶ୍ୟକତା ପଡୁଥିଲା, ସେମାନେ ଟଙ୍କା ଦେବା ପାଇଁ ଜଣେ ବ୍ୟକ୍ତିଗତ ବ୍ୟକ୍ତିଙ୍କ ପାଖକୁ ଯାଉଥିଲେ, ତା'ପରେ ସେ ବହୁତ ଉଚ୍ଚ ସୁଧ ହାରରେ ଋଣ ଦେଉଥିଲେ । ଏବେ ୭୫% ଋଣ ବ୍ୟାଙ୍କଗୁଡ଼ିକରୁ ଚାଷୀମାନଙ୍କୁ ଯାଉଛି । କ୍ଷୁଦ୍ର ଏବଂ ସୀମାନ୍ତ ଚାଷୀମାନେ ମଧ୍ୟ ଅଧିକ ଲାଭ ପାଉଛନ୍ତି । ହାରାହାରି ଋଣ ଆକାର ୧.୨୭ ଲକ୍ଷକୁ ବୃଦ୍ଧି ପାଇଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das